R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୦
ତିଥି : ପୂର୍ଣ୍ଣିମା
୦୭ ସେପ୍ଟେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗନ ତରଙ୍ଗ ଟାବଲଏଡ ସହ

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ


Vol. - XXIX, No. 330
07 Sept 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଅଦିନିଆ ସ୍ନାନଯାତ୍ରା, ରଥଯାତ୍ରା ଗ୍ରହଣୀୟ ନୁହେଁ

# ୫୦ ବର୍ଷ ଧରି ଇସ୍କନ ଅଦିନିଆ ରଥଯାତ୍ରା କରୁଛି : ଗଜପତି

ଭୁବନେଶ୍ୱର,୬।୯(ସବ୍ୟୁ): ଇସ୍କନ ପକ୍ଷରୁ ଅଦିନିକିଆ ସ୍ନାନ ଯାତ୍ରା ଆଦୌ ଗ୍ରହଣୀୟ ନୁହେଁ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୁଖ ନିସୃତ ନିର୍ଦ୍ଦେଶ ପବିତ୍ର ଶାସ୍ତ୍ର ତଥା ମହର୍ଷୀ ବେଦବ୍ୟସଙ୍କ ରଚିତ ପୁରାଣ ତଥା ଅନନ୍ତକାଳରୁ ପ୍ରତିଷ୍ଠିତ ପରମ୍ପରାକୁ ଆକଳନ କରି ମୂଳପୀଠ ଶ୍ରୀମନ୍ଦିରରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଜନ୍ମତିଥିରେ ସ୍ନାନଯାତ୍ରା ଅନୁଷ୍ଠିତ ହେଉଛି। ସେହିପରି ଚତୁର୍ଦ୍ଧା ଦାରୁ ବିଗ୍ର ନିଜ ଜନ୍ମସ୍ଥାନ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ରଥରେ କରୁଥିବା ଯାତ୍ରାକୁ ରଥାଯାତ୍ରା ଭାବେ ପାଳନ କରାଯାଉଛି। ତେବେ କିଛି ଦଶନ୍ଧୀ ହେଲା ଲକ୍ଷ୍ୟ କରାଯାଉଛି ଯେ ଇସ୍କନ ଏହି ପରମ୍ପରାକୁ



ବିଶିଷ୍ଟ ଏକ ରିପୋର୍ଟ ଇସ୍କନ କର୍ତ୍ତୃପକ୍ଷ ପଠାଇଛନ୍ତି। ଇସ୍କନ କର୍ତ୍ତୃପକ୍ଷ କ'ଣ ଉତ୍ତର ଦେଉଛନ୍ତି ତାହା ଦେଖିବାକୁ ଆୟେଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଢ଼ୀ କହିଥିଲେ ଯେ ଇସ୍କନ ପକ୍ଷରୁ ଭାରତ ଓ ବିଦେଶରେ ଅସମୟରେ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ଗଜପତି ମହାରାଜ ଅନେକଥର ଇସ୍କନ କର୍ତ୍ତୃପକ୍ଷଙ୍କୁ ଅନେକଥର ଏନେଇ ଚିଠି ଲେଖିଛନ୍ତି।

### ଇସ୍କନର ଉତ୍ତରକୁ ଅପେକ୍ଷା କରାଯାଇଛି

### ବିଦେଶରେ ୬୮ ଇସ୍କନ ମନ୍ଦିରରେ ପରମ୍ପରା ଉଲ୍ଲଘଂନ

ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ ପୁରୀ ରଥଯାତ୍ରା ସମୟରେ ଭାରତ ଓ ବିଦେଶରେ ରଥଯାତ୍ରାର ଆୟୋଜନ କରାଯାଉ। ଶାସ୍ତ୍ର (୯ ପୃଷ୍ଠାରେ)

## ସମ୍ବଲପୁରରେ ନୂଆଁଖାଇ ଭେଟଘାଟ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ପ୍ରତି ଜିଲ୍ଲାରେ ହେବ ଶିଳ୍ପାୟନ : ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୬।୯ (ସବ୍ୟୁ) : ରାଜ୍ୟ ସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ଆଜି ସମ୍ବଲପୁରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ

### ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରାଯିବ

ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଆମ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଥିଲେ ।

ସମ୍ବଲପୁର ହେଉଛି ବୀରତ୍ୱର ମାଟି। ଏଣୁ ସମ୍ବଲପୁର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ



ସଂଗ୍ରାମ ପୀଠ ଗୁଡିକର ଉନ୍ନତିକଣାର ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଧାନ କେବଳ ଖାଦ୍ୟଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର (୯ ପୃଷ୍ଠାରେ)

# ଜିଏସ୍‌ଟି ସଂସ୍କାର ମଧ୍ୟବିତ୍ତଙ୍କୁ ଦେବ ଫାଇଦା : ଅଶ୍ୱିନୀ

ନୂଆଦିଲ୍ଲୀ, ୬।୯ (ଏଜେନ୍ସି): କେନ୍ଦ୍ର ସରକାର ନିକଟରେ ଦ୍ରବ୍ୟ ଓ ସେବା କର (ଜିଏସଟି)ରେ ନୂଆ ସଂସ୍କାର ଆଣିଛନ୍ତି। ଯାହା ଦେଶର ନାଗରିକ ମୁଖ୍ୟତଃ ମଧ୍ୟବିତ ପରିବାରକୁ ବେଶ ଫାଇଦା ହେବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି ଯେ ଏହା ଆମ ଅର୍ଥନୀତିକୁ ନୂଆ ଶକ୍ତି ଦେବ ।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପୂର୍ବରୁ ୧୨ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଆୟକର ଛାଡ କରାଯାଇଥିଲା। ଏବେ ଜିଏସଟିର ସରଳିକରଣ କରାଯିବା ପରେ ମଧ୍ୟବିତ ପରିବାର ଅଧିକ ସୁବିଧା ପାଇବେ। ବିଶେଷକରି ଖାଦ୍ୟ, (୯ ପୃଷ୍ଠାରେ)

# ଆପୋଷ ବୁଝାମଣାରେ ସମାଧାନ ହେବ ମହାନଦୀ ଜଳ ବିବାଦ

ଭୁବନେଶ୍ୱର, ୬।୯: ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଚାଲିଥିବା ଜଳ ବିବାଦର ଆପୋଷ ବୁଝାମଣା ସମାଧାନ ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୧୧ ସୁଧା ବୁଝାମଣାର ଅଗ୍ରଗତି ଜଣାଇବାକୁ ମହାନଦୀ ଟ୍ରିବୁନାଲ ଉଭୟ ପକ୍ଷଙ୍କୁ କହିଛନ୍ତି। ଅଗଷ୍ଟ ୨ରୁ ଆଜିସୁଦ୍ଧା ଏ ଦିଗରେ ହୋଇଥିବା ଅଗ୍ରଗତି ନେଇ ମଧ୍ୟ ଟ୍ରିବ୍ୟୁନାଲକୁ ଓଡ଼ିଶା ଅବଗତ କରାଇଥିବା ସୂଚନା ମିଳିଛି।

ଛତିଶଗଡ଼-ମହାନଦୀ ଜଳ ବିବାଦ ନେଇ ଆଜି ମହାନଦୀ ଟ୍ରିବୁନାଲରେ ଶୁଣାଣି ହୋଇଥିଲା। ଓଡ଼ିଶା ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋଷ ବୁଝାମଣା ଚାଲିଛି। ଅକ୍ଟୋବର ୧୧ ସୁଧା ବୁଝାମଣା ସମ୍ପର୍କରେ ଜଣାଇବାକୁ ଟ୍ରିବୁନାଲ କହିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ବିବାଦର ସମାଧାନ ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ତାହା ଟ୍ରିବ୍ୟୁନାଲକୁ ଅବଗତ କରାଯାଇଛି। ଦୁଇ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆପୋଶ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଓଡ଼ିଶା ପ୍ରୟାସ କରୁଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ବିଏମ୍ ତ୍ରିବେଦୀ ଓଡ଼ିଶାର ଏହି ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ମହାନଦୀ ଜଳବିବାଦ ହେଉଛି ରାଜନୈତିକ ପ୍ରସଙ୍ଗ। ଏହାର ସମାଧାନ କେବଳ ଦୁଇ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହାର୍ଦ୍ଦପୂର୍ଣ୍ଣ ଆଲୋଚନା ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ସମ୍ଭବ। ପ୍ରାୟ ୪୦ଟି ମୁଖ୍ୟ ବିଭାଗୀୟ ପ୍ରସଙ୍ଗ ଏବେବି ଅସୀମାଂସିତ ରହିଛି। ଯାହାକୁ ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍ ନିୟମିତ ବୈଠକ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓ କେନ୍ଦ୍ର (୯ ପୃଷ୍ଠାରେ)

## ପଲଟିଲେ ଟ୍ରମ୍ପ, ମୋଦୀ ସବୁ ସମୟର ବନ୍ଧୁ

# ମନ୍ତବ୍ୟକୁ ମୋଦୀଙ୍କ ପୂର୍ଣ୍ଣ ସମର୍ଥନ



ନୂଆଦିଲ୍ଲୀ, ୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ଣ୍ଣ ସମାଧାନକୁ ଜଣାଇଛନ୍ତି। ଟ୍ରମ୍ପ ଆଜି ସୋସିଆଲ ମିଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ କହିଛନ୍ତି ଯେ ଆମେ ସର୍ବଦା ବନ୍ଧୁ। ଏହାପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନାକୁ ଗମ୍ଭୀରତାର ସହିତ ସ୍ୱୀକାର କରୁଛି। ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଉଛି।

ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ଅତ୍ୟନ୍ତ ସକରାତ୍ମକ ଏବଂ ଦୂରଦର୍ଶୀ ବ୍ୟାପକ ତଥା ବିଶ୍ୱସ୍ତରୀୟ ରଣନୀତିକ ଭାଗିଦାରୀ ରହିଛି। ଆମ ସମ୍ପର୍କକୁ (୯ ପୃଷ୍ଠାରେ)

# ସାର କଳାବଜାରୀ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୯ (ସବ୍ୟୁ): ରାଜ୍ୟରେ ସାରର ଅଭାବୀ ବିକ୍ରି ହୋଇଥିବା ବେଳେ କୃଷି ଓ ସମବାୟ ବିଭାଗର ଏବେ ଚେତା ପଶିଛି । ରାଜ୍ୟରେ ଶୃଙ୍ଖଳିତ ସାର ଯୋଗାଣର ସ୍ଥିତି ଉପରେ ସମୀକ୍ଷା ହୋଇଛି । ଚଳିତ ସେପେଟମ୍ବର ମାସରେ ମୋଟ୍ ୮୦,୦୧୪ ମେଟ୍ରିକ ଟନ୍‌ୟୁରିଆ ସାର ଚାଷୀମାନଙ୍କୁ ଯୋଗାଇ ଦିଆଯିବ । ଏହି ସମସ୍ତ ସାର ମାର୍କଫେଡ୍ ଜରିଆରେ ପାକ୍ସ/ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀମାନଙ୍କୁ ମିଳିବ । ଏହାଦ୍ୱାରା ଚାଷୀମାନେୟୁରିଆ ସାର ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ସରକାର ଶୃଙ୍ଖଳିତ ସାର ଯୋଗାଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ଏହାସହକୃଷକମାନଙ୍କ (୯ ପୃଷ୍ଠାରେ)

# ଆଜି ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୬।୯ (ସବ୍ୟୁ) : ୭ ତାରିଖରେ ସମ୍ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦୃଶ୍ୟମାନ ହେବ। ଏହା ସମଗ୍ର ଦେଶରେ ଦୃଶ୍ୟମାନ ହେବ ବୋଲି ସୂଚନା ମିଳିଛି। ଧାର୍ମିକ ବିଶ୍ୱାସ ଅନୁସାରେ ଏହାକୁ ଏକ ଅଶୁଭ ସମୟ ବୋଲି ବିବେଚନା କରାଯାଏ। ଭାରତ ସହ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ୟୁରୋପ, ଆଣ୍ଟାର୍କଟିକା ଓ ଭାରତ ମହାସାଗରରେ ମଧ୍ୟ ଏହା ଦେଖାଦେବ। ଶ୍ରୀମନ୍ଦିରରେ ଏନେଇ ସ୍ୱତନ୍ତ୍ର ନୀତିକାନ୍ତି ପ୍ରସ୍ତୁତ ହୋଇଛି। ଆସନ୍ତାକାଲି ମଧ୍ୟାହ୍ନ ୧୨.୫୭ ମିନିଟ୍ ୨୨ ସେକେଣ୍ଡରେ ପାକତ୍ୟାଗ ଓ ଦେବନୀତି ନିଷେଧ ରହିଛି। ପୁରୀ ଶ୍ରୀମନ୍ଦିରରେ ଏହାକୁ (୯ ପୃଷ୍ଠାରେ)

# ବଜ୍ରପାତରେ ୩୦ରୁ ଉର୍ଦ୍ଧ୍ୱ ଆହତ

ଦେବଗଡ, ୬।୯(ସବ୍ୟୁ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗ୍ରାମରେ ବଜ୍ରପାତରେ ୩୦ରୁ ଉର୍ଦ୍ଧ୍ୱ ଆହତ । ଶନିବାର ଚିତ୍ରକୁଟ ପର୍ବତ ଉପରେ ଗିରି ଗୋବର୍ଦ୍ଧନ ପୂଜା ଚାଲିଥିବା ବେଳେ ହଠାତ ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୩୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତ ମାନଙ୍କୁ ନିକଟସ୍ଥ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା, କୋଶଳା ଓ କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଯାଉଛି । ଆହତ ମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି ।



ପ୍ରତି ବର୍ଷ ରାମନବମୀ ଓ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଚିତ୍ରକୂଟ ପାହାଡରେ ଗିରି ଗୋବର୍ଦ୍ଧନ ପୂଜା ହୋଇଥାଏ । ବର୍ଷା ହେବା ପାଇଁ ଓ ବିଭିନ୍ନ ଚର୍ମ ରୋଗରୁ ମୁକ୍ତି ପାଇଁ ଶ୍ରଦ୍ଧାଳୁ ଓ ମାନସିକଧାରୀ ମାନେ ଉକ୍ତ ପୂଜାରେ ଯୋଗ ଦେଇଥାନ୍ତି । ପୂଜାରେ ଟିକିରା ନଦୀରୁ ପୁରୁଷ ଓ ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା ସମ୍ପର୍ନ୍ନ ହୋଇଥିଲା । ଛେଣ୍ଡିପଦା ବ୍ଲକର ଟାଙ୍ଗୁଡ଼ିଆ ମଠର ବାବା ଚନ୍ଦ୍ରଶେଖର ମହାରାଜ ଜୀ ଆସି ହୋମଯଜ୍ଞ କରୁଥିଲେ । ପୂଜାରେ ଜରାଛାଟ, କଙ୍କଡ଼ାଝରଣ, ବୁଲ ଗ୍ରାମ ସହ ନିକଟସ୍ଥ ଗ୍ରାମର ଭକ୍ତ ମାନେ ଉପସ୍ଥିତ (୯ ପୃଷ୍ଠାରେ)



"ସମୟ"ର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସମୟ ପରିବାର ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।



# ଓଡ଼ିଶା ସବୁଜ ବିପ୍ଳବର ସୂତ୍ରଧର

ଓଡ଼ିଶାରେ ୮୦ ଦଶକରେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ ଅବିଭକ୍ତ କଟକ ଜିଲ୍ଲା ତିର୍ତ୍ତୋଲ ନିକଟସ୍ଥ ତୁଲଙ୍ଗ ମାଟିର ସୁପୁତ୍ର ବସନ୍ତ କୁମାର ବିଶ୍ୱାଳ । ମନରେ ଦୃଢ଼ ସଂକଳ୍ପ, ଅସୁମାରୀ ସ୍ୱପ୍ନ, ନୂତନ ଓଡ଼ିଶା ଗଠନର ପରିକଳ୍ପନା ନେଇ ରାଜନୀତି ଆରମ୍ଭ କରିଥିଲେ ବସନ୍ତ ବାବୁ । ୧୯୮୦ ରେ ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ତିର୍ତ୍ତୋଲ ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇ ବିଧାନସଭାରେ ପ୍ରବେଶ କରିଥିଲେ । ନିର୍ବାଚନ ପରେ ରାଜ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ ହେଲା । ବସନ୍ତ ବାବୁ ମନ୍ତ୍ରୀ ହେଲେ । ରାଜ୍ୟରେ ଭିନ୍ନ ଧରଣର ବିକାଶ କାମ ଆରମ୍ଭ ହେଲା । ୧୯୮୦ରୁ ୧୯୮୫ ମଧ୍ୟରେ ବିଭିନ୍ନ ଉନ୍ନୟନ ମୂଳକ କାମର ମୂଳଦୂଆ ପଡ଼ିଲା । କଟକରେ ରିଂ ରୋଡ଼ କାମର ଶୁଭାରମ୍ଭ, ମହାନଦୀ ବ୍ୟାରେଜ ନିର୍ମାଣ ତାଙ୍କର ବଳିଷ୍ଠ ପଦକ୍ଷେପ । ଅବିଭକ୍ତ କଟକ ଜିଲ୍ଲାରେ ଅନେକ ଉନ୍ନୟନ କାମ ହୋଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଶେଷ କରିଥିଲେ ବସନ୍ତ ବାବୁ । ୧୯୮୦ରୁ ୧୯୮୫, ୧୯୯୦ରୁ ୧୯୯୫, ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ନିର୍ବାଚିତ ପ୍ରତିନିଧି ହୋଇ କ୍ଷମତାରେ ଥିଲେ । ଏହି ସମୟକୁ ଆଧୁନିକ ଓଡ଼ିଶା ବିକାଶର ସ୍ୱର୍ଣ୍ଣିମ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ରାଜନୈତିକ ନିଷ୍ପତ୍ତି ନୁହେଁ । ଜଣେ ଦରଦୀ ମଣିଷ ଭାବେ ତାଙ୍କର ଦୃଷ୍ଟିକୋଣ ରହିଥିଲା ଭିନ୍ନ । ଅତ୍ୟନ୍ତ ନିକଟରୁ ସେ ଦେଖିଥିଲେ ଓଡ଼ିଶା ଭୁଖଣ୍ଡର ଦାରିଦ୍ର୍ୟକୁ । ଜଣେ ପ୍ରବୀଣ ସଂଗଠକ ଭାବେ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଜାତୀୟ ଉପ ସଭାପତି ପଦ ନିଷ୍ଠାର ସହ ସମ୍ଭାଳି ଥିଲେ ସେ । ସ୍କାଉଟ ଏଣ୍ଡ ଗାଇଡ଼କୁ ତାଙ୍କର ବଳିଷ୍ଠ ଅବଦାନ ପାଇଁ ୧୯୯୪ରେ ଭାରତୀୟ ସ୍କାଉଟ ଏଣ୍ଡ ଗାଇଡ଼ର ସର୍ବୋଚ୍ଚ ସମ୍ମାନ ହ୍ୱାଇଟ୍ ଏଲିଫ୍ୟାଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବସନ୍ତ ବାବୁ ୧୯୯୮ରେ ଜଣେ ବଳିଷ୍ଠ ସଂଗଠକର ପ୍ରମାଣ ଦେଇ ଦେଶ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଖୋର୍ଦ୍ଧା ଜିଲ୍ଲା ବରୁଣେଇରେ ଆୟୋଜିତ ହୋଇଥିଲା ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଆର୍ନ୍ତଜାତୀୟ ସମ୍ମିଳନୀ । ଏହି ସମ୍ମିଳନରେ ୪୫ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ସାମିଲ ହୋଇଥିଲେ । ସେହି ସମୟରେ ୪୨ଗୋଟି ଦେଶର ଖାଦ୍ୟ ପସ୍ତୁତ ହେଉଥିବା କହିଛନ୍ତି ସେତେବେଳେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କଳାହାଣ୍ଡି ଜିଲ୍ଲା ସ୍କାଉଟ ଏଣ୍ଡ ଗାଇଡ଼ର ସଭାପତି ଶାନ୍ତନୁ କୁମାର ବେହେରା । ସମଗ୍ର ଆୟୋଜନରେ ତୃଟି ଶୂନ୍ୟ ଥିଲା ଆତିଥ୍ୟ । ଏହି ଆୟୋଜନ ପରେ ବସନ୍ତ ବାବୁ ଜଣେ ଦକ୍ଷ ସଙ୍ଗଠକ ଭାବେ ଦେଶ ଓ ଦେଶ ବାହାରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ।


ଅତ୍ୟନ୍ତ ନିକଟରୁ ସେ ଦେଖିଥିଲେ ଓଡ଼ିଶାର ଦାରିଦ୍ର୍ୟକୁ ଓ ତାର କାରଣ ମଧ୍ୟ ପରଖିଥିଲେ । ଜଣେ ଅନୁଭବୀ ମଣିଷ ଭାବରେ ପ୍ରାଚୁର୍ଯ୍ୟରେ ରହିଥିଲେ ହେଁ ତାଙ୍କ ହୃଦୟ ସଦାସର୍ବଦା ଦୁଃଖରେ ଆଉଟୁପାଉଟୁ ହେଉଥିବା ଲୋକଙ୍କ ପାଇଁ ବ୍ୟାକୁଳ ଥିଲା । ଆଦର୍ଶ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାର ରାଜନୈତିକ ଇତିହାସରେ ସୃଷ୍ଟି କରିଥିଲେ କର୍ମସଫଳତା ଓ ପ୍ରତିବଦ୍ଧତାର ସୃଜନଶୀଳତା । ୧୯୮୫ରୁ ୨୦୦୦ ମସିହା ସମୟ ଥିଲା ତାଙ୍କ ବ୍ୟକ୍ତିତ୍ୱ ପରିପ୍ରକାଶର ଆଉ ଏକ ପରିପାଟୀ । ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ଶାସନ କରୁଥିବା କଂଗ୍ରେସ ଦଳର ତତ୍କାଳୀନ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଶାସନ ଅଳଙ୍କୃତ କରିଥିଲେ । କୃଷି, ସମବାୟ, ଜଳସେଚନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଅତି ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ସାମଗ୍ରିକ ଭାବେ ୧୯୮୦ରୁ ୨୦୦୦ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଓଡ଼ିଶାରେ ଏକ ମୂଳଦୂଆ ପଡ଼ିଥିଲା । ୮୦ ଦଶକରେ ଭୋକର ଭୁଗୋଳ ଭାବେ କୁଖ୍ୟାତି ଅର୍ଜନ କରିଥିବା ଅବିଭକ୍ତ କଳାହଣ୍ଡି ଜିଲ୍ଲାରେ ବିଭିନ୍ନ ଜଳସେଚନ ପ୍ରକଳ୍ପର କାମ ଆରମ୍ଭ ହେଲା । ଇନ୍ଦ୍ରାବତୀ ପ୍ରକଳ୍ପର ବାମ କେନାଲ କାମ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରି ଜାପାନ ସରକାରଠାରୁ ଋଣ ଆଣିଲେ ଓଡ଼ିଶା ସରକାର । ଏହା ସରକାରର ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ପ୍ରକଳ୍ପ କାମ ଆରମ୍ଭ ହେଲା । ଫଳରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡର( ଗୋଲାମୁଣ୍ଡା ବ୍ଲକକୁ ଛାଡ଼ି) ୪୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମି ଆଜି ଜଳସେଚିତ । ୮୦ ଦଶକରେ ୭ ପ୍ରତିଶତ ଜଳସେଚିତ ଥିବା କଳାହାଣ୍ଡି ଆଜି ଦିନରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷ ଜମି ଜଳସେଚିତ । କୃଷକ ଆର୍ଥିକ କ୍ଷେତ୍ରରେ ସମୃଦ୍ଧ ହୋଇଛି । କଳାହଣ୍ଡି ମାନଚିତ୍ରରେ ସବୁଜ ବିପ୍ଳବ ସୃଷ୍ଟି ହେଉଛି । ୧୭୦୦ କୋଟି ଟଙ୍କାର ଇନ୍ଦ୍ରାବତୀ ପ୍ରକଳ୍ପ ହେବା ପରେ ସେଠାରୁ ୬ଶହ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି । ସେଠାକାର ଲୋକେ ଚାଷ ଜମିକୁ ଜଳସେଚନର ସୁବିଧା ସହ ବିଦ୍ୟୁତ ମଧ୍ୟ ପାଉଛନ୍ତି । ଏହା ହେଉଛି ବାସ୍ତବ ବିକାଶ । ଏଭଳି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ ବସନ୍ତ ବାବୁ । ଅନ୍ୟ ଜଳସେଚନ ପ୍ରକଳ୍ପ ମଧ୍ୟରେ ଆଜିକାର ନୂଆପଡ଼ା ଜିଲ୍ଲାରେ ଲୋୟର ଇନ୍ଦ୍ର ପ୍ରକଳ୍ପ , ପତୋରା ଡ୍ୟାମ, ରେଙ୍ଗାଲି ନଦୀବନ୍ଧ ଯୋଜନା, ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ । କିନ୍ତୁ ଦୁଃଖର ବିଷୟ ବସନ୍ତ ବାବୁଙ୍କ ଦ୍ୱାରା ଭିତ୍ତିଭୂମି ପଡ଼ିଥିବା ଜଳସେଚନନ ପ୍ରକଳ୍ପ ପରବର୍ତ୍ତୀ ସମୟରେ ମାଟି ଟିକକ ମଧ୍ୟ ପଡ଼ିନଥିବା ସାମ୍ବାଦିକ ଶାନ୍ତନୁ ବେହେରା କହିବା ସହିତ କ୍ଷୋଭ ପ୍ରକାଶ କରିଛନ୍ତି । ବସନ୍ତ ବାବୁ ସମଗ୍ର ଓଡ଼ିଶାକୁ ଠିକ୍ ଭାବେ ଅନୁଶୀଳନ କରିଥିଲେ । **ଜଳସେଚନନ କୃଷି ପାଇଁ ମୁଖ୍ୟ ବୋଲି ବୁଝି ତାର ପଦକ୍ଷେପ ନେଉତିଲେ । ସେଥିପାଇଁ ତାଙ୍କୁ କୁହାଯାଏ ଆଧୁନିକ ଓଡ଼ିଶା ସବୁଜ ବିପ୍ଳବର ସୂତ୍ରଧର । ବସନ୍ତ ବାବୁ ଯେଉଁ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଉଥିଲେ ତାହକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବଦ୍ଧପରିକର ଥିଲେ ।** ସେ ଜାଣିଥିଲେ ପ୍ରକଳ୍ପ ତାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେଲେ ଖର୍ଚ୍ଚ ବଢ଼ିବ ନାହିଁ । ଏହି ଦୂରଦର୍ଶୀ ଶାସକଙ୍କୁ ଆଜି ଝୁରିଛି ଓଡ଼ିଶା ।

ଅନ୍ୟ ଏକ ଘଟଣାକୁ ଏଠାରେ ଉଲ୍ଲେଖ କରୁଛି । ୧୯୯୫ରେ ରାଜେନ୍ଦ୍ର କଲେଜ ବଲାଙ୍ଗିରରର ସୁବର୍ଣ୍ଣ ଜୟନ୍ତି ପାଳନର ବର୍ଷ ଥିଲା । ପୂର୍ବତନ ଛାତ୍ର ସଂସଦର ସଭାପତି ଲଳିତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସି ତତକାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କୁ ସାକ୍ଷାତ କରି କଲେଜ ସୁବର୍ଣ୍ଣ ଜୟନ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଅନୁରୋଧ କଲେ । ଏହି କାର୍ଯ୍ୟକ୍ରମକୁ ଯିବାକୁ ସମ୍ମତି ଦେବା ପୂର୍ବରୁ ଏହି ପ୍ରତିନିଧି ଦଳ ସହ କଲେଜର ବିଭିନ୍ନ ସମସ୍ୟା ସହ ଆଲୋଚନା କଲେ ବସନ୍ତ ବାବୁ । ବସନ୍ତ ବାବୁ କହିଲେ ତୁମ କଲେଜର ଏହି ସମସ୍ୟା ଗୁଡ଼ିକର ସମାଧାନ ଯଦି ମୁଁ ତୁମ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୂର୍ବରୁ କରିପାରିବି ତାହେଲେ କାର୍ଯ୍ୟକ୍ରମକୁ ଯିବି । ନଚେତେ ମୁଁ କାହିଁକି ଯିବି ? ବାସ୍ତବରେ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦାନ କଲେ ବସନ୍ତ ବାବୁ ଓ ତା ପୂର୍ବରୁ ସମସ୍ତ ସମସ୍ୟାର ସମାଧାନ ହୋଇସାରିଥିଲା । ଏପରି ବିରଳ ବ୍ୟକ୍ତିତ୍ୱ ରାଜନୀତିରେ କ୍ୱଚିତ ଦେଖିବାକୁ ମିଳନ୍ତି । ସୁନାକୁ ପୋଡ଼ିଲେ ଯେପରି ସୁନାର ଦିପ୍ତୀମନ୍ତ ରୂପ ଆହୁରି ଜାଜଲ୍ୟମାନ ହୋଇଥାଏ, ଠିକ୍ ସେହିପରି ବସନ୍ତ ବାବୁଙ୍କ ବ୍ୟକ୍ତିତ୍ୱ, ପରାକାଷ୍ଠା, ସ୍ୱାଭିମାନ ଅଙ୍ଗୀକାର ବଦ୍ଧତା, ସୃଜନଶୀଳତା,ଚିନ୍ତାଶକ୍ତି ଏବଂ କାର୍ଯ୍ୟଦକ୍ଷତା କିଛି ସମୟରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ସେଥିରେ କୃତକାର୍ଯ୍ୟ ହୋଇ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ତ୍ୟାଗ , ଉତ୍ସର୍ଗୀକୃତ ସେବା ଓ ବିବେକର ଆହ୍ୱାନରେ କାର୍ଯ୍ୟକରିବା ଥିଲା ବସନ୍ତ ବାବୁଙ୍କ କର୍ମମୟ ଜୀବନର ସବୁଠାରୁ ବଡ଼ ସମ୍ପତ୍ତି । ସେହି ଭାବାବେଗ ସହିତ ନିଜ ଜୀବନକୁ ପ୍ଲାବିତ କରି ଆଜି ବସନ୍ତ ବାବୁ ଆମ ପାଇଁ ନିଶ୍ଚିତ ଭାବରେ ଏକ ଆଦର୍ଶ ପାଲଟି ଯାଇଛନ୍ତି ।

**ସତ୍ୟ ସୁନ୍ଦର ଭଞ୍ଜ**
**ବରିଷ୍ଠ ସାମ୍ବାଦିକ, ମୋ ୯୪୩୭୧୫୦୬୩୨**



**ସ୍କାଉଟ ଏଣ୍ଡ ଗାଇଡ଼କୁ ତାଙ୍କର ବଳିଷ୍ଠ ଅବଦାନ ପାଇଁ ୧୯୯୪ରେ ଭାରତୀୟ ସ୍କାଉଟ ଏଣ୍ଡ ଗାଇଡ଼ର ସର୍ବୋଚ୍ଚ ସମ୍ମାନ ହ୍ୱାଇଟ୍ ଏଲିଫ୍ୟାଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବସନ୍ତ ବାବୁ ୧୯୯୮ରେ ଜଣେ ବଳିଷ୍ଠ ସଂଗଠକର ପ୍ରମାଣ ଦେଇ ଦେଶ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଖୋର୍ଦ୍ଧା ଜିଲ୍ଲା ବରୁଣେଇରେ ଆୟୋଜିତ ହୋଇଥିଲା ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଆର୍ନ୍ତଜାତୀୟ ସମ୍ମିଳନୀ ।**







ସପରିବାର



ପ୍ରିନ୍ସ ଚାର୍ଲ୍ସ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ସହ...



ଗୋଟିଏ ମଞ୍ଚରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ବସନ୍ତ ବିଶ୍ୱାଳ







ସମ୍ବଲପୁରରେ ନୂଆଖାଇ ଭେଟ୍ ଘାଟର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୨ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗର ଜବତ: ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶଥାନା ପୁଲିସ ସ୍ଥାନୀୟ ସାମନ୍ତରାପୁର ସିଦ୍ଧେଶ୍ୱର ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଶାଗୁଆନବଗିଚା ର ନିରଞ୍ଜନ ପରମାଣିକ ଓରଫ୍ ଚଗୁ (୩୪)। ତାଠାରୁ ୨୦ଗ୍ରାମ ଓଜନ ର ବ୍ରାଉନସୁଗର ସମେତ ୨ଟି ମୋବାଇଲ ଫୋନ,ଓଡି ୩୩ ଏଜି୨୧୪୮ ନଂ ବିଶିଷ୍ଟ ଗୋଟିଏ ପଲସର୍ ମୋଟରସାଇକେଲ କୁ ପୁଲିସ ଜବତ ହୋଇଛି ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୁଚନା ଦେଇଛନ୍ତି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ହେବ ବୋଲି କହିଥିଲେ।

ପ୍ରକାଶ ଥାଉକି, ନିରଞ୍ଜନ ଉକ୍ତ ମନ୍ଦିର ନିକଟରେ ବ୍ରାଇସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ସବ୍ ଇନ୍ସପେକ୍ଟର ବି.କେ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଉପୋରକ୍ତ ସ୍ଥାନରେ ଚଢାଉ କରାଯାଇଥିଲା ।ଚଢାଉ ସମୟରେ ସନ୍ଦେହ ଜନକ ଅବସ୍ଥାରେ ଛିଡ଼ା ହୋଇଥିବା ନିରଞ୍ଜନ ପୋଲିସକୁ ଦେଖି ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସର ଏହି ସ୍ୱତନ୍ତ୍ର ଟିମ୍ ନିରଞ୍ଜନକୁ କାବୁ କରିବାରେ ସକ୍ଷମ ହୋଇଥିଲା। ଏ ସଂକ୍ରାନ୍ତରେ ଆଦର୍ଶ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା କେସ ନଂ ୩୮୫/୨୫ରେ ରୁଜୁ କରାଯାଇ ନିରଞ୍ଜନକୁ ଗିରଫ କରାଯାଇଥିବାର ଏସପି ଶ୍ରୀ ଶର୍ମା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସଆଇ ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତଥିଲେ।

## ଡବଲ ଇଞ୍ଜିନ ସରକାର ଚାହିଁଲେ ପେଟ୍ରୋଲ୍, ଡିଜେଲ ଦର କମି ପାରନ୍ତା : ପଞ୍ଚାନନ

ଭୁବନେଶ୍ୱର, (ସବ୍ୟୁ): କେରଳ ଓ କର୍ଣ୍ଣାଟକ ରାଜ୍ୟ ବିରୋଧ କରିବା ଯୋଗୁଁ ଚଳିତ ଜିଏସଟି ବୈଠକରେ ମଧ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରାଯାଇପାରିଲା ନାହିଁ । ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଚାହିଁଥିଲେ ରାଜ୍ୟ ହରାଇବାକୁ ଥିବା ରାଜସ୍ୱକୁ ଭରଣା କରିପାରିଥାନ୍ତେ । କିନ୍ତୁ ତାହା ନ ହେବା ଫଳରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ବାଟ ସରକାର ଫିଟାଇଲେ । ଫଳରେ ଦରଦାମ କମିବା ପରିବର୍ତ୍ତେ ବଢିବାର ସୂଚନା ମିଳିଲାଣି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି । ପିସିସି ମିଡିଆ ସେଲ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନଗୋ ଆହୁରି କହିଛନ୍ତି, ନୂଆ ଜିଏସଟି ନିୟମ ଅନୁସାରେ ଓଡିଶାର ମଧ ପ୍ରଭୂତ କ୍ଷତି ହେବ । ସରକାର ଯେଉଁ ୧୮ ହଜାର କୋଟି ଟଙ୍କାର ଲାଭ କଥା କହୁଛନ୍ତି ପ୍ରକୃତପକ୍ଷେ ଏତିକି କ୍ଷତି ହେବ । ସରକାର ନିର୍ବାଚିତ ହେବା ପ୍ରାୟ ୧୧ ବର୍ଷ ବିତି ଯାଇଥିଲେ ସୁଦ୍ଧା ଗୋଟିଏ ଦେଶ ଗୋଟିଏ ଟିକସ ନୀତି ପ୍ରଣୟନ କରି ପାରିଲା ନାହିଁ । ବର୍ତ୍ତମାନ ମଧ ଅନ୍ୟାନ୍ୟ ଟିକସ ମିଶି ୩୧ ଟା ଟିକସ ଚାଲୁଛି ।

ବର୍ତ୍ତମାନ ଓଡିଶା ପରିପେକ୍ଷୀରେ ଡବଲ ଇଞ୍ଜିନ ସରକାର ଚାଲିଛି । ତେଣୁ ସରକାର ରାଜ୍ୟକୁ ଟିକସ ଭାରରୁ କେତେ ପରିମାଣରେ ମୁକ୍ତ କରି କେତେ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରୁଛନ୍ତି ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି । ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ ଜିଏସଟିକୁ ନେଇ କିଛି ମୌଳିକ ପ୍ରଶ୍ନକୁ କେନ୍ଦ୍ର ଏଡାଇ ଚାଲିଛନ୍ତି । ଗତ ଆଠ ବର୍ଷରେ ଏହାର ସରଳୀକରଣରେ ସରକାର ବିଫଳ ହୋଇଛନ୍ତି । ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଜିଏସଟି କାଉନସିଲରେ ସହମତି ମଧ ହେଉନାହିଁ । ଜିଏସଟିର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଏହାର ଲାଭ ପୁଞ୍ଜିପତି ଓ ଶିଳ୍ପୋଦ୍ୟୋଗୀଙ୍କୁ ମିଳୁଥିବା ବେଳେ ସାଧାରଣ ଜନତା କ୍ଷତିଗ୍ରସ୍ତ ହେବେ ବୋଲି ଶ୍ରୀ ଦାସ କହିଥିଲେ । ଅନ୍ୟତମ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଯେ' ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଗତ ୮ ବର୍ଷ ଆଗରୁ ଏହି ଜିଏସଟି ଟିକସକୁ ଗବର ସିଂ ଟ୍ୟାକ୍ସ ରୂପେ ଅଭିହିତ କରି ସାଧାରଣ ଜନତାଙ୍କ ଉପରେ ଏହା କୋରଡ଼ା ମାଡ଼ ବୋଲି କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ଶ୍ରୀ କାନୁନଗୋଙ୍କ ସହ ମିଡ଼ିଆ ସେଲ ଅଧ୍ୟକ୍ଷ ଶ୍ରୀ ଦାସ, ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି, ମୁଖପାତ୍ର ଲଲାଟେନ୍ଦୁ ଦାସ, ଜୟଶ୍ରୀ ପାତ୍ର ଓ ନଳିନୀକାନ୍ତ ନାୟକ ନିଜ ମତାମତ ଉପସ୍ଥାପନା କରିଥିଲେ ।



### ଦଶହରା ପୂର୍ବରୁ ରାସ୍ତା ମରାମତି ନେଇ ସମୀକ୍ଷା

## ୨୦ ସୁଦ୍ଧା ସବୁ ରାସ୍ତାର ଖାଲଖମା ମରାମତି ନିର୍ଦ୍ଦେଶ



ଭୁବନେଶ୍ୱର(ସବ୍ୟୁ): ପାର୍ବଣ ଋତୁ ଦଶହରାକୁ ନେଇ ସାରା ରାଜ୍ୟରେ ଉତ୍ସବର ମାହୋଲ ସୃଷ୍ଟି ହେବାକୁ ଯାଉଥିବାବେଳେ ରାସ୍ତାଘାଟ ଓ ଗମନାଗମନ ନେଇ ଭୁବନେଶ୍ୱର-କଟକ ସମେତ ସବୁ ସହରବାସୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରିବା ଏବଂ ପରବର୍ତ୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଶନିବାର ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ସମସ୍ତ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ । ରାସ୍ତାର ସ୍ଥାୟିତ୍ୱ ଓ ମରାମତି ସହ ଯେଉଁ ସଂସ୍ଥା ଏବଂ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି ସେଥିନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ । ଏହା ସହିତ ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବର୍ଷାଋତୁ ଆସିଲେ ରାସ୍ତାରେ ଖାଲଖମା ହେବା ଏକ ସାଧାରଣ ପ୍ରକ୍ରିୟା । ତେବେ ଏହାକୁ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ଆମ ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ । ବର୍ତ୍ତମାନ ନୂତନ ନିଯୁକ୍ତି ଜରିଆରେ ବହୁ ପ୍ରତିଭାବାନ ଅଧିକାରୀ ଓ ଇଞ୍ଜିନିୟରମାନେ ବିଭାଗରେ ଯୋଗ ଦେଇଛନ୍ତି । ତେଣୁ ଇଞ୍ଜିନିୟରମାନେ ସେମାନଙ୍କ ଜ୍ଞାନର ଉପଯୋଗ କରି ସ୍ଥାୟୀ ଓ ସୁନ୍ଦର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ ।

ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ କହିଲେ, ଅନେକ ସମୟରେ

**ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି**

**ଯନ୍ତ୍ରୀ ଅଞ୍ଚଳ ଗସ୍ତକରି ଦୁଇଦିନରେ ରିପୋର୍ଟ ଦିଅ**

ବିଭିନ୍ନ ସଂସ୍ଥା ବିନା ଅନୁମତିରେ ପାଇପ୍ ବିଛାଇବା, ବିଦ୍ୟୁତ ଲାଇନ୍ ପକାଇବା ଅବା ଅନ୍ୟୁଟିଲିଟି କରିଡର ନାମରେ ଭଲଥିବା ରାସ୍ତାକୁ ଖୋଳି ପକାଉଛନ୍ତି । ଏହା ଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି । ସେହିଭଳି ବିଏମସି, ଇଡକୋ, ଓପିଟିସିଏଲ୍, ଓ୍ୱାଟକୋ ଆଦିର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା-ଡ୍ରେନ୍ ଆଦି ଖରାପ ହେଉଛି । ତେଣୁ ରାସ୍ତାର ମରାମତି, ସ୍ଥାୟିତ୍ୱ ଏବଂ କ୍ଷତିଭରଣା ପାଇଁ କ'ଣ କରାଯାଇପାରିବ ସେଥିନେଇ ଆଲୋଚନା କରିଥିଲେ ।

ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ, ବିଏମସି କମିଶନର ଚଞ୍ଚଳ ରାଣା, ସିଏମସି କମିଶନର କିରନ୍ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଫେସର ଡା. ପ୍ରଭାସ କୁମାର ମହାନ୍ତି ହେଲେ ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ

କଟକ, (ସବ୍ୟୁ):ଏସସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ହେଲେ ପ୍ରଫେସର ଡା. ପ୍ରଭାସ କୁମାର ମହାନ୍ତି । ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ଗତ ୪ ତାରିଖ ଚିଠି ନମ୍ବର ୨୫୮୨୫ରେ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଫେସର ଡା. ମହାନ୍ତି ବ୍ରହ୍ମପୁର ଏମକେସିଜି ମେଡିକାଲର ଓରାଲ ଓ ମାକ୍ସିଲୋଫେସିଆଲ ସର୍ଜରୀ ବିଭାଗରେ କାର୍ଯ୍ୟରତ ରହିଥିଲେ । କିଛି ମାସ ପୂ. ଜୟନ୍ତ ଦାସ ଅବସରରେ ନେଇଥିଲେ ।

## ପ୍ରେମିକା କଙ୍କାଳ ଉଦ୍ଧାର ମାମଲା : ପ୍ରେମିକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପ୍ରେମିକା କଙ୍କାଳ ଉଦ୍ଧାର ମାମଲାରେ ପ୍ରେମିକ ଦେବାଶିଷ ବିଶୋୟୀକୁ ଭରତପୁର ଥାନା ପୋଲିସ ଗିରଫ କରି ପଚରାଉଚରା କରୁଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଚରିତ୍ରକୁ ସନ୍ଦେହ କରି ପ୍ରେମିକ ଜାନୁଆରୀ ୨୪ ତାରିଖରେ ପ୍ରେମିକା ନିରୂପମା ପରିଡା (୨୨)କୁ ହତ୍ୟା କରିଥିବା ପୋଲିସରେ କହିଛି ।

ଜାନୁଆରୀ ୨୭ ତାରିଖରେ ନିରୂପମାଙ୍କ ପରିବାର ଝିଅକୁ ପାଉନଥିବା ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲା । ଚଳିତ ମାସ ୫ ତାରିଖ ଦିନ ପରିବାର ଲୋକେ ପ୍ରେମିକ ଦେବାଶିଷ ବିରୋଧରେ ହତ୍ୟା ଅଭିଯୋଗ କରିବା ପରେ ତାକୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବା ପରେ ନିରୂପମା ହତ୍ୟା ରହସ୍ୟର ପର୍ଦ୍ଦାଫାସ ହୋଇଛି ।

ଦେବାଶିଷର କହିବାନୁଯାୟୀ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌କୁ ସାଙ୍ଗରେ ଧରି ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ଖଣିଖାଲ ନିକଟକୁ ଯାଇଥିଲେ । ସେଠାରୁ ନିରୂପମାର କଙ୍କାଳ ସହ ପୋଷାକ ଉଦ୍ଧାର ହୋଇଥିଲା । ଦେବାଶିଷ ଜାନୁଆରୀ ୨୪ ତାରିଖରେ ନିରୂପମାକୁ ବୁଲାଇ ନେବାକୁ କହି ବାଇକ୍‌ରେ ସାଙ୍ଗରେ ଧରି ଯାଇଥିଲା । ବିଭିନ୍ନ ଆଡେ ବୁଲାଚଲା କରିବା ପରେ ସନ୍ଧ୍ୟାବେଳେ ରିଲ୍ସ କରାଇବା ବାହାନାରେ ତାପଙ୍ଗ ଖଣି ନିକଟକୁ ନିରୂପମାକୁ ନେଇ ତଣ୍ଟିଚିପି ହତ୍ୟା କରିବା ପରେ ସେଠାରେ ଫୋପାଡି ଦେଇ ଆସିଥିଲା । କଙ୍କାଳ ଉଦ୍ଧାର ହେବା ପରେ ଏମ୍ସରେ ବ୍ୟବଚ୍ଛେଦ କରାଇ ନିରୂପମାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

ପ୍ରେମିକ ଦେବାଶିଷ ନିକଟରୁ ନିରୂପମାର ଏଟିଏମ୍, ବ୍ୟାଗ୍ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ସମେତ ତାଙ୍କ ମୋବାଇଲ ଓ ଭାଇଙ୍କ ମୋବାଇଲ ପୋଲିସ ଜବତ କରିଛି । ନିରୂପମାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏଟିଏମ୍ ସାହାଯ୍ୟରେ ପ୍ରେମିକ ଟଙ୍କା ଉଠାଇବା ପରେ ତାଙ୍କ ପରିବାର କିଛି ରହସ୍ୟ ଜାଣିଥିଲେ । ଯାହା ଫଳରେ ଚଳିତ ମାସ ୫ ତାରିଖରେ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଦେବାଶିଷକୁ ପୋଲିସ ଥାନାକୁ ଆଣି ଜେରା କରିବା ପରେ ହତ୍ୟା ରହସ୍ୟ ଉନ୍ମୋଚନ ହୋଇଛି । ଅଧିକ ପ୍ରମାଣ ସଂଗ୍ରହ ପାଇଁ ଦେବାଶିଷକୁ ପୋଲିସ କୋର୍ଟଚାଲାଣ କରି ପଚରାଉଚରା କରୁଛି ।

### ପୁରୀ ଏସ୍‌ପିଙ୍କ ଅଧ୍ୟକ୍ଷତାରେ କ୍ରାଇମ୍ କ୍ରିମିନାଲ ସମୀକ୍ଷା ବୈଠକ

## କ୍ରାଇମ୍ ପ୍ରିଭେଣ୍ଟିଭ ଓ ଅପରାଧୀଙ୍କ ଗତିବିଧି ଉପରେ ନଜର

ପୁରୀ, (ସବ୍ୟୁ): କୋର୍ଟରୁ ଜାମିନରେ ଆସି ବାରମ୍ବାର ଅପରାଧ ଘଟାଉଥିବା ପେଶାଦାର ଅପରାଧିଙ୍କ କାର୍ଯ୍ୟ କଳାପ ଓ ଗତି ବିଧି ଉପରେ ତୀକ୍ଷ୍ଣ ନଜର ରଖ। ଜିଲ୍ଲା ଏବଂ ପୁରୀ ସହରରେ ଯେପରି ଅପରାଧ ନିୟନ୍ତ୍ରଣ ହେବ, ମାତ୍ରା ହ୍ରାସ ପାଇବ। ଅପରାଧ ଘଟିବା ପୂର୍ବରୁ ସେଥି ପାଇଁ ପ୍ରିଭେଣ୍ଟିଭ ପଦକ୍ଷେପ ଗ୍ରହଣ କର। କ୍ରାଇମ୍ କ୍ରିମିନାଲ ଉପରେ ଥାନା ଅଧିକାରୀମାନେ ତୀକ୍ଷ୍ଣ ଦୃଷ୍ଟି ଦେବା ସହ ଅପରାଧୀଙ୍କ ଡାଟା ବେଶ୍ ପ୍ରସ୍ତୁତ କରନ୍ତୁ ବୋଲି କ୍ରାଇମ୍ କ୍ରିମିନାଲ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଥାନା ଆଇଆଇସିଙ୍କୁ ଏହା କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ। ଶନିବାର ପୂର୍ବାହ୍ନରେ ପୁରୀ ଟାଉନ ଥାନା ସମ୍ମେଳନ କକ୍ଷରେ ଜିଲ୍ଲା ଏସପି ଶ୍ରୀ ସିଂଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ଥାନା ଆଇଆଇସି, ଏସଡିପିଓ ଓ ଡିଏସପିଙ୍କୁ ନେଇ ଏକ କ୍ରାଇମ୍ କ୍ରିମିନାଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଏସପି ଶ୍ରୀ ସିଂ ଯୋଗ ଦେଇ ସମସ୍ତ ଥାନା ଆଇଆଇସିଙ୍କୁ କହି ଥିଲେ ଥାନାକୁ ବିଭିନ୍ନ ପ୍ରକାର ଅଭିଯୋଗ ନେଇ ଆସୁଥିବା ଅଭିଯୋଗକାରିଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣ। ଅଭିଯୋଗକାରିଙ୍କୁ ଦୁର୍ବ୍ୟବହାର ନ କରି ଉତ୍ତମ ବ୍ୟବହାର ପ୍ରଦର୍ଶନ କର। ଥାନାରେ ଅଭିଯୋଗ ଗୁଡ଼ିକ ପଞ୍ଜୀକରଣ ହେବା ପରେ ତଦନ୍ତକାରି ଅଧିକାରୀମାନେ ସ୍ପଟ୍ ଭିଜିଟ କରନ୍ତୁ।

ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଚାଲିଥିବା ଅବାଧ ନିଶା ବ୍ରାଉନ ସୁଗାର ଓ ଡ୍ରଗସ କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଆବଶ୍ୟକ । ଆଇଆଇସିମାନେ ଥାନାରେ ପଞ୍ଜିକରଣ ହେଉଥିବା ଅପରାଧିକ ମାମଲା ଗୁଡ଼ିକ ସମ୍ପର୍କରେ ଅପଡେଟ ତଥ୍ୟ ନିଜ ଫିଙ୍ଗର ଟିପ୍ସରେ ରଖିବା। ଥାନାରେ ଦୀର୍ଘ ଦିନ ଧରି ପଡ଼ି ରହି ଥିବା ୱାରେଣ୍ଟ ଗୁଡ଼ିକ ଏକଜୁକେଶନ କରିବା । ନନ୍ ବେଲେବୁଲ ୱାରେଣ୍ଟ ବଳରେ ଫେରାର ଥିବା ଅପରାଧିଙ୍କୁ ଖୋଜି ଗିରଫ କରି କୋର୍ଟରେ ହଜାର କରିବା । ଜିଲ୍ଲା ସହିତ ପୁରୀ ସହରରେ ପେଟ୍ରୋଲିଙ୍ଗକୁ କଡ଼ା କଡ଼ି କରିବା। ପର୍ଯ୍ୟଟନ ସହର ପୁରୀର ସମୁଦ୍ର କୂଳ ଅଞ୍ଚଳରେ ପେଟ୍ରୋଲିଙ୍ଗକୁ ଅଧିକ କଡ଼ା କଡ଼ି କରିବା ପାଇଁ ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି। ସେହି ପରି ପଞ୍ଜିକରଣ ହେଉଥିବା ମାମଲା ଗୁଡ଼ିକର ତଦନ୍ତକୁ କ୍ୱାଲିଟେଟିଭ କରିବା। ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଶେଷ କରିବା। ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା । ଅପରାଧିମାନେ ଯେପରି କୋର୍ଟରେ ଦଣ୍ଡିତ ହେବେ ସେଥି ପାଇଁ ସରକାରୀ ଓକିଲଙ୍କ ସହ ସମନ୍ୱୟ ରକ୍ଷା କରିବା ପାଇ ସେ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର, ସଚିନ ପଟେଲ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ସଦର ଏସଡିପିଓ ଆର.ଏନ. ଭଞ୍ଜ,ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଟାଉନ ଥାନା, ସମୁଦ୍ରକୂଳ ଥାନା, କୁମ୍ଭାରପଡ଼ା ଥାନା, ବାସେଲି ସାହି ଥାନା, ସଦର ଥାନା, ବଳିଆପଣ୍ଡା ଥାନା ସମେତ ଜିଲ୍ଲାର ସମସ୍ତ ଥାନା ଆଇଆଇସିମାନେ ଉପସ୍ଥିତ ଥିଲେ।





ନବୀନ ନିବାସରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ
ରାଜନୈତିକ ବ୍ୟାପାର କମିଟି ବୈଠକରେ ଅଧ୍ୟକ୍ଷତା କରୁଛନ୍ତି

## 'ପଲ୍ଲୀବାଣୀ ମିଶନ'ର ସାମ୍ବାଦିକତା ପୁରସ୍କାର - ୨୦୨୫ ସମାରୋହ

# ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ଓ ଜଣାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନକରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର । ଏହି କ୍ରମରେ ଓଡ଼ିଶା ସମେତ ଜାତୀୟ ସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟକୁ ଜଣାଇବା ଦରକାର ବୋଲି ଶନିବାର ନୂଆଦିଲ୍ଲୀ ଠାରେ 'ପଲ୍ଲୀବାଣୀ ମିଶନ' ପକ୍ଷରୁ ଆୟୋଜିତ 'ଭାରତୀୟ ସାମ୍ବାଦିକତା ପୁରସ୍କାର - ୨୦୨୫' ଏବଂ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫' ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ମନୋନୀତ ୬ ଜଣ ସାମ୍ବାଦିକମାନଙ୍କୁ ପୁରସ୍କୃତ କରିବା ସହ ଜାତୀୟ




ଓ ରାଜ୍ୟ ସ୍ତରରେ ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିବା ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଆ ଭାଷା ହେଉଛି ଏକ ବିଜ୍ଞାନ । ଆଉ ୧୧ ବର୍ଷ ପରେ ୨୦୩୬ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ତେବେ ସମାଜକୁ ଏକ ପରିଚୟର ଆବଶ୍ୟକତା ଥାଏ । ଓଡ଼ିଆ ସମାଜର ସବୁଠୁ ବଡ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ ନାହିଁ । ତେବେ ସମସାମୟିକ ସମାଜରେ ଆମ ଓଡ଼ିଆ ସମାଜର ଗଭୀରତା, ବୌଦ୍ଧିକ ଚିନ୍ତନ କ୍ଷମତା ଓ ବ୍ୟାପକ କେତେ, ତାହା ଜାଣିବା ଦରକାର ଏବଂ ଜଣାଇବା ଦରକାର । ବର୍ତ୍ତମାନ ସେହି ଏକ ସମୟ ଉପନୀତ ହୋଇଛି, ଯେଉଁ ସମୟରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ସମୃଦ୍ଧି, ସାଂସ୍କୃତିକ ଐତିହ୍ୟ ଓ ପ୍ରତିଛବିକୁ ଜାତୀୟ ଆଲୋଚନା ପରିସରକୁ ଆଣିବା ଆମର ଦାୟିତ୍ୱ ଅଟେ ।

ଏହି ସାମ୍ବାଦିକତା ପୁରସ୍କାର ନେଇ ପଲ୍ଲିବାଣୀ ମିଶନର ଉଦ୍ୟମ ଏବଂ ପୁରସ୍କୃତ ସାମ୍ବାଦିକମାନଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ସେ କହିଥିଲେ ପୁରସ୍କୃତ ସାମ୍ବାଦିକମାନେ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ଏହି ପୁରସ୍କାର ସମାରୋହରେ 'ଆଜ୍ ତକ୍'ର ସମ୍ପାଦକ ସଞ୍ଜୀବ ପାଲିୱାଲ, 'ହିନ୍ଦୁସ୍ତାନ'ର ସମ୍ପାଦକ ପ୍ରତାପ ସୋମବଂଶୀ, 'ଲଲିନଟପ'ର ସମ୍ପାଦକ ସୌରଭ ଦ୍ୱିବେଦୀଙ୍କୁ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା । ସେହିପରି ଓଡ଼ିଶାର 'ଅର୍ଗସ' ଡିଜିଟାଲର ସମ୍ପାଦକ ସଂଗ୍ରାମ କେ. ସାରଙ୍ଗୀ, 'ଦ' ହିନ୍ଦୁ'ର ସ୍ପେଶାଲ କରେସପଣ୍ଡେଣ୍ଟ୍ ସତ୍ୟସୁନ୍ଦର ବାରିକ, ଦୈନିକ ସମ୍ବାଦର ସମ୍ବଲପୁର ଜିଲ୍ଲା ସମ୍ବାଦଦାତା ରତ୍ନାକର ଭୋଇ "ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫"ରେ ସମ୍ମାନିତ ହୋଇଥିଲେ । ସମାରୋହରେ ଯୋଗଗୁରୁ ବାବା ରାମଦେବ, ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ ଏଡିଟର ସାନ୍ତ୍ୱନା ଭଟ୍ଟାଚାର୍ଯ୍ୟ ଏବଂ ପଲ୍ଲୀବାଣୀ ମିଶନର ଚେୟାରମ୍ୟାନ ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନଙ୍କ କରକମଳରେ ପଲ୍ଲୀବାଣୀ ମିଶନର ଏକ ବିଶେଷ ପତ୍ରିକା ମଧ୍ୟ ଉନ୍ମୋଚନ ହୋଇଥିଲା ।

## ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ

# ୨୦୨୬ ମାର୍ଚ୍ଚ ସୁଦ୍ଧା ସରିବ କାର୍ଯ୍ୟ, ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ

ଭୁ ବ ନେ ଶ୍ୱ ର ( ସ ବୁ ୍ୟ ) : ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନ ଅଭାବର ସମସ୍ୟା ଦେଖାଦେଉଛି । ତେଣୁ ବିଧାନସଭାରୟୁନିଟ-୪ସ୍ଥିତ ନିର୍ମାଣ ହେବାକୁ ଥିବାବେଳେ ଏସବୁ ବିଲିଂ ଲିଫଟ ଦ୍ୱାରା ସଂଯୁକ୍ତ ହେବ । ମୋଟ ୯ ହଜାର ବର୍ଗଫୁଟରୁ ଉର୍ଦ୍ଧ୍ୱର୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ଆଗାମୀ ୨୦୨୬ ମାର୍ଚ୍ଚ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭ ହେବ । ଏହି ଅତିଥି ଭବନ ପାଇଁ ଏବେ ଅନଲାଇନରେ ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ



ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଛି । ବାଚସ୍ପତି ସୁରମା ପାଢ଼ୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର୍ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ । ଏହି ତିନିମହଲା ବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ । ଅନ୍ୟପକ୍ଷରେ ବିଧାନସଭାର ଓଏମସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ୧୮ ଟି ରୁମ୍ ରହିଥିବାବେଳେ ହେବ । ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ । ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ । ଏହି କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଦଳିବ ନାହିଁ ପରୀକ୍ଷା କେନ୍ଦ୍ର, ସ୍ୱଚ୍ଛତାକୁ ନେଇ ପ୍ରଶ୍ନ, ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ଆଡମିଟ୍ କାର୍ଡ

କଟକ, (ସବ୍ୟୁ) :ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଏସ୍‌ଓଟିଇଟି) ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ। ଦୁଇଟି ସିଟିଂରେ ଆଶାୟୀମାନେ ପରୀକ୍ଷା ଦେବେ। ପୂର୍ବାହ୍ଣ ୯ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପେପର-୧ ଏବଂ ଅପରାହ୍ଣ ୨ଟାରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପେପର-୨ରେ ପରୀକ୍ଷା କରାଯିବ। ଏଥିପାଇଁ ଆସନ୍ତା ୧୭ ତାରିଖଠାରୁ ବୋର୍ଡ ୱେବସାଇଟ୍‌ରେ ପରୀକ୍ଷାର୍ଥୀମାନେ ଆଡମିଟ୍ କାର୍ଡ ପାଇପାରିବେ ବୋଲି ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପରୀକ୍ଷାରେ ସ୍ୱଚ୍ଛତା ରହିବ କି ନାହିଁ, ତାହା ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ପୂର୍ବରୁ ଯେଉଁ ପରୀକ୍ଷା କେନ୍ଦ୍ର ରହିଥିଲା, ସେଥିରେ କୌଣସି ପରିବର୍ତ୍ତନ କରାଯାଇଛି। ଯାହାଦ୍ୱାରା ପ୍ରଶ୍ନପତ୍ର ପ୍ରଘଟ ହେବାର ଆଶଙ୍କା ଦେଖାଦେଇଛି।

ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ। ସେମାନେ ଓଟିଇଟି ପାସ୍ ନ କଲେ ପଦୋନ୍ନତି ମିଳିପାରିବ ନାହିଁ। ଏଥିପାଇଁ ଯେଉଁ ଶିକ୍ଷକ ମାନଙ୍କର ଓଟିଇଟି ଯୋଗ୍ୟତା ନାହିଁ, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓଟିଇଟି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରାୟ ୭୫ ହଜାର ଶିକ୍ଷକ ଏଥିପାଇଁ ଆବେଦନ କରିଥିଲେ। ପ୍ରଥମେ ଗତ ଜୁଲାଇ ୨୦ରେ ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା; କିନ୍ତୁ ସାମାଜିକ ଗଣମାଧ୍ୟମରେ ପରୀକ୍ଷାର ଦିନକ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଇଥିଲା। ବୋର୍ଡର ପୂର୍ବତନ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ସମେତ ୮ ଜଣ ଏହି ପ୍ରଘଟ ପଛରେ ରହିଥିବାବେଳେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହାପରେ ନୂତନ ଭାବେ ଅଗଷ୍ଟ ୩୧ରେ ସାନି ପରୀକ୍ଷା ହେବ ବୋଲି ଅଗଷ୍ଟ ୧ରେ ବୋର୍ଡ କର୍ତ୍ତୃପକ୍ଷ ବିଜ୍ଞପ୍ତି ବାହାର କଲେ। ଆରମ୍ଭରୁ ଏଥିରେ ସ୍ୱଚ୍ଛତା ରହିବ କି ନାହିଁ ଏବଂ ପରୀକ୍ଷା ଏକ ମାସ ମଧ୍ୟରେ ହୋଇପାରିବ କି ନାହିଁ ସନ୍ଦେହ ଉପୁଜିଥିଲା। ଏପରିକି ଏହି ସମୟ ମଧ୍ୟରେ ବୋର୍ଡ ପରୀକ୍ଷା କରିବାରେ ଅକ୍ଷମ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଥିଲେ ପରେ ଅଗଷ୍ଟ ୨୧ରେ ଅନିବାର୍ଯ୍ୟ କାରଣ ଦର୍ଶାଇ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ତେବେ ଶନିବାର ପୁଣିଥରେ ପରୀକ୍ଷା ନେଇ ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଗୋଟିଏ ପରେ ଗୋଟିଏ ଶିଳ୍ପ ସଂସ୍ଥା ଓଡିଶା ଛାଡୁଛନ୍ତି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନେ ଓଡିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡିଶା ଛାଡୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ୨୦୨୩ ମସିହାରେ ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ଚୁକ୍ତି କରିବା ପରେ, ଏହି କମ୍ପାନୀ ଓଡିଶା ଛାଡିବା ସ୍ପଷ୍ଟ ହୋଇଛି । ନିକଟରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ । କିନ୍ତୁ, ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ବିଜୁ ଜନତା ଦଳ କହିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଥିଲେ, ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡିଶା ସରକାରଙ୍କ ସହିତ ମାର୍ଚ୍ଚ ୨୯, ୨୦୨୫ ମସିହାରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ଅନୁଯାୟୀ, କମ୍ପାନୀ ୩୦,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ, ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା । କିନ୍ତୁ, ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି ।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଗତ ୨ତାରିଖରେ ବିକାଶ ଭବନ, ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି ।

## ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ ଚୌଧୁରୀଙ୍କ

# ଆଧ୍ୟାତ୍ମିକ ଅନୁଭୂତି ପୁସ୍ତକ " ମୋ ଜୀବନରେ ବ୍ରହ୍ମ ଯୋଗୀ ସାଇ " ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଜୟଦେବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀର ଏକ ଭବ୍ୟ ସମାରୋହ ଉତ୍ସବରେ ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଡ ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ସାଇବାବାଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପୁସ୍ତକ "ମୋ ଜୀବନରେ ବ୍ରହ୍ମଯୋଗୀ ସାଇ" ଉନ୍ମୋଚିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବ୍ୟ ସାଇଭକ୍ତ ସମ୍ମିଳନୀରେ ଅନନ୍ୟ ବିଶିଷ୍ଟ ସାଇଭକ୍ତ ପ୍ରଫେସର ଡ ବିଜୟା ମିଶ୍ର, ବରିଷ୍ଠ ସାହିତ୍ୟିକା ବନଜା ଦେବୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ଅନନ୍ୟ ସାଇଭକ୍ତ ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମିଳନୀର ମୁଖ୍ୟ ଆୟୋଜକ ପବିତ୍ର ମୋହନ ସାମଲଙ୍କ କରକମଳରେ ପୁସ୍ତକଟି ବାବାଙ୍କୁ ଅର୍ପଣ କରି ଲୋକାର୍ପିତ ହୋଇଥିଲା। ଏହି ସମ୍ମିଳନୀରେ ପୁସ୍ତକର ଲେଖକ ଡ ଚୌଧୁରୀ ନିଜର ବକ୍ତବ୍ୟ ମାଧ୍ୟମରେ ସାଇଙ୍କର ଅନୁଭୂତି ସମ୍ପର୍କିତ ଅନେକ ତଥ୍ୟ ଏବଂ ତତ୍ତ୍ୱ ଭକ୍ତମାନଙ୍କ ପାଖରେ ଉପସ୍ଥାପନ କରି ଆମରି ପ୍ରିୟ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ସହିତ ସଦଗୁରୁ ସାଇରାମଙ୍କ ତତ୍ତ୍ୱକୁ ବ୍ରହ୍ମତତ୍ତ୍ୱ ଏବଂ ଗୁରୁତ୍ୱ ମାଧ୍ୟମରେ ସମ୍ମିଳିତ କରି ଉପସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥି ସାଇବାବାଙ୍କର ଦିବ୍ୟ କରୁଣା ଏବଂ ଅଲୌକିକ କାହାଣୀ ଉପରେ ନିଜର ମନ୍ତବ୍ୟ ଦେଇଥିଲେ।



ଏହି ସମ୍ମିଳନୀରେ ପ୍ରାୟ ସମସ୍ତ ସାଇ ମନ୍ଦିର ପ୍ରତିଷ୍ଠାତା ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ। ସେମାନେ ବି ନିଜର ଅନୁଭୂତି ସମ୍ପର୍କରେ ତଥ୍ୟ ଏବଂ ସୂଚନା ଭକ୍ତମାନଙ୍କ ପାଖରେ ଉପସ୍ଥାପନା କରିଥିଲେ।

# ଦୁର୍ଗାପୂଜା : ଏଫ୍‌ଏମ୍ ରେଡିଓରୁ ମିଳିବ ଟ୍ରାଫିକ୍ ସୂଚନା

ଭୁବନେଶ୍ୱର, (ସବ୍ୟୁ) : ଦୁର୍ଗାପୂଜାରେ ଦୈତନଗରୀ ରାସ୍ତା ପ୍ରବଳ ଜାମ୍ ହେବ । ଗାଡି ଚଳାଚଳ ପାଇଁ ପଥଚାରୀଙ୍କୁ ସମସ୍ୟା ସୃଷ୍ଟି ହେବ । ସେଥିପାଇଁ କମିଶନରେଟ୍ ଟ୍ରାଫିକ୍ ଓ ଏଫ୍‌ଏମ୍ ରେଡିଓ ସହ ବୁଝାମଣା ହୋଇଛି । ଟ୍ରାଫିକ୍ ତଥ୍ୟ ଏଫ୍‌ଏମ୍ ରେଡିଓରୁ ପଥଚାରୀ ପାଇପାରିବେ । ସାଧାରଣ ଦିନରେ ଦୈତନଗରୀ ରାସ୍ତାରେ ଟ୍ରାଫିକ୍ ସମସ୍ୟା କହିଲେ ନସରେ । ଆଗକୁ ଦୁର୍ଗାପୂଜା ଆସୁଥିବାରୁ ସେହି ସମସ୍ୟା ଜଟିଳ ରୂପ ନେବ । ପଥଚାରୀଙ୍କୁ ପଥ କଢାଇବା ପାଇଁ କମିଶନରେଟ୍ ଟ୍ରାଫିକ୍ ଠାରୁ ତଥ୍ୟ ସଂଗ୍ରହ କରି ଏଫ୍‌ଏମ୍ ରେଡିଓ ସୂଚନା ଦେବ । କେଉଁ ରାସ୍ତା ଜାମ୍ ଅଛି ଓ ପଥଚାରୀମାନେ କିପରି କେଉଁ ବାଟ ଦେଇ ଯିବେ ସେ ସମ୍ପର୍କରେ ଏଫ୍‌ଏମ୍ ରେଡିଓରୁ ସୂଚନା ପାଇପାରିବେ । ଭୁବନେଶ୍ୱରରେ ପୂଜାରେ ପଥଚାରୀଙ୍କ ପାଇଁ ବିଭିନ୍ନ ରାସ୍ତା ଭିନ୍ନ ଭିନ୍ନ ସମୟରେ ବନ୍ଦ ରହିବ । ସେହି ବାଟ ଦେଇ ଯାଉଥିବା ପଥଚାରୀମାନେ କେଉଁ ବାଟ ଦେଇ କିପରି ଯିବେ ସେ ସମ୍ପର୍କରେ ଏଫ୍‌ଏମ୍ ରେଡିଓରୁ ସୂଚନା ପାଇପାରିବେ । ସେହିପରି କଟକରେ ମଧ୍ୟ ଯେଉଁ ରାସ୍ତା ବନ୍ଦ ରହିବ ସେ ବାଟଦେଇ ଯାଉଥିବା ପଥଚାରୀମାନେ ଅନ୍ୟ କେଉଁ ରାସ୍ତା ଦେଇ ଯିବେ ସେ ସମ୍ପର୍କରେ ଏଫ୍‌ଏମ୍ ରେଡିଓରୁ ବିସ୍ତୃତ ସୂଚନା ମିଳିପାରିବ ବୋଲି କମିଶନରେଟ୍ ଟ୍ରାଫିକ୍ ପକ୍ଷରୁ ସୂଚନା ମିଳିଛି ।

# ସେମିକନ୍‌ସ ଇଣ୍ଡିଆ ୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର (ସବ୍ୟୁ): ସେମିକନ୍‌ସ ଇଣ୍ଡିଆ ୨୦୨୫ ନୂଆଦିଲ୍ଲୀର



ଯଶୋଭୂମିରେ ଏହାର ତିନି ଦିନିଆ ମହାସମାରୋହ ସଫଳତାର ସହ ସମାପ୍ତ କରିଛି, ଯାହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଏକ ଅତୁଳନୀୟ ଛାପ ଛାଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସେହି ଦିନ ଦୂର ନୁହେଁ ଯେତେବେଳେ ଭାରତରେ ନିର୍ମିତ ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ ଏକ ଦୂରଦୃଷ୍ଟିପୂର୍ଣ୍ଣ ବିବୃତି ସହିତ ଏକ ଉଚ୍ଚମାନର ନୋଟରେ ଆରମ୍ଭ ହୋଇଥିବା ଏହି ମାଇଲଖୁଣ୍ଟ କାର୍ଯ୍ୟକ୍ରମ ଶିଳ୍ପ ଚିନ୍ତାଧାରା ନେତାମାନଙ୍କୁ ନେଇ ଏକ ଚମତ୍କାର ଅଧିବେଶନ ପ୍ରଦର୍ଶନ କରିଥିଲା, ଯାହା ପରିଦର୍ଶକ, ଷ୍ଟାର୍ଟଅପ୍, ନବସୃଜନକାରୀ, ନିବେଶକ, ଶିକ୍ଷାବିତ୍ ଏବଂ ଛାତ୍ରମାନଙ୍କ ଦ୍ୱାରା ବହୁ ମାତ୍ରା ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ର ମନ୍ତ୍ରୀ ଜିତିନ୍ ପ୍ରସାଦ ଦୁଇଟି ଗସ୍ତ କରିଥିଲେ, ଯେଉଁମାନେ ଶିଳ୍ପ ନେତା, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ । ଏହା ଭାରତର ସେମିକଣ୍ଡକ୍ଟର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ୨୦,୦୦୦ରୁ ଅଧିକ ପରିଦର୍ଶକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡିଜାଇନ୍ ଲିଙ୍କ୍ଡ୍ ଇନସେଣ୍ଟିଭ୍ ଯୋଜନା ଅଧୀନରେ ୨୩ଟି ଚିପ୍ ଡିଜାଇନ୍ ପ୍ରକଳ୍ପର ଅନୁମୋଦିତ ତାଲିକାରୁ ୫ ଟି ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ଯାହା ସେମିକଣ୍ଡକ୍ଟର ଚିପ୍ ଡିଜାଇନ୍‌ରେ ଭାରତର ବର୍ଦ୍ଧିତ ଦକ୍ଷତା ଏବଂ ଆତ୍ମନିର୍ଭରଶୀଳତାକୁ ଉଜ୍ଜ୍ୱଳ କରିଥିଲା।

# ବ୍ୟାଟେରୀ ଓ ଲ୍ୟାପ୍‌ଟପ୍ ଚୋରି ଘଟଣାରେ ୨ ଗିରଫ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକ ତୃପ୍ତିମୋଟର ସମ୍ମୁଖରେ ଠିଆ ହୋଇଥିବା ଏକ ପ୍ରଦୁଷଣ ନିୟନ୍ତ୍ରଣ ଗାଡ଼ିରୁ ଗତକାଲି ଭୋର ସମୟରେ କେହି ଦୁର୍ବୃ ଗାଡ଼ିରେ ଥିବା ଇନର୍ଭଟର ବ୍ୟାଟେରୀ ଓ ଲ୍ୟାପ୍‌ଟପ୍ ଚୋରି କରିନେଇଥିବା ନେଇ ରାଜ୍ କୁମାର ନାୟକ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଟାଙ୍ଗୀ ପୁଲିସ୍ ରାଜପଥରେ ଲାଗିଥିବା ସିସିଟିଭିକୁ ଯାଂଚ୍ କରି ଖୋର୍ଦ୍ଧା ଜଟଣୀ ବଚରାପାଟଣାର ସୁଶାନ୍ତ ଦାସ ଓ ଶିଖରପୁର ଉପର ସାହିର ରଂଜନ ରାଉତକୁ ଗିରଫ୍ କରି କୋର୍ଟଚାଲାଣ କରିଛି । ତାଙ୍କ ନିକଟରୁ ଚୋରିରେ ବ୍ୟବହୃତ ଏକ ସ୍କୁଟର, ବ୍ୟାଟେରୀ ଓ ଲ୍ୟାପଟପ୍‌କୁ ଜବତ କରାଯାଇଛି ।

## ସୁପର ଡୁପର-୭୫ ବ୍ୟାଚ ପକ୍ଷରୁ

# ଜୀବନ ଜ୍ୟୋତି ଆଶ୍ରମର ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଅଶୋକନଗର ତଥା ୟୁନିଟ-୨ ସ୍ଥିତ ଉଚ୍ଚ ବିଦ୍ୟାଳୟର ୧୯୭୫ ବ୍ୟାଚର ପୁରାତନ ଛାତ୍ର ମାନଙ୍କୁ ନେଇ ଗଠିତ ସଂଗଠନ ସୁପର ଡୁପର ୭୫ ପକ୍ଷରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି। ଏହି ଉପଲକ୍ଷେ ସଂଗଠନର ସଦସ୍ୟ ମାନଙ୍କୁ ନେଇ ଶୁକ୍ରବାର ଏକ ବନ୍ଧୁମିଳନର ଆୟୋଜନ ହୋଇଥିଲା। ଏହି ଅବସରରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରିବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଶୁକ୍ରବାର ଖଣ୍ଡଗିରି ନିକଟସ୍ଥ ଜୀବନ ଜ୍ୟୋତି ଆଶ୍ରମକୁ ସୁପର ଡୁପର ୭୫ ବ୍ୟାଚର ବହୁ ସଦସ୍ୟ ପରିଦର୍ଶନରେ ଯାଇଥିଲେ। ଜୀବନ ଜ୍ୟୋତି ଆଶ୍ରମରେ ରହୁଥିବା ୫୦ ରୁ ଉର୍ଦ୍ଧ୍ୱ କୁନି କୁନି ଛାତ୍ରଛାତ୍ରୀଙ୍କ ଗହଣରେ ବ୍ୟାଚର ସଦସ୍ୟମାନେ ଖୁସିଗପକରିବା ସହ କିଛି ସମୟ ଧରି ଭାବ ବିନିମୟ କରିଥିଲେ। ଏଥି ସହ ସେଠାରେ ରହୁଥିବା କିଛି ବୟୋଜ୍ୟଷ୍ଠ ଅନ୍ତେବାସୀଙ୍କ ସହ ମଧ୍ୟ ଭାବବିନିମୟ ଆଦାନ ପ୍ରଦାନ କରି ସେମାନଙ୍କ ସୁବିଧା ଅସୁବିଧା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝି



ଥିଲେ। ଆଶ୍ରମରେ ରହୁଥିବା ସମସ୍ତ ଅନ୍ତେବାସୀମାନଙ୍କୁ ସୁପର ଡୁପର-୭୫ ବ୍ୟାଚର ସଦସ୍ୟ ବନ୍ଧୁମାନେ ରନ୍ଧାଖାଦ୍ୟ ବିତରଣ କରିଥିଲେ। ଏହି ଖାଦ୍ୟ ବିତରଣ କାର୍ଯ୍ୟକ୍ରମକୁ ଉକ୍ତ ବ୍ୟାଚର ବରିଷ୍ଠ ସଦସ୍ୟ ତଥା ବିଜେପି ନେତା ସମୀର ମହାନ୍ତି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ସଦସ୍ୟ ତଥା ବନ୍ଧୁମାନେ ଉକ୍ତ ରନ୍ଧାଖାଦ୍ୟ ଅନ୍ତେବାସୀ ମାନଙ୍କୁ ପରିବେଷଣ କରିଥିଲେ। ଭୋଜନ କରିବା ପରେ ଅନ୍ତେବାସୀ ମାନେ ସଂଗଠନର ଏପରି ମହତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଖୁସି ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁପର ଡୁପର ବ୍ୟାଚ-୭୫ ର ତତ୍କାଳୀନ ଛାତ୍ର ତଥା ସଦସ୍ୟ ବନ୍ଧୁ ସମୀର ମହାନ୍ତିଙ୍କ ସମେତ ପ୍ରବୋଧ କୁମାର ଦାସ,ଶିବବ୍ରତ ଘୋଷ,ସିଦ୍ଧାର୍ଥ କୁଅଁର,ବିରଞ୍ଚି ନାରାୟଣ ମହାନ୍ତି,ମନୋରଂଜନ ଦାସ,ପ୍ରଭୁରାଜ ପାତ୍ର,ବିଜୟ ମୋହନ ପଣ୍ଡା,ଶିବାନନ୍ଦ ନ ନ୍ଦ , ଧ ନେ ଶ୍ୱ ର ଚ୍ୟାଉଉପଟ୍ଟନାୟକ ଓ ଦେବଦାସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସୁପର ଡୁପର ୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଗାମୀ ଦିନରେ ବିଭିନ୍ନ ସମାଜସେବା କାର୍ଯ୍ୟକ୍ରମ କରିବା ପାଇଁ ସଂଗଠନ ପକ୍ଷରୁ ଇତିମଧ୍ୟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଆଗାମୀଦିନରେ ବୃଦ୍ଧ ଆଶ୍ରମ ଭ୍ରମଣ ସହ ସହାୟତା ପ୍ରଦାନ ଏବଂ ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ ମଧ୍ୟ ସଂଗଠନ ପକ୍ଷରୁ ସ୍ଥିର କରାଯାଇଛି ।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ଉତ୍ସବ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରାରମ୍ଭ ଠାରୁ ଯୁକ୍ତ ୩ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୫ହଜାର ଛାତ୍ରଛାତ୍ରୀଙ୍କୁ ନେଇ ଶୁକ୍ରବାରଦିନ ଗୁରୁଦିବସ ଉତ୍ସବ ପାଳିତ ହୋଇଯାଇଛି । ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ.ଦୀପକ କୁମାର ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ. ବଳଭଦ୍ର ତ୍ରିପାଠୀ, ମେଡିକଲ୍ କେମ୍ପସ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ନାଥ ମହାନ୍ତି, ଗଣ୍ଡଳା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରାମହରୀ ସାହୁ, ଜିତେନ୍ଦ୍ର ନାଥ ମହାନ୍ତି ଏବଂ ଦେବକୀ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭାକୁ ବହୁଗୁଣିତ କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ଉଦ୍ଦେଶ୍ୟଜ୍ଞାପନ କରିଥିଲେ ସୁମିତ୍ରା ପାଢ଼ୀ, ରେଶ୍ମା ରାଉତ ଏବଂ ପ୍ରଣିତା ଡାକୁଆ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜ୍ୟ ଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଗୁଡିକରେ ମଞ୍ଚାସୀନ ଅତିଥି ଭାବରେ ପରିଚାଳନା ସମିତିର ସଭାପତି ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ରାଜେନ୍ଦ୍ର ଡାକୁଆ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଡିଗ୍ରୀ ବିଦ୍ୟା ମନ୍ଦିର ଅଧ୍ୟକ୍ଷ ସୁବ୍ରତ ପାଣିଗ୍ରାହୀ, ଡିନ୍ ବିବେକା ନନ୍ଦ ପଣ୍ଡା, ରାଜେନ୍ଦ୍ର ମୁର୍ତ୍ତି, ଯୁକ୍ତ ଦୁଇ ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ, ବିଦ୍ୟା ମନ୍ଦିର ସହ-ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଯୁକ୍ତ ୨ ପର୍ଯ୍ୟାୟ ପ୍ରମୁଖ ସ୍ୱାରାଜ୍ୟ ମାଝି ଓ ଶିଶୁ ମନ୍ଦିର ପର୍ଯ୍ୟାୟ ପ୍ରମୁଖ ଅନିଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ବୁଲା କୁକୁର ବନ୍ଧ୍ୟା କରଣ ପାଇଁ ବିଏମସିର ଟେଣ୍ଡର ଆହ୍ୱାନ

ବ୍ରହ୍ମପୁର, (ସବ୍ୟୁ): : ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ଉଦ୍ୟମରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ଗତିଶୀଳ କରିବା ପାଇଁ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଯୋଗ ଦେଇ ମହାନଗର ଅଞ୍ଚଳରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ତୁରନ୍ତ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯିବ । ଏହି ସମ୍ପର୍କରେ ଚଳିତ ମାସ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ଚାଲିବ ।କୁକୁରଧରିବା ସହ ଯେଉଁ ସ୍ଥାନରୁ ଅଣାଯାଇଛି ସେହି ଜାଗାରେ ଛାଡ଼ିବା, ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ କୁକୁର ପିଛା ୨,୦୦୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି । ନିଗମ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତିମାସ କମ୍ ସେ କମ୍ ୭୦ଟି କୁକୁରଙ୍କୁ ବନ୍ଧ୍ୟା କରଣ କରିବା ପାଇଁ ଲକ୍ଷ ରଖାଯାଇଛି । ସେଥିସହିତ, ଯେଉଁ ସଂସ୍ଥାକୁ ଏହି କାର୍ଯ୍ୟ ଦାୟିତ୍ୱ ଦିଆଯିବ, ସେମାନଙ୍କ ପକ୍ଷରୁ ବନ୍ଧ୍ୟା କରଣ ପାଇଁ ଅନୁଭବୀ ଜଣେ ପଶୁ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଲାଇଭଷ୍ଟକ୍ ଇନ୍ସପେକ୍ଟର୍ (ଏଲ.ଆଇ) ନିଯୁକ୍ତ କରିବା ବାଧ୍ୟତାମୂଳକ । ଶନିବାର ଦିନ ଆହୁତ ବୈଠକରେ ମେୟର ସଂଘମିତ୍ରା ଦଳେଇ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ, ନିଗମ କର୍ପୋରେଟର ଟି. କିଶୋର କୁମାର ପାତ୍ର, ବ୍ରହ୍ମପୁର ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ସତ୍ୟନାରାୟଣ କର, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ଏସ୍.ପି.ସି.ଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ସମାଜସେବୀ ଓ ପଶୁପ୍ରେମୀ ଅନିଲ କୁମାର ଚୌଧୁରୀ, ଡାଟା ଏଣ୍ଟ୍ରି ଅପରେଟର ରାଜେଶ କୁମାର ବେହେରାଙ୍କ ସମେତ ନିଗମର କର୍ମଚାରୀ ଓ ପଶୁପ୍ରେମୀମାନେ ଉପସ୍ଥିତ ଥିଲେ ।

# କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ

## ହିମାଂଶୁ ଶେଖର ଆଚାର୍ଯ୍ୟ

ସେଦିନ ସିନା ବାଇମୁଣ୍ଡି ମର୍କତ କେଶରୀଙ୍କ ପାଖରେ ହାତପାତି ଗୁହାରୀ କରି କହିଥିଲେ- ରହି ରହି କହେ ହେ ବୀର କେଶରୀ ରାଜ୍ୟ ଜିଣୁଛ ଯାଇ, ଦେଖିଚ କି ଥରେ ଏହି କଟକର ଭାଗ୍ୟ ଯାଉଛି କାହିଁ ? ସେତେବେଳେ ମର୍କତ କେଶରୀ ରାଜ୍ୟ ଜୟ କଥା ଭୁଲି କଟକ ସହରର ସୁରକ୍ଷା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । କିନ୍ତୁ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ । କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ୍ ବନ୍ଧ ନିର୍ମାଣରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସନୀୟ । ବିଶେଷ କରି ଏହା ହେଉଛି କଟକବାସୀଙ୍କ ପ୍ରତି ବସନ୍ତ ବିଶ୍ୱାଳଙ୍କ ସର୍ବଶ୍ରେଷ୍ଠ ଅବଦାନ । ସେଥିପାଇଁ ଆଧୁନିକ ଓଡ଼ିଶାର ମର୍କତ କେଶରୀ ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଓ ସାଲିସ୍ ବିହୀନ ଜନନେତା ଭାବେ ସେ ଯେତିକି ପରିଚିତ ଥିଲେ, ଜଣେ ଦକ୍ଷ ସଂଗଠକ ଏବଂ ସାହିତ୍ୟ ଓ ସଂସ୍କୃତିର ମୁଖ୍ୟ ପୃଷ୍ଠପୋଷକ ଭାବେ ସେତିକି ବିଦିତ ଥିଲେ। ଏପରିକି ତାଙ୍କ ଦକ୍ଷତା, କାର୍ଯ୍ୟକୁଶଳତା ଓ ରାଜ୍ୟ ସରକାରରେ ତାଙ୍କର ଅଖଣ୍ଡ ପ୍ରଭାବ ଯୋଗୁଁ ସେତେବେଳେ ତାଙ୍କୁ ସମସ୍ତେ "ସୁପର ଚିଫ୍ ମିନିଷ୍ଟର' ବୋଲି କହୁଥିଲେ । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ । ତାଙ୍କୁ ସ୍ମରଣ କଲେ ଓଡିଶା ରାଜନୀତି,ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତି ପଟରେ ଉଙ୍କିମାରେ । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁଁ ତାଙ୍କ ମନ୍ତ୍ରୀତ୍ୱ କାଳ ଓଡିଶା ପାଇଁ ଏକ ସୁବର୍ଣ୍ଣ ଯୁଗ ଥିଲା କହିଲେ ଭୁଲ୍ ହେବନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ବର୍ଷ, ମାସ, ଦିନ, ନୁହେଁ କର୍ମ ହିଁ ଥିଲା ତାଙ୍କ ଜୀବନର ମାନଦଣ୍ଡ । ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଥିଲେ ପ୍ରତିଟି କାର୍ଯ୍ୟରେ । ସେଇଥିପାଇଁ ଥରେ ସେ ଯେଉଁ କାମରେ ହାତ ଦେଉଥିଲେ ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ ଓ ସେଥିରୁ କେହି ତାଙ୍କୁ ନିବୃତ୍ତ କରିପାରୁନଥିଲେ। ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ସୁସଂଗଠକ, ଦୀନଦୁଃଖୀଙ୍କ ଦରଦୀ ନେତା, ସାହିତ୍ୟ ଓ ସଂସ୍କୃତି ପ୍ରସାର-ପ୍ରଚାରର ମୁଖ୍ୟ ପୁରୋଧା ସର୍ବୋପରି ଶିଳ୍ପ ବିକାଶର ଅନନ୍ୟ ବିଦ୍ଧାଣୀ।

ବସନ୍ତ ବିଶ୍ୱାଳଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା। ୧୯୭୭ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ପ୍ରାୟ ତିନିଦଶନ୍ଧି ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୭୭ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଥିଲେ ସେ । ୧୯୮୦, ୧୯୯୦ ଓ ୧୯୯୫ମସିହାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ତିନି ତିନି ଥର ନିର୍ବାଚିତ ହେବାର ସୌଭାଗ୍ୟ ଲାଭ କରିଥିଲେ । ଯେଉଁ ନିର୍ବାଚନ ମଣ୍ଡଳୀରୁ ତାଙ୍କ ପୂର୍ବରୁ ନିଶାମଣି ଖୁଣ୍ଟିଆଙ୍କ ଠାରୁ ଆରମ୍ଭ କରି ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ପରି ବିଶିଷ୍ଟ ଜନନାୟକମାନେ ପ୍ରତିନିଧିତ୍ୱ କରିଥିଲେ । ୧୯୮୦ରୁ ୧୯୮୫ ଓ ପରେ ୧୯୯୫ରୁ ୨୦୦୦ମସିହାରେ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ଗୃହ, ନଗର ଉନ୍ନୟନ, ଅର୍ଥ, ଜଳସମ୍ପଦ, ଯୋଜନା ଓ ସମନ୍ୱୟ, ସଂସଦୀୟ ବ୍ୟାପାର, ସମବାୟ ଓ କୃଷି ମନ୍ତ୍ରୀ ଭାବେ କାର୍ଯ୍ୟକରି ରାଜ୍ୟରେ ନିର୍ମାଣର ଯୁଗ ଆରମ୍ଭ କରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ, ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ପ୍ରଶାସନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିବା ବେଳେ ବସନ୍ତ କୁମାର ବିଶ୍ୱାଳ ଏହି ନବଗଠିତ ଜିଲ୍ଲାଗୁଡ଼ିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଏଥି ସହିତ କଟକ, ଭୁବନେଶ୍ୱର ଓ ରାଉରକେଲା ଆଦି ସହରର ଭିତ୍ତିଭୂମିର ବିକାଶ ସହ ଏହାର ଶ୍ରୀବୃଦ୍ଧି ସାଧନ ପାଇଁ ତାଙ୍କର ସମୟୋଚିତ ପଦକ୍ଷେପ ଏବେବି ଉଦାହରଣୀୟ ହୋଇ ରହିଛି । ତାଙ୍କ ମନ୍ତ୍ରୀତ୍ୱ ସମୟରେ ଓଡ଼ିଶା ଯେପରି ପ୍ରଗତି ପଥରେ ଆଗେଇ ପାରିବ ସେଥିପାଇଁ ସେ ସଦା ସଜାଗ ଥିଲେ । ସେହିପରି ଓଡ଼ିଶାର ସାମଗ୍ରିକ ବିକାଶ କଥା ଚିନ୍ତା କରୁଥିବା ବେଳେ ନିଜ ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲ ଓ ଜଗତସିଂହପୁର ଜିଲ୍ଲାକୁ କିପରି ଆଗୁଆ କରାଯାଇପାରିବ ସେଥିପାଇଁ ସେ ସଦା ଚେଷ୍ଟିତ ଥିଲେ । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଗାଁ ଗଣ୍ଡା ଓ ଗଳିକନ୍ଦିର ମାଟି କାଦୁଅ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରି ସେ ଗମନାଗମନକୁ ସୁଗମ ଓ ସହଜ କରିଥିଲେ । ଖାଲି ସେତିକି ନୁହେଁ, ନଦୀ ନାଳ ଘେରା ବିଚ୍ଛିନ୍ନ ଗ୍ରାମଗୁଡ଼ିକୁ ସଂଯୋଗୀକରଣ ପାଇଁ ସେ ବିଭିନ୍ନ ସ୍ଥାନରେ ପୋଲ ନିର୍ମାଣ କରି ବିକାଶର ବାଟ ଫିଟାଇଥିଲେ । ଏଥି ସହିତ ତିର୍ତ୍ତୋଲରେ ସୂତା ମିଲ୍ ଓ ରାହାମାରେ ଲୁଗାବୁଣା ମିଲ୍ ପ୍ରତିଷ୍ଠା କରି ବେକାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ଜିଲ୍ଲାରେ ଶିଳ୍ପ ବିକାଶର ମୂଳଦୁଆ ପକାଇଥିଲେ । ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ତିର୍ତ୍ତୋଲର ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସେହିପରି ନବଗଠିତ ଜଗତସିଂହପୁର ଜିଲ୍ଲାର ପ୍ରଗତିର ସେ ହିଁ ମୁଖ୍ୟ ନାୟକ ଥିଲେ । ଜଗତସିଂହପୁରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ପ୍ରସାରଣ, ଆବାସିକ କାର୍ଯ୍ୟାଳୟ ନିର୍ମାଣ ,ସର୍କିଟ ହାଉସର ପ୍ରତିଷ୍ଠା ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ଗୃହ ନିର୍ମାଣ ତାଙ୍କ ଦୂରଦୃଷ୍ଟି ସଂପନ୍ନ ଆଭିମୁଖ୍ୟର ପରିଚୟ ଦିଏ । ସେଥିପାଇଁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ଜିଲ୍ଲାବାସୀ ତାଙ୍କ ପାଖରେ ସଦା ଋଣୀ ହୋଇ ରହିବେ ।



ଜଣେ ଦକ୍ଷ ସଂଗଠକ ଭାବେ ବସନ୍ତ କୁମାର ବିଶ୍ୱାଳଙ୍କର ନିଆରା ପରିଚୟ ଥିଲା । ୧୯୭୭ ମସିହାରେ ଓଡ଼ିଶା ପ୍ରଦେଶ କମିଟିର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ଏହି ପଦବୀରେ ଦୀର୍ଘ ୧୧ବର୍ଷ ଧରି (୧୯୭୭-୧୯୮୮) କାର୍ଯ୍ୟକରି ସେ ନିଜର ଅତୁଳନୀୟ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ଏଥିସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି, ଓଡ଼ିଶା ରାଜ୍ୟ ସମବାୟ ସଂଘର ସଭାପତି (୧୯୮୬-୧୯୯୦), ରାଷ୍ଟ୍ରଭାଷା ପ୍ରଚାର ସମବାୟ ସମିତି ସଭାପତି, ଓଡ଼ିଶା ଅଲମ୍ପିକ ଓ ହକି ଆସୋସିଏସନ୍‌ର ସଭାପତି, ଭାରତୀୟ କୃଷି ସଙ୍ଘ ଉପସଭାପତି, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍‌ସ ସଭାପତି, ସର୍ବଭାରତୀୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ଉପ-ସଭାପତି, ସାରଳା ସାହିତ୍ୟ ସଂସଦର ସଭାପତି ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଭାବେ ସେ ବିଭିନ୍ନ ସମୟରେ କାର୍ଯ୍ୟକରି ନିଜର କର୍ମପଟୁତା ଓ ଦକ୍ଷତାର ସ୍ୱାକ୍ଷର ଛାଡିଯାଇଛନ୍ତି । ରାଜନୀତି ଓ ସଂଗଠନ ଭିତରେ ଥାଇ ବି ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ ବ୍ରତୀ ଥିଲେ ବସନ୍ତ ବିଶ୍ୱାଳ । ଏ ମାଟିର ମହାକବି ସାରଳା ଦାସଙ୍କ ସ୍ମୃତିରକ୍ଷା ଓ ସାରଳା ସାହିତ୍ୟର ପ୍ରସାର ପ୍ରଚାର ପାଇଁ ସେ ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଥିଲେ । କଟକରେ ନିର୍ମିତ ସାରଳା ଭବନ ତାହାର ଜ୍ୱଳନ୍ତ ଉଦାହରଣ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ପ୍ରଥମ ରଙ୍ଗୀନ ଦୈନିକ ସମ୍ବାଦ ପତ୍ର "ସମୟ' ଯାହା ଏବେ ସମ୍ବାଦପତ୍ର ଜଗତରେ ନିଜର ପରିଚୟ ସୃଷ୍ଟି କରିପାରିଛି ।

୧୯୩୬ ମସିହା ଜୁଲାଇ ୨୩ ତାରିଖରୁ ୨୦୦୩ ମସିହା ସେପେଟମ୍ବର ୭ ତାରିଖ- ଏହାହିଁ ଥିଲା ଦୀର୍ଘ ୬୭ ବର୍ଷର ଜୀବନଯାତ୍ରା । ଏହି ଯୋଗଜନ୍ମା ବରପୁତ୍ର ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡ଼ିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସ୍ମରଣୀୟ ହୋଇ ରହିବେ ।

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ- ୯୩୩୭୨୨୧୯୨୪**

# ମଇଁଷି ଫସଲ ଖାଇବା ନେଇ ହରିପୁରରେ ପ୍ରବଳ ଉତ୍ତେଜନା

ଚିକିଟି, (ସବ୍ୟୁ): ଗୋଳନ୍ଥରା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ମଇଁଷି ଫସଲ ଖାଇବାକୁ ନେଇ ହରିପୁର ଗ୍ରାମରେଉତ୍ତେଜନାଦେଖାଯାଇଛି । ଶନିବାର ଦିନ ଶତାଧିକ ମହିଳା ଏବଂ ପୁରୁଷ ଗୋଳନ୍ଥରା ଥାନାରେ ଅଭିଯୋଗ ପତ୍ର ଦେଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରଛନ୍ତି । ଶୁକ୍ରବାର ଦିନ କିଛି ମଇଁଷି ଅଭିଯୋଗ ପ୍ରକାରେ ମାଣିକପୁର ଏବଂ ତାତାଡ଼ପଲ୍ଲୀ ଅଞ୍ଚଳ ର ହରିପୁର ଗ୍ରାମର ପାଞ୍ଚ ଏକର ଧାନ ବିଲରେ ପଶି ଫସଲ ନଷ୍ଟ କରି ଦେଇଥିଲେ ।ଫଳରେ ହରିପୁର ର କିଛି ଗ୍ରାମବାସୀ କିଛି ମଇଁଷି କୁ ନେଇ ଗ୍ରାମରେ ଜିମା ରଖିଥିଲେ । ରାତ୍ର ପ୍ରାୟ ୧୨ଟାରେ କିଛି ମୁଖାଧାରୀ ବ୍ୟକ୍ତି ହାତରେ ମରଣାସ୍ତ୍ର ଧରି ହରିପୁର ଗ୍ରାମରେ ଚଡାଉ କରି କିଛି ମହିଳା ଏବଂ କିଛି ପୁରୁଷ ଙ୍କୁ ଆକ୍ରମଣ କରି ସେଥିରୁ କିଛି ମଇଁଷିକୁ ନେଇ ଯିବାରେ ସଫଳ ହୋଇ ଥିଲେ । ଫଳରେ ଏହାର ପ୍ରତିବାଦରେ ହରିପୁର ଗ୍ରାମର ଗ୍ରାମବାସୀ ଅଭିଯୁକ୍ତଙ୍କୁ ଗିରିଫ କରିବା ଦାବିରେ ଏକ ଲିଖତ ଅଭିଯୋଗ ଥାନାରେ ଦେଇଥିବା ଜଣା ପଡିଛି ।ଘଟଣା ଉପରେ ଗୋଳନ୍ଥରା ଥାନା କଡା ନଜର ରଖିଥିବା ଜଣାପଡିଛି ।

# ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ : ମନ୍ତ୍ରମୁଗ୍ଧ କଲା ନାଟକ "ଜାତି ନନ୍ଦିଘୋଷ'




ବାରିପଦା,(ସବ୍ୟୁ): ସ୍ଥାନୀୟ ସହୀଦ ସ୍ମୃତି ଭବନରେ ଆମେ : ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟମହୋତ୍ସବ ମହାସମାରୋହରେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜଦେଓ ଏହି ମହୋତ୍ସବର ଉଦଘାଟନ କରିଥିଲେ। ସଭାପତି ଡଃ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁଗୁଡେଇ ଯୋଗଦେଇ ମହୋତ୍ସବର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମେଜର ଡଃ କଳ୍ପନା ଦାସ, ଉପସଭାପତି ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରଓ୍ୱାଲ ଉପସ୍ଥିତ ଥିଲେ। ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ମା'ଅମ୍ବିକାଙ୍କ ନିକଟରେ ପୂଜାଅର୍ଚ୍ଚନା କରି ଏକ ବାଇକ ଓ କାର ରେଲି କରି ସଦସ୍ୟମାନେ ସହର ପରିକ୍ରମା କରି ସହୀଦ ଭବନରେ ପହଂଚିବା ପରେ ମଞ୍ଚ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରେକ୍ଷାଳୟ ପୂର୍ଣ୍ଣ ଦର୍ଶକଙ୍କ ଉପସ୍ଥିତିରେ ଭବାନୀପାଟଣାର ସ୍ୱାରକୀ ନାଟ୍ୟସଂସ୍ଥା ଦ୍ୱାରା "ଜାତି ନନ୍ଦିଘୋଷ' ନାଟକ ମଞ୍ଚସ୍ଥ ହୋଇଥିଲା। ଓଡ଼ିଆ ଭାଷାର ଉତଥାନ ପାଇଁ ପ୍ରୟାସ ହିଁ ନାଟକର ବିଷୟବସ୍ତୁ ଓ କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶଙ୍କର ତ୍ରିପାଠୀଙ୍କ ରଚିତ୍ ତଥା ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ନାଟକରେ ପ୍ରବୋଧ ରଥ, ମାନୁ ପଟ୍ଟନାୟକ, ଯାମିନୀକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ସୁନିଲ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେନ୍ଦ୍ର ସୁନ୍ଦରାୟ, ସାଇ ସ୍ୱରୂପ, ସିଦ୍ଧାନ୍ତ, ଦୀପାଞ୍ଜଳି ମହାନ୍ତି ଓ କାଜଲ ଅଭିନୟ କରିଥିଲେ। ବର୍ଣ୍ଣରୂପା ମହାନ୍ତିଙ୍କ ନିର୍ଦ୍ଦେଶନାରେ ହରିହର କଳା ମନ୍ଦିରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ରବିବାର ସନ୍ଧ୍ୟାରେ ପ୍ରଥମ ନାଟକ ସ୍ରଷ୍ଟା, ବାଲେଶ୍ୱର "ନଷ୍ଟ ନାଟକର ନାଟ୍ୟକାର' ଓ ଦ୍ୱିତୀୟ ନାଟକ କୋରାପୁଟର "ରେମୋ' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଝୁମର କର୍ମଶାଳାରେ ଯୋଗ ଦେବେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ବାରିପଦା, (ସବ୍ୟୁ): : ବାରିପଦା ସ୍ଥିତ ଅମ୍ବିକା ହୋଟେଲ ସମ୍ମିଳନୀ କକ୍ଷ ଠାରେ ଓଡିଶା ଝୁମର ଏକାଡେମୀର ସଭାପତି ଅବନୀ ମହାନ୍ତଙ୍କ ସଭାପତିତ୍ୱରେ ଝୁମର କର୍ମଶାଳାର ସୂଚନା ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ାଃ କିଶୋର କୁମାର ବସା, ଝୁମର କର୍ମଶାଳା ରିସେପସନ କମିଟି ଚେୟାରମ୍ୟାନ ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ, କ୍ରେଟାରୀ ବସନ୍ତ ମହାନ୍ତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଝୁମର ଏକାଡେମୀର ଉପସଭାପତି ରାକେଶ ସିଂ ସମ୍ମିଳନୀ ଆରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ଝୁମର ଏକାଡେମୀ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତା ସେପଟେମ୍ବର ୧୫ ଓ ୧୬ତାରିଖ ଦିନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଝୁମର କର୍ମଶାଳା ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ଚେୟାରମ୍ୟାନ ମନୁମେଣ୍ଟ ଅଥରିଟି ଅଫ ଇଣ୍ଡିଆ ପ୍ରଫେସର ଡ଼ାଃ କିଶୋର କୁମାର ବସା ଯୋଗ ଦେବେ । ଉକ୍ତ କର୍ମଶାଳାରେ ୧୫ଟି ଝୁମୁର ନୃତ୍ୟ ଦଳ ଭାଗ ନେବା ସହିତ ଅନ୍ୟ ରାଜ୍ୟ ଯଥା ପଶ୍ଚିମ ବଙ୍ଗ ଝାଡ଼ଖଣ୍ଡ ଆସାମରୁ ଅତିଥି ଓ ବୁଦ୍ଧିଜୀବୀ ଯୋଗ ଦେବେ । ଝୁମର ହେଉଛି ଓଡିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ, ଆସାମ ପ୍ରଦେଶରେ ବସବାସ କରୁଥିବା ଜନଗୋଷ୍ଠୀମାନଙ୍କ ଦ୍ୱାରା ପର୍ବ ପର୍ବାଣି ସାମାଜିକ ସାଂସ୍କୃତିକ ଭାବେ ଝୁମୁର ଗୀତ ବାଦ୍ୟ ଓ ନୃତ୍ୟର ଏକ ସତନ୍ତ୍ର ସ୍ଥାନ ଅଛି । ଝୁମର ଭାରତ ବର୍ଷର ରାଜସ୍ଥାନ, ହରିୟାଣା, ମହାରାଷ୍ଟ୍ର, ଛତିଶଗଡ, ଓଡିଶା, ପଶ୍ଚିମବଙ୍ଗ, ଆସାମ ଏବଂ ଦେଶ ବାହାରେ ବଙ୍ଗଳାଦେଶ, ନେପାଳରେ ମଧ୍ୟ ପରିଚିତ । ଝୁମର କଳା ସଂସ୍କୃତି ର ବିକାଶ ଏବଂ ଝୁମର କଳାକାରମାନଙ୍କୁ ବିଶ୍ୱ ଦରବାରରେ ପରିଚିତ କରିବା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ।

# ଛାତ୍ରକୁ ମାଡ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବ୍ରହ୍ମପୁର,(ସବ୍ୟୁ): ସହରର ଏକ ଘରୋଇ ସ୍କୁଲରେ ପଢୁଥିବା ଜଣେ ୫ ବର୍ଷର ଶିଶୁକୁ ଜଣେ ଶିକ୍ଷୟିତ୍ରୀ ମାଡ ମାରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଶିଶୁର ନାକରୁ ରକ୍ତସ୍ରାବ ହେବା ପରେ ଘଟଣା ସାମ୍ନାକୁ ଆସିଛି ।ଅନ୍ୟପଟେ ସ୍କୁଲ କର୍ତ୍ତୃପକ୍ଷ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି । ବ୍ରହ୍ମପୁର ଧର୍ମନଗର ଅଞ୍ଚଳର ଜଣେ ମହିଳାଙ୍କ ୫ ବର୍ଷର ପୁଅ ଇଂରାଜୀ ମାଧ୍ୟମ ଘରୋଇ ପ୍ରାଥମିକ ବିଦ୍ୟାଳୟରେ ଶିଶୁ କ୍ଲାସରେ ପଢୁଛନ୍ତି । ୩ ଦିନ ତଳେ ଏହି ଛାତ୍ର ଜଣଙ୍କ ସକାଳୁ ବିଦ୍ୟାଳୟକୁ ଯାଇଥିଲେ । ହେଲେ ମଧ୍ୟାହ୍ନରେ ବିଦ୍ୟାଳୟରୁ ଘରକୁ ଫେରିବା ବେଳେ ଛାତ୍ର ଜଣଙ୍କ ନିଜ ବାପାଙ୍କୁ ତାଙ୍କ କ୍ଲାସର ଜଣେ ଶିକ୍ଷୟିତ୍ରୀ ମାଡ ମାରିଥିବା ଜଣାଇଥିଲେ । ଏପରିକି ଶିକ୍ଷୟିତ୍ରୀଙ୍କ ମାଡରେ ତାଙ୍କ ନାକରୁ ରକ୍ତ ବାହାରିଥିବା ଛାତ୍ର ଜଣଙ୍କ କହିଥିଲେ । ଏହା ଶୁଣିବା ପରେ ଛାତ୍ରଙ୍କ ବାପା ସ୍କୁଲକୁ ଯାଇ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ । ହେଲେ ଶିକ୍ଷୟିତ୍ରୀ ଜଣଙ୍କ ପ୍ରଥମେ ଏହାକୁ ଅସ୍ୱୀକାର କରିଥିଲେ । ହେଲେ ସଂପୃକ୍ତ ଛାତ୍ରଙ୍କ ଶ୍ରେଣୀର ଅନ୍ୟ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ ମରିଥିବା କହିଥିଲେ । ଏହାପରେ ସଂପୃକ୍ତ ଶିକ୍ଷୟିତ୍ରୀ ନିଜ ଦୋଷ ସ୍ୱୀକାର କରିଥିଲେ । ଘଟଣାକୁ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲା ।ଏହାପରେ ଛାତ୍ରଙ୍କ ମାଆ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଭାବକଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା ସହ ସଂପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଚାକିରିରୁ ନିଲମ୍ବିତ କରିଥିବା ଜଣାପଡିଛି । ସେହିପରି ଟାଉନ ଥାନା ପୋଲିସ ମଧ୍ୟ ଘଟଣାର ତଦନ୍ତ କରିଥିବା ସୂଚନା ମିଳିଛି ।

# ଯୁବ ଆଇନଜୀବୀଙ୍କୁ ୩୦ ହଜାର ମେଧାବୃତ୍ତି ପ୍ରଦାନ ଦାବି

ବ୍ରହ୍ମପୁର ,(ସବ୍ୟୁ): ଯୁବ ଆଇନଜୀବୀମାନଙ୍କୁ ମାଜିଷ୍ଟ୍ରେଟ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ୩ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୩୦ ହଜାର ଟଙ୍କା ସୁନାମଧନ୍ୟ ଭାଷାବିଦ ବାରିଷ୍ଟର ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମରେ ମେଧାବୃତ୍ତି ଘୋଷଣା କରାଯାଉ ବୋଲି ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ କୁମାର ପଟ୍ଟନାୟକ ଏକ ପତ୍ର ମଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି । ସୁପ୍ରିମକୋର୍ଟ ଘୋଷଣା କରିଛନ୍ତି ଯେ, ଆଇନ ଛାତ୍ରମାନେ ତିନି ବର୍ଷ ପର୍ଯ୍ୟନ୍ତ ଓକିଲାତି ନ କରିଲା ପର୍ଯ୍ୟନ୍ତ ମାଜିଷ୍ଟ୍ରେଟ ପରୀକ୍ଷା ଦେଇପାରିବେ ନାହିଁ । ବହୁ ଯୁବ ମେଧା ଆଇନଜୀବୀ ମାନେ ମାଜିଷ୍ଟ୍ରେଟ ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି । କିନ୍ତୁ ଗରିବ ପରିବାର ବର୍ଗ ରୁ ଆସିଥିବା ଆଇନଜୀବୀମାନଙ୍କ ପାଇଁ ରାଜ୍ୟ ସରକାର କୌଣସି ପ୍ରକାର ମେଧାବୃତ୍ତି ଘୋଷଣା କରି ନାହାନ୍ତି ।ରାଜ୍ୟରେ ଉଚ୍ଚ ଶିକ୍ଷା ଛାତ୍ର ବୃତ୍ତି ପାଇଁ ଇ-ମେଧାବୃତ୍ତି, ଗୋପବନ୍ଧୁ ଶିକ୍ଷା ସହାୟତା, ବାଣିଶ୍ରୀ ସହାୟତା, ଫକୀର ମୋହନ ଭାଷା ବୃତ୍ତି ପାଇଁ ଅତି କମ ରେ ୨୦ ହଜାର ଟଙ୍କା, ସାଧାରଣ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଶିକ୍ଷା ଫି ୩୦ ହଜାର ଟଙ୍କା, ଇଞ୍ଜିନିଅର ପାଠ୍ୟକ୍ରମ ପାଇଁ ବାର୍ଷିକ ୧. ୨୫ ଲକ୍ଷ ରଖାଯାଇଛି ଏବଂ ଡାକ୍ତରୀ ଅଧ୍ୟୟନ ପାଇଁ ୩ ଲକ୍ଷ ଟଙ୍କା ରଖାଯାଇଛ ।ସେହିପରି ଜୁନିଅର ମେରିଟ ସ୍କଲାରସିପ ମେଧାବୃତ୍ତି ଦୁଇବର୍ଷ ପାଇଁ ବାର୍ଷିକ ୩ ଲକ୍ଷ ଟଙ୍କା, ସିନିଅର ମେରିଟ ସ୍କଲାରସିପ ମେଧାବୃତ୍ତି ୩ ବର୍ଷ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ସ୍ନାତକୋତ୍ତର ସ୍କଲାରସିପ ମେଧାବୃତ୍ତି ୨ ବର୍ଷ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କା ରଖାଯାଇଛି । କିନ୍ତୁ ଗରିବ ପରିବାର ବର୍ଗରୁ ଆସି ନଥିବା ଯୁବମେଧା ଆଇନଜୀବୀମାନଙ୍କ ପାଇଁ ମାଜିଷ୍ଟ୍ରେଟ ପ୍ରସ୍ତୁତି ହେବା ସକାଶେ କିଛି ମେଧାବୃତ୍ତି ରଖାଯାଇନାହିଁ । ତେଣୁ ନିବେଦନ, ଓଡିଶାର ଭାଷାକୋଷର ପ୍ରଣେତା ତଥା ଭାଷାବିଦ ବାରିଷ୍ଟର ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମରେ ତାଙ୍କ ପୁଣ୍ୟତିଥି ରେ (୨୭ ସେପେଟମ୍ବର ୧୮୭୪)ମାଜିଷ୍ଟ୍ରେଟ ହେବା ନିମନ୍ତେ ଯେଉଁ ଯୁବ ଆଇନଜୀବୀ ମାନେ ପ୍ରସ୍ତୁତ ହେଉଛନ୍ତି ତାଙ୍କ ପାଇଁ ବାର୍ଷିକ ୩୦ ହଜାର ଟଙ୍କା ମେଧାବୃତ୍ତି ଘୋଷଣା କରାଯିବା ନିମନ୍ତେ ଶ୍ରୀ ପଟ୍ଟନାୟକ ଦାବୀ ଜଣାଇଛନ୍ତି ।

# ସାର ଗୋଦାମ , ଦୋକାନ ଉପରେ ଚଢ଼ାଉ

ଛତ୍ରପୁର,(ସବ୍ୟୁ): ସାରର ଅଭାବୀ ବିକ୍ରିର ଅଭିଯୋଗ ହେବା ପରେ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ତଥା ଫର୍ଟିଲାଇଜର ଇନ୍ସପେକ୍ଟର ନିହାର ରଞ୍ଜନ ଦାଶ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ ଓ ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସଓ୍ୱାଇଁ ବିଭିନ୍ନ ସାର ଦୋକାନ, ଗୋଦାମ ଗୃହ ଓ ସମବାୟ ସମିତି ଯାଇ ସମସ୍ତ ନଥିପତ୍ର, ଷ୍ଟକ ରେଜିଷ୍ଟର, ବିକ୍ରୟ ରେଜିଷ୍ଟର ତଦାରଖ କରିଥିଲେ । କୌଣସି ପରିସ୍ଥିତିରେ ଚାଷୀଙ୍କୁ ଚଢା ଦରରେ ସାର ବିକ୍ରୟ ନ କରିବାକୁ ତାଗିଦ କରିଥିଲେ । ଶନିବାର ଦିନ ଛତ୍ରପୁର ବ୍ଲକ ର ୭ ଗୋଟି ସମବାୟ ସମିତିକୁ ୧୦୦ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି ।ଝ ଅନ୍ୟପକ୍ଷରେ ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାର କଳାବଜାରୀ ରୋକିବାକୁ ପଦକ୍ଷେପ ନିଆଯାଉଛି । ସାର ଅଭାବ ଓ କଳାବଜାରୀ ରୋକିବାକୁ ଗତ ୫ ତାରିଖରେ ଆସିଥିବା ୧୮୦୦ ମେଟ୍ରିକ ଟନୟୁରିଆ ସାର କୁ ସମ୍ପୂର୍ଣ୍ଣ ରୂପେ ୨୨ ଗୋଟି ବ୍ଲକର ୧୨୬ ଗୋଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକସ) ଜରିଆରେ ଚାଷୀ ମାନଙ୍କୁ ବିକ୍ରି କରିବାକୁ ନିଷ୍ପତି ନିଆଯାଇଛି । ଯଥାଶୀଘ୍ର ପର୍ଯ୍ୟାପ୍ତ ପରିମାଣରୟୁରିଆ ଆସି ପହଞ୍ଚିବା ନେଇ ବ୍ୟବସ୍ଥା କରାଯାଇଛି ଓ କୃଷି ବିଭାଗ ତରଫରୁ ସୂଚନା ମିଳଛି ଏବଂ ଉକ୍ତ ସାରକୁ ମଧ୍ୟ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକସ) ଜରିଆରେ ବିକ୍ରି କରିବା ନିମନ୍ତେ ପ୍ରଶାସନ ତରଫରୁ ପ୍ରୟାସ ଜାରି ରହିଛି । ତେଣୁ ଆଗାମୀ ଦିନରେ ଜିଲ୍ଲାରେ ସାର ର କୌଣସି ଅଭାବ ରହିବ ନାହିଁ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ତେଣୁ ଭୟଭୀତ ହୋଇ କୌଣସି ଚାଷୀ ଭାଇ ମାନେ ଚଢ଼ା ଦରରେ ସାର ନକିଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।ସୀ, ବି.ମୁସଲେୟା, ଏସ. ଗୁରେୟାଙ୍କ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଚୋରି

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଗାନ୍ଧିନଗର ଦିତ୍ୱୀୟ ଲାଇନରେ ରହୁଥିବା ଅଭୟ କୁମାର ପାଢୀ ଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି ହୋଇଛି । ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୩୭୦/୨୫ ରେ ଏକ ମାମଲା ରୁଜୁ କରିଛି । ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି । ଘଟଣାରୁ ପ୍ରକାଶ ଯେ, ଗତ ଗୁରୁବାର ବିଳମ୍ବିତ ରାତ୍ରରେ ଘର ଭିତରେ ଶବ୍ଦ ହେବା ଶୁଣି ସେ ଉଠି ପଡିଥିଲେ । ସେ ଚିତ୍କାର କରିବାରୁ ଘର ଭିତରେ ଥିବା ଦୁଇଜଣ ଯୁବକ ଦୌ ପଳାଇଥିଲେ । ସେ ଘର ଲାଇଟ ଲଗାଇ ଦେଖିବା ବେଳେ ଅଲମୀରା ଭଙ୍ଗା ଯାଇଥିଲା । ଘର ନିର୍ମାଣ ପାଇଁ ସେଥିରେ ସେ ରଖିଥିବା ୧ ଲକ୍ଷ ୨୦ ହଜାର ଟଙ୍କା ଗାୟବ ଥିଲା । ସେହିପରି ଟେବଲଡ୍ର ଭିତରେ ରଖିଥିବା ୧୦ ହଜାର ଟଙ୍କା ମଧ୍ୟ ଦୁର୍ବୃତ୍ତ ମାନେ ନେଇଯାଇଥିଲେ । ସେହିପରି ଅନ୍ୟ ଏକ ଅଲମୀରାରେ ଥିବା ଏକ ଟାଇଟନର ମୂଲ୍ୟବାନ ଘ ସୁନା ମୁଦି , ୫ ଗୋଟି ସୁନା ମୁଦ୍ରା (କୟନ) ମଧ୍ୟ ଚୋରି ହୋଇଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

# ଲେବର କାର୍ଡ ପାଇଁ ଅର୍ଥ ଅଦାୟ: ଗୋଟିକୁ ୫୦୦ ଟଙ୍କା

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଅଞ୍ଚଳରେ ଲେବର କାର୍ଡ ପ୍ରସ୍ତୁତ କରିବା ପାଇଁ ଶ୍ରମିକମାନଙ୍କ ଠାରୁ ବେଆଇନ ଭାବରେ ଅର୍ଥ ଅଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ବଇଞ୍ଚା ଅଞ୍ଚଳର କିଛି ଶ୍ରମିକ ଶନିବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ।

ସେମାନେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଲୁହାମୁଣ୍ଡା ପଞ୍ଚାୟତ ନିକଟରେ ଶନିବାର ଦିନ ଦୁଇ ଜଣ ଯୁବକ ଲେବର କାର୍ଡ ପ୍ରସ୍ତୁତ କରିବା ପାଇଁ ୫୦୦ ଶହ ଟଙ୍କା ଲେଖାଏଁ ଶ୍ରମିକଙ୍କ ଠାରୁ ଅଦାୟ କରିଥିଲେ । ଲେବର କାର୍ଡ ପାଇଁ କୌଣସି ଅର୍ଥ ପଡୁନଥିବା ବେଳେ ଜଣେ ମହିଳା ଟଙ୍କା ଅଦାୟ କରିବା ପାଇଁ କହୁଥିବାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ବିଶେଷ କରି ବଇଞ୍ଚା, ଲୁହା ମୁଣ୍ଡା, ହଣ୍ଡପା, ନାକିଚି, ପର୍ଶୁମାଳ, ବିଲେଇ ନାଳୀ ସମେତ ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଉର୍ଦ୍ଧ୍ୱ ଶ୍ରମିକମାନଙ୍କର ଆଧାର କାର୍ଡ ଅଦାୟ କରି ଲେବର କାର୍ଡ ପାଇବା ପାଇଁ ସେମାନଙ୍କର ଫର୍ମକୁ ଯାଞ୍ଚ କରିଥିଲେ ।

ଛେଣ୍ଡି ପଦା ଓ ହଣ୍ଡପା ଥାନା ଅଞ୍ଚଳର ଦୁଇ ଜଣ ଯୁବକ ଏକ ଲାପଟପ ଧରି ପ୍ରତ୍ୟେକ ଶ୍ରମିକଙ୍କର ଲେବର କାର୍ଡ ହୋଇଯିବ କହି ସେମାନଙ୍କ ଠାରୁ ୫୦୦ ଶହ ଟଙ୍କା ଲେଖାଏ ଅଦାୟ କରିଥିଲେ । ୯୦ ଜଣ ଶ୍ରମିକଙ୍କଠାରୁ ୫୦୦ ଟଙ୍କା ଲେଖାଁଏ ଅଦାୟ କରିବା ପରେ ଯେଉଁ ଶ୍ରମିକ ଟଙ୍କା ନଦେଲେ ସେମାନଙ୍କର ଫର୍ମକୁ ଫେରାଇ ଦେଇଥିଲେ । ଯାହାକି ଉତ୍ତେଜନା ଦେଖାଦେଇଥିଲା । ଏ ନେଇ କିଛି ଶ୍ରମିକ କିଶୋରନଗର ବିଡ଼ିଓଙ୍କ ଠାରେ ଅଭିଯୋଗ କରିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା । ହଣ୍ଡପା ପୋଲିସ ପକ୍ଷରୁ ଏ ନେଇ ଖୋଜ ତାଡ଼ ଆରମ୍ଭ ହୋଇଥିବା ବେଳେ ଦୁଇ ଜଣ ଯୁବକ ଘଟଣା ସ୍ଥଳରୁ ଶ୍ରମିକଙ୍କ ଅଦାୟ କରିଥିବା ଟଙ୍କା ଧରି ଫେରାର ହୋଇଯାଇଥିଲେ । ଉକ୍ତ ଦୁଇ ଜଣ ଯୁବକ ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ଏକ କ୍ୟାମ୍ପ କରି ଲେବର କାର୍ଡ ଯୋଗାଇ ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଜିଲ୍ଲାପାଳ ଉଚ୍ଚସ୍ତରୀୟ ଦ୍ୱାରା ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ କିଶୋରନଗର ବିଡ଼ିଓ ସୁବ୍ରତ କୁମାର ବେହେରା କୁହନ୍ତି, ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରିବା ପାଇଁ ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ।

## ହାତୀ ଆକ୍ରମଣରେ ଜଣେ ମୃତ

ରାସୋଳ/ହିନ୍ଦୋଳ, (ସବ୍ୟୁ): ହିନ୍ଦୋଳ ବନାଞ୍ଚଳ ବାଙ୍କଏ ସେକ୍ସନ ବେଡାପଡ଼ା ଗ୍ରାମରେ ଆଜି ସନ୍ଧ୍ୟାରେ ହାତୀ ଆକ୍ରମଣ ରେ ଜଣେ ମୃତ୍ୟୁ ବରଣ କରିଥିବା ଜଣା ଯାଇଛି । ବେଡାପଡ଼ା ଗ୍ରାମର ସାନନ୍ଦ ନାଏକଙ୍କ ପୁଅ ଡଣ୍ଡିଆ ନାଏକ ଆଜି ସନ୍ଧ୍ୟାରେ ପାଖ ଗ୍ରାମରୁ ନିଜ ଗ୍ରାମ ବେଡ଼ାପଡ଼ା ଆସୁଥିବା ବେଳେ ଏକ ହାତୀ ସହ ମୁହାମୁହିଁ ହୋଇ ଆକ୍ରମଣ ର ଶିକାର ହୋଇ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ବନ ବିଭାଗ ଓ ପୋଲିସ ପହଞ୍ଚି ନ ଥିବାର ଜଣା ଯାଇଛି ।

## ମଦ ଜବତ, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁର ଗଡ଼ ଥାନା ଟାପ ଢୋଲ ଅଞ୍ଚଳ ରେ ଚଢ଼ାଉ କରି ଗୋକୁଳା ନନ୍ଦ ଙ୍କ ଠାରୁ ୧୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ଏନେଇ ନମ୍ବର ୨୫୧/୨୫ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି – ଗୋକୁଳା ଚୋରା ମଦ ବିକ୍ରି କରିବା ପାଇଁ ଏକ ଜାରକିନି ମାଧମରେ ୧୫ ଲିଟର ମଦ ନେଉଥିବା ବେଳେ ପୋଲିସ ଖବର ପାଇଁ ଚଢ଼ାଉ କରି ଗିରଫ କରିଥିଲା ।

# ସୁଶ୍ରୀ ଶୋଭାଗିନୀ ଦେବୀଙ୍କୁ ପାଇକ ବୀରାଙ୍ଗନା ଓ ଓଡିଶା ଗୌରବ ସମ୍ମାନ



ତାଳଚେର,(ସବ୍ୟୁ) :ପବିତ୍ର ଗୁରୁ ଦିବସ ଅବସରରେ ତାଳଚେର ମାଟିର କନ୍ୟା ସୁଶ୍ରୀ ଶୋଭାଗିନୀ ଦେବୀଙ୍କୁ ନିଖିଳ ଓଡିଶା ପାଇକ ମହାସଂଘ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଇକ ବୀରାଙ୍ଗନା ସମ୍ମାନ ପ୍ରଦାନ କରାଯିବା ସହିତ ଗୁରୁ ଶ୍ରେଷ୍ଠ ରାଣୀ ସୁକଦେଇ ପାଇକ ବାହିନୀ ଭାବେ ରାଜ୍ୟସ୍ତରୀୟ ଗୁରୁପୂଜନ ଉତ୍ସବ ସହ ମହାନ କାର୍ଯ୍ୟକ୍ରମରେ ଓଡିଶା ଗୌରବ ସମ୍ମାନ ପ୍ରଦାନ କରାଯାଇଛି । ସୁଶ୍ରୀ ଦେବୀ ଜୀବନ ଭରି ଅସୀମ ତ୍ୟାଗ, ଆଦର୍ଶ ବୀରତ୍ୱ, ତାଳଚେର ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ଓ ସୈନିକ ସ୍କୁଲ୍ ପ୍ରତିଷ୍ଠା, ଓଡିଶାର ଯୋଦ୍ଧା ବାଙ୍କି ରାଣୀ ଶୁକଦେଇ ରେଜିମେଂଟ୍ ଗଠନ କରି ଝିଅମାନଙ୍କୁ ଦେଶ ପ୍ରେମ ସହିତ ତଲୱାରରେ ଯୁଦ୍ଧ କୌଶଳ ପ୍ରଦର୍ଶନ କରି ଓଡିଶା ତଥା ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ପ୍ରଦର୍ଶନ କରି ବୀରାଙ୍ଗନା ପରିଚୟ ଦେଇଅଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଡଃ ଗାୟନ ସାମଲ, ସାଧାରଣ ସଂପାଦକ ଅଶୋକ କୁମାର ପାଲଟାସିଂ, ରାଜ୍ୟ ସଂଯୋଜକ କେଦାରନାଥ ଦାସ, ମୁର୍ଚ୍ଛନା ଓ ଓଡିଶା କଲଚର ଆର୍ଟ ଏକାଡେମୀର ସଭାପତି ବସନ୍ତ କୁମାର ଦାସ, ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତ୍ରିଲୋଚନ ବରାଳ, ସମାଜସେବୀ ତଥା ଶିକ୍ଷାବିତ୍ ଶଶଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ପାରିବାରିକ କଳହର କରୁଣ ପରିଣତି

# ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ମାଣପୁର ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି । ଜଣେ ମହିଳା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ଶରୀରର ୭୦ଭାଗ ପୋଡିଯାଇଥିବାର ଜଣାପଡିଛି । କଣ୍ଟାବଣିଆ ଥାନା ମାଣପୁର ଗାଁରେ ପାରିବାରିକ କଳହରୁ ଜଣେ ମହିଳା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଜଣାଯାଇଛି ।

ମହିଳାଙ୍କ ଶରୀରର ୭୦ ପ୍ରତିଶତ ପୋଡି ଯାଇଥିବାର ଜଣାପଡିଛି । ମାଣପୁର ଗ୍ରାମର ବାବୁଲା ଗୋଛାୟତ ଓ ତାଙ୍କ ପତ୍ନୀ ସାବିତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା । ଝଗଡା ଏଭଳି ପରିସ୍ଥିତିରେ ପହଞ୍ଚିଥିଲା ଏଥିରେ ବାବୁଲାଙ୍କ ପତ୍ନୀ ଉତକ୍ଷିପ୍ତ ହୋଇ ଘରେ ବୋତଲରେ ଥିବା ପେଟ୍ରୋଲକୁ ଆଣି ନିଜ ଦେହରେ ଢାଳିବା ସହିତ ନିଆଁ ଲଗାଇ ଦେଇଥିଲେ । ତାଙ୍କ ଦେହର ଲୁଗା ଜଳୁଥିବା ବେଳେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଅନୁଗୁଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶରୀର ୭୦ ପ୍ରତିଶତ ପୋଡିଯାଇଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମୁଖ୍ୟ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାର ଜଣାପଡିଛି ।

# କମଳପୁର ଗୁଳିକାଣ୍ଡ ଘଟଣା : ବନ୍ଧୁକ ସହ ଜଣେ ଗିରଫ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଥାନା ଅନ୍ତର୍ଗତ ନଅଗାଁ ପଞ୍ଚାୟତ କମଳପୁର ଗ୍ରାମ ରେ ଗତ ୧/୯/୨୦୨୫ ରିଖ ରେ ଘଟିଥିବା ଗୁଳିକାଣ୍ଡ ଘଟଣା ରେ ଫେରାର ଥିବା ଅଭିଯୁକ୍ତ କ୍ଷୀରୋଦ ନାଏକ (୩୭)ଙ୍କୁ ଆଠମଲ୍ଲିକ ପୋଲିସ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ଏସ ଡ଼ି ପିଓ ସୁଶାନ୍ତ କୁମାର ତାଉଡ଼ିଆ ସୂଚନା ଦେଇଛନ୍ତି । ଅଭିଯୁକ୍ତ କ୍ଷୀରୋଦ ନାଏକ ସହିତ ବନ୍ଧୁକ ମଧ୍ୟ ଜବତ କରିଥିବା ଜଣାପଡିଛି ।

ସୂଚନା ଥାଉ କି ଗତ ୧ ତାରିଖରେ ଅଭିଯୁକ୍ତ କ୍ଷୀରୋଦ ନାଏକ କୌଣସି କାରଣରୁ ସୁରଭି ନାଏକଙ୍କୁ ଗୁଳି କରିଥିଲେ । ଗୁଳିକାଣ୍ଡରେ ଆହତ ହୋଇ ପ୍ରଥମରେ ଆଠମଲ୍ଲିକ ଡାକ୍ତରଖାନା, ଏବେ କଟକ ଏସ ସି ବି ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଜଣା ପଡିଛି । ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତା /୧୦୯ (୧) ଆରମ୍ସ ଆକ୍ଟ ୨୫/୨୭ ଦଫାରେ କେଶ ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି । ତାର ଜାମିନନାମଂଜୁର ହେବାରୁ ଜେଲ ହାଜତକୁ ପଠେଇ ଦିଆଯାଇଥିବା ଜଣାପଡିଛି ।

## ମାଛ ମାରିବାକୁ ଚେକ୍‌ଡ୍ୟାମ ବନ୍ଦ

# ପାଣିରେ ବୁଡିଲା ଏକର ଏକର ଚାଷଜମି

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ବଡଇନ୍ଦିପୁର ଗ୍ରାମରେ ଥିବା ଏକ ଚେକ ଡ୍ୟାମକୁ ବନ୍ଧାଇଦେବାରୁ ସାନ ଇନ୍ଦିପୁର ଗ୍ରାମର ଏକର ଏକର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ କ୍ଷତିପୂରଣ ଦାବୀରେ ଚାଷୀମାନେ ତହସିଲଦାରଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। କାମାକ୍ଷାନଗର ଏନଏସି ବଡଇନ୍ଦିପୁର ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗର ଏକ ଚେକ ଡ୍ୟାମ ରହିଛି। ଏହି ଚେକଡ୍ୟାମ ବନ୍ଧାଇବାରୁ ଏକର ଏକର ଚାଷଜମି ପାଣିରେ ବୁଡିଯାଇଛି। ଚାଷବାସ ସମୟରେ ଧାନଫସଲ ଜଳମଗ୍ନ ହେବାକୁ ନେଇ ଚାଷୀ ମାନେ ଚିନ୍ତାରେ ପଡିବା ସହିତ ଧାନଫସଲର କ୍ଷତିପୂରଣ ଓ ଚେକଡ୍ୟାମକୁ ତୁରନ୍ତ ଖୋଲିବା ନେଇ କାମାକ୍ଷାନଗର ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ସାନ ଇନ୍ଦିପୁର ଗ୍ରାମର କୋଡିଏରୁ ଉର୍ଦ୍ଧ ଚାଷୀ ଲିଖିତ ଭାବରେ ଜଣାଇଛନ୍ତି। ସୂଚନା ଅନୁସାରେ କାମାକ୍ଷାନଗର ଏନଏସିରେ ଥିବା ବଡ଼ଇନ୍ଦିପୁର ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗର ଏକ ଚେକଡ୍ୟାମ ରହିଛି ।କିନ୍ତୁ ସେହି ଗ୍ରାମର କିଛି ଲୋକ ମାଛ ମାରିବାକୁ ନେଇ ଚେକଡ୍ୟାମକୁ ବନ୍ଧାଇବାରୁ ସାନଇନ୍ଦିପୁର ଗ୍ରାମରେ ଥିବା ଏକରଏକର ଚାଷ ଜମି ଜଳମଗ୍ନ ହୋଇ ଯାଇଛି। ଫଳରେ ଏବେ ଚାଷବାସ କାମ ଚାଲିଥିବାରୁ ରୁଆ ହୋଇଥିବା ଧାନ ଗୁଡିକ ଚାରି ପାଞ୍ଚ ଦିନ ହେଲାଣି ପାଣିରେ ବୁଡ଼ି ନଷ୍ଟହୋଇ ପଚିବାରେ ଲାଗିଲାଣି।ଧାରକରଜ କରି ନିଜ ବର୍ଷକର ଆହାର ଯୋଗାଡୁଥିବା ଚାଷୀ ଏବେ ଚିନ୍ତାରେ ଥିବାବେଳେ କିପରି ତୁରନ୍ତ ପ୍ରଶାସନ ତରଫରୁ ଏଥିରେ ହସ୍ତକ୍ଷେପ କରାଯାଇ ଚେକଡ୍ୟାମକୁ ଖୋଲିବା ପାଇଁ କାମାକ୍ଷାନଗର ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ସାନ ଇନ୍ଦିପୁର ଗ୍ରାମର ଚାଷୀ ମାନେ ଦାବି ଜଣାଇଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ଗୁରୁଦିବସ ପାଳିତ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ରୋଟାରୀ କ୍ଲବ ତରଫରୁ ସଦର ବ୍ଲକ ଗଜମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ମାନଙ୍କୁ ଗୁରୁ ଦିବସ ଅବସରରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରୋଟାରିଆନ ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ପାଣି, ପ୍ରଦୋଷ ଶତପଥୀ ଉପସ୍ଥିତ ଥିଲେ । ସେହିପରି ରୋଟାରୀ କ୍ଲବ ପରିସରରେ ରୋଟାରୀ କ୍ଲବ ଏବଂ ଇନେରେହୁଇଲ ମିଳିତ ଆନୁକୁଲ୍ୟରେ ଗୁରୁଦିବସ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା ।ରୋଟାରୀ କ୍ଲବ ସଭାପତି ସାଗରିକା ମିଶ୍ର ସଭାପତିତ୍ୱ କରିଥିଲେ ।

ସମ୍ପାଦକ ତପନ ପାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ରୋଟାରିଆନ ଅବୋଧ କୁମାର ମହାପାତ୍ର, ଅଭିମନ୍ୟୁ ସାହୁ,ଇନର ହୁଇଲ ଉପସଭାପତି ମଧୁଛନ୍ଦା,କବିତା ମହାନ୍ତି ଅଭିଭାଷଣ ରଖିଥିଲେ । ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକ, ମହୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି ମଞ୍ଜରୀ ଲେଙ୍କା, ଢେଙ୍କାନାଳ କଲେଜ୍‌ର ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟା ନ ଙ୍କୁ ମାନପତ୍ର, ଉତ୍ତରୀୟ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଗୁରୁ ଦିବସର ପ୍ରାଧାନ୍ୟ,ଗୁରୁ ଶିଷ୍ୟ ସମ୍ପର୍କ ବିଷୟରେ ତାଙ୍କର ଅଭିଭାଷଣ ରଖିଥିଲେ । ରୋଟାରିଆନ ରାଜ କିଶୋର ବେହେରା, ସୁନିଲ କୁମାର ମିଶ୍ର ମାନ ପତ୍ର ପାଠ କରିଥିଲେ । ଇନ୍ନରହୁଇଲର ସଭ୍ୟ ଶିକ୍ଷୟିତ୍ରୀ ଦୀପ୍ତି ମୟୀ ଲେଙ୍କା ଏବଂ କବିତା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ରୋଟାରିଆନ ରାଜେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ରୋଟାରିଆନ ବିନୋଦ ଅଗ୍ରୱାଲ, ମହେଶ ପ୍ରସାଦ ଅଗ୍ରୱାଲ,ଭବାନୀ ଶଙ୍କର ଦାଶ,ଗୌରବ ସରାଉଗୀ, ହେମନ୍ତ ମହାନ୍ତି,ତାପସ ରାଉତ, ସନ୍ଧ୍ୟା ମହାପାତ୍ର, ନିରଦାନନ୍ଦ ନନ୍ଦଙ୍କ ସମେତ ଇଣ୍ଣରହୁଇଲ ସମସ୍ତ ସଦସ୍ୟା, ରୋଟରାକ୍ଟ ସମସ୍ତ ସଦସ୍ୟ, ସଦସ୍ୟା, ଆର୍ ସି ସି ଗଜମାମର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

# କାର ତଳେ ଚାପି ହୋଇ ୩ ମୃତ, ତିନି ଗୁରୁତର

ବଅଁରପାଳ,(ସବ୍ୟୁ) : ଅଟୋ କାର ମୁହାମୁହିଁ ଧକ୍କା ହେବା ସହ ଅଟୋକୁ ଘୋଷାଡି ନେଲା କାର । ଯାହା ଫଳରର ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଗୁରୁତର ହୋଇଛନ୍ତି । ଘଟଣା ରୁ ପ୍ରକାଶ ଆଜି ଦିନ ୩ ଟା ସମୟରେ ଅନୁଗୁଳ –ଭୁବନେଶ୍ୱର ରାସ୍ତାର ଖଣ୍ଡହତା ବ୍ରିଜ ନିକଟରେ ଅଟୋ ସହିତ କାର ମୁହାମୁହିଁ ଧକ୍କା ହୋଇଛି । ମୃତକ ମାନେ ହେଲେ ବଂଶୀଧର ସେଠି, କମଳା ସେଠି ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି ଓ ଗୁରୁତର ମାନେ ହେଲେ ସୁନିତା ସେଠି, ପୁଅ ଶ୍ରୀ ସାଇ ସେଠି ,ବିଶ୍ୱଜିତ । ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠିଙ୍କ ଦେହ ଖରାପ ହେବାରୁ ଅନୁଗୁଳ ଚିକିତ୍ସାଳୟକୁ ଦେହ ଦେଖାଇବା ପାଇଁ ଏକ ଅଟୋ ଯୋଗେ ବଂଶୀଧରଙ୍କ ସ୍ତ୍ରୀ କମଳା ସେଠି, ବୋହୂ ସୁନିତା ସେଠି ଏବଂ ପୁଅ ଶ୍ରୀ ସାଇ ସେଠି କୁ ନେଇ ଚିକିତ୍ସାଳୟକୁ ଆସିଥିଲେ । ଦେହ ଦେଖାଇବା ପରେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ । ସେଠାରେ ଖାଇ ସାରି ଅଟୋ ଯୋଗେ କାରନ୍ଦା ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା । ଅଟୋ-କାର ରାସ୍ତା କଡରେ ଥିବା ବିଲ ଭିତରକୁ ପଶିଯାଇଥିଲା । ଦୁର୍ଘଟଣା ଏପରି ଥିଲା ଯେ ଅଟୋଟି କାର ତଳେ ଚାପି ହୋଇ ରହି ଯାଇଥିଲା । ଏହି ଦୁର୍ଘଟଣାରେ ଅଟୋରେ ଯାଉଥିବା ବଂଶୀଧର ସେଠି, ସ୍ତ୍ରୀ କମଳା ସେଠି, ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବୋହୂ ସୁନିତା ସେଠି ଏବଂ ଶ୍ରି ସାଇ ସେଠି ଗୁରୁତର ହୋଇଥିଲେ ।ଏ ପଟେ କାର ମାଲିକ ଗୁରୁତର ଥିବାବେଳେ କାର ଚାଳକଙ୍କର କୌଣସି ଖବର୍ ମିଳିନାହିଁ । ଖବର ପାଇ ଅନୁଗୁଳ ଅଗ୍ନିଶମ ବିଭାଗ ପହଁଚି ସମସ୍ତ ମୃତ ଏବଂ ଗୁରୁତରଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଖବର ପାଇ ସଦର ପୁଲିସ ପହଁଚି ତଦନ୍ତ ଆରମ୍ଭ କରିଛି ।

# କାର ଦୁର୍ଘଟଣା, ୩ ଗୁରୁତର

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜ ପଥର ହଣ୍ଡପା ଥାନା ନାକିଚି ଅଂଚଳ ରେ ଶୁକ୍ରବାର ବିଳମ୍ବିତ ରାତି ଏକ କାର ଭାରସାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣା ରେ କାର ରେ ବସିଥିବା ୩ ଜଣ ଗୁରୁତର ଆହାତ ହୋଇଛନ୍ତି । ସେମାନ ଙ୍କର ପରିଚୟ ଜଣା ପଡିନାହିଁ । ବଇଣ୍ଡାରୁ ବାମୁର ଅଭିମୁଖେ ଯାଉଥିବା ଏକ କାର ନମ୍ବର ଓଡି ୩୩ ଏ ବି ୪୪୯୯ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ ଏହି ଦୁର୍ଘଟଣାରେ ୩ ଜଣ ଗୁରୁତର ଆହାତ ହୋଇଥିଲେ । ଗୁରୁତରଙ୍କୁ ସ୍ଥାନୀୟ ଅଞ୍ଚଳ ବାସି ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହଣ୍ଡପା ପୋଲିସ ଉକ୍ତ ଗାଡି କୁ ଜବତ କରି ଏକ ମାମଲା ରୁଜୁ କରିଛି ।

# ଖମାରରୁ ଚୋରି ଟ୍ରାକ୍ଟର କାଳିମେଳାରୁ ଉଦ୍ଧାର: ଦୁଇ କୋର୍ଟ ଚାଲାଣ

ଖମାର,(ସବ୍ୟୁ) : ପାଲଲହଡା ବ୍ଲକ ଖମାର ଥାନା ଅନ୍ତର୍ଗତ ନିମିରିବେଡା ଗ୍ରାମରୁ ଗତ ୧୫ ତାରିଖ ରାତିରେ ଜଣେ ଇଟା ଫ୍ୟାକଟେରୀ ମାଲିକଙ୍କ ଘରୁ ଏକ ନୀଳ ରଙ୍ଗର ଟ୍ରାକ୍ଟର ଚୋରି ହେଇଥିଲା । ଓଡ଼ି ୩୫ଜି ୬୬୯୦ ଟ୍ରାକ୍ଟର ଚୋରିକୁ ନେଇ ମାଲିକ ପ୍ରଶାନ୍ତ କୁମାର ସାହୁ ଖମାର ଥାନାରେ ଲିଖିତ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ସେହିଦିନ ଠାରୁ ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ବିଭିନ୍ନ ଅଂଚଳରେ ଚଢ଼ାଉ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଥିଲେ । ଗତ କାଲି ଖମାର ଥାନା ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ରାଜନ କୁଣ୍ଡା ଗ୍ରାମରେ ଚୋରି ଟ୍ରାକ୍ଟର ରହିଥିବା ସୂଚନା ପାଇଥିଲେ ।

ଖବର ପାଇବା କ୍ଷଣି ସଙ୍ଗେ ସଙ୍ଗେ କାଲିମେଳା ଥାନା ଅଧିକାରୀଙ୍କ ସହଯୋଗରେ ରାଜନ କୁଣ୍ଡା ଗ୍ରାମର ଶୁକ କବାସୀଙ୍କ ଘରେ ଜରିପାଲ ଘୋଡା ହୋଇ ରହିଥିବା ଟ୍ରାକ୍ଟରକୁ ଜବତ କରି କରିଥିଲେ । ଚୋରି ଟ୍ରାକ୍ଟର କିଣିବା ଅପରାଧରେ ଶୁକ କବାସଙ୍କୁ ମଧ୍ୟ ଥାନାରେ ଅଟକ ରଖି ଖମାର ଥାନାକୁ ଖବର କରିଥିଲେ । ଚୋରି ଟ୍ରାକ୍ଟର ରେ ଲଗାଯାଇଥିବା ହାଇ ସିକୁରିଟି ନମ୍ବର ପ୍ଲେଟକୁ ଖୋଲି ଟ୍ରାକ୍ଟର ସମୁଖ ଭାଗରେ ଅନ୍ୟ ଏକ ହାତ ଲେଖା ନମ୍ବର ଲେଖି ଗାଡି ଚଳାଉଥିଲେ । ଏଇ ଟ୍ରାକ୍ଟର ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଖମାର ଥାନା ଓଡ଼ଶ ଗ୍ରାମର ସୁନୀଲ ସାହୁ ଏବଂ ହରି ପ୍ରଧାନଙ୍କୁ ଖମାର ଥାନାରେ ଅଟକ ରଖି ତଦନ୍ତ ଚଳାଇ ଥିବା ଜଣାପଡିଛି । ଏଇ ଘଟଣାରେ ଆହୁରି ଦୁଇଜଣରୁ ଅଧିକ ବ୍ୟକ୍ତି ସଂଶ୍ଳିଷ୍ଟ ରହିଥିବା ପୋଲିସ ପକ୍ଷରୁ ସୂଚନା ରହିଥିବା ବେଳେ ଅତି ଶୀଘ୍ର ସେମାଙ୍କୁ ଖମାର ପୋଲିସ ଗିରଫ କରିବା ପରେ ସମସ୍ତ ତଥ୍ୟ ଜଣା ପଡିବ ବୋଲି ଖମାର ପୋଲିସ କହିଛନ୍ତି । ଅଦ୍ୟାବଧି ଧରା ପଡ଼ିଥିବା ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରି ତଦନ୍ତ ଜାରି ରହିଛି ।

# ରେଙ୍ଗାଳିର ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ପୁରସ୍କାର



ରେଙ୍ଗାଳି, (ସବ୍ୟୁ) : ଚଳିତ ବର୍ଷ ଗୁରୁଦିବସରେ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ମୁଖ୍ୟମନ୍ତ୍ରୀ ପୁରସ୍କାର ଘୋଷଣା କରାଯାଇଛି । ଏହି ଅବସରରେ କଣିହାଁ ବ୍ଲକର ଏକମାତ୍ର ଶିକ୍ଷକ ଭାବରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେଙ୍ଗାଳିର ବରିଷ୍ଠ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତି ଗତକାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲା ଅଧିକାରୀଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଛନ୍ତି ।

ଉକ୍ତ ସଫଳତା ପାଇଁ ଶିକ୍ଷକ ଶ୍ରୀ ମହାନ୍ତି ପୁରସ୍କାର ପାଇବାର ଶ୍ରେୟ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ତଥା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ କଣିହାଁ ସମସ୍ତ ପଦାଧିକାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲ୍ଲା କୃଷି ନୋଡାଲ ଅଧିକାରୀଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,(ସବ୍ୟୁ) : ଅତିରିକ୍ତ କୃଷି ନିର୍ଦ୍ଦେଶିକା ଲିଟି ପଟ୍ଟନାୟକ ଓ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ଯୋଜନା ଅଧିକାରୀଗଣ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା କୃଷି ପଞ୍ଜିକରଣ, ଡିଜିଟାଲ ଫସଲ ସର୍ବେକ୍ଷଣ ଯୋଜନା, ଆଖୁ ଓ ନଳିତ କ୍ଷେତ୍ରଗୁଡିକ ପ୍ରଦର୍ଶନ କରି ବୁଲି ଦେଖିଥିଲେ । କଙ୍କଡାହାଡ କୃଷି ସମବାୟ ସମିତିରେ ୟୁରିଆ ସାର ଉପଲବ୍ଧ ହେଉଛି କି ନାହିଁ ଚାଷୀମାନଙ୍କୁ ପଚାରି ବୁଝିଥିଲେ । ଏତଦ୍‌ବ୍ୟତୀତ ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକାର ପ୍ରକଳ୍ପଗୁଡିକୁ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡିକ ମଧ୍ୟରେ ଫଳବଗିଚା ପ୍ରତିଷ୍ଠା, ଜୈବିକ ସାର ଉତ୍ପାଦନ କେନ୍ଦ୍ର ଓ କୃଷି ସେବା କେନ୍ଦ୍ର ବୁଲି ଦେଖିବା ସଙ୍ଗେ ସଙ୍ଗେ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ସହକାରୀ କୃଷି ନିର୍ଦ୍ଦେଶକ ପଦାରବିନ୍ଦ ସାହୁ, କାମାକ୍ଷାନଗର କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ ବେଉରାଙ୍କ ସମେତ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀମାନେ ସହଯୋଗ କରିଥିଲେ ।

# ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା



ଆଠମଲ୍ଲିକ, (ସବ୍ୟୁ) : ସ୍ଥାନୀୟ ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ବିଜ୍ଞାନ ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭା ରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷକ ସୁଧାଂଶୁ ବିଶ୍ୱାଳ, ଶିକ୍ଷକ ଗୋପାଳ କୃଷ୍ଣ ନାଗ, ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତ। ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପକାରିତା ଉପରେ ବୁଝାଇବା ସହିତ ବିଜ୍ଞାନ ପ୍ରତି ଆକର୍ଷିତ ହୋଇ ତୁମେମାନେ ଦିନେ ଜଣେ ଜଣେ ବୈଜ୍ଞାନିକ ହେବାକୁ ପରାମର୍ଶ ଦେଇଥିଲେ । ସଭାକୁ ଶିକ୍ଷକ ସତ୍ୟ ରଞ୍ଜନ ଜେନା ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ୭୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରକଳ୍ପ ଗୁଡିକ ଅତିଥି ମାନେ ବୁଲି ଦେଖିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ସହିତ ପ୍ରକଳ୍ପକୁ ନେଇ କଥାବାର୍ତ୍ତା ହୋଇଥିଲେ ।

ଏହି ଅବସରରେ ସେମିନାର ସହ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଜ୍ଞାଂଶୁ ସାଇନ୍ସ ସ୍ଟୁଡ଼ିଓର ସଭ୍ୟମାନେ ଆସି ରବଟିକ ଓ ଡ୍ରନ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ଶେଷରେ ୨୧ ଜଣ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ ଦିଆ ଯାଇଥିଲା । ଶିକ୍ଷୟତ୍ରୀ ବିନୋଦିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ

ରାସୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା ପ୍ରାଣୀ ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ ୬ ତାରିଖ ଶନିବାର ଦିନ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି । ବିଭାଗୀୟ ମୁଖ୍ୟ ଶିବଶଙ୍କର ଦାସ ସଭାରେ ପୌରହିତ୍ୟ କରିବା ସହ ଛାତ୍ର ସମାଜ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀ ମାନେ ଆତ୍ମ ଗଠନ ପାଇଁ ନିଜର କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ ପାତ୍ର, ମୁଖ୍ୟବକ୍ତା ରୂପେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି, ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ର ଜୀବନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୂର୍ଯ୍ୟପ୍ରତାପ, ତୁଷାର, ଆମ୍ରିତାଂଶୁ, ଶ୍ରୀୟା ସୁଦିମ୍ନା, ଇନାଲିଶା, ଚନ୍ଦ୍ରକାନ୍ତ ଓ ଆଶିଷ ପ୍ରମୁଖ ସ୍ୱାଗତ ଅଭିଭାଷଣ ରଖିଥିଲେ । ଡେମୋନେଷ୍ଟେଟର୍ ପାଣ୍ଡବ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିବା ବେଳେ ବିଭାଗୀୟ ଅଧ୍ୟାପିକା ନିଲମ୍ ଡୁଙ୍ଗ ଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।



# ତାଳଚେରର ଝିଅ ରାଜ୍ୟରେ ପ୍ରଥମ

ତାଳଚେର, (ସବ୍ୟୁ) : ୩୧ତମ ରାଜ୍ୟସ୍ତରୀୟ ପ୍ରଶିକ୍ଷିତ ନର୍ସିଂ ସଂଘ ଇଣ୍ଡିଆ, ଓଡ଼ିଶା ଶାଖା ର ଏକ କାର୍ଯ୍ୟକ୍ରମ କିଟ୍ ବିଶ୍ୱିଦ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଯାଇଛି । ଇତ୍ୟବସରରେ ପ୍ରତିଭାଗୀମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ରଖାଯାଇଥିଲା ।

ଦିବ୍ୟ ନର୍ସିଂ କଲେଜ, ଅନୁଗୋଳ ତରଫରୁ ତାଳଚେରର ଝିଅ ସ୍ୱୟଂଶ୍ରୀ ନନ୍ଦ ଗୋଲାଫିଙ୍ଗା ପ୍ରତିଯୋଗିତାରେ ଭାଗ ନେଇ ୧ମ ସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ତାଙ୍କ ସଫଳତା ପାଇଁ କଲେଜର ଅଧକ୍ଷ, ଅନ୍ୟ ଶିକ୍ଷକ ବୃନ୍ଦ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀମାନେ ବିଜୟ ମୁହୂର୍ତ୍ତ ପାଳନ କରିଥିଲେ । ସ୍ୱୟଂଶ୍ରୀଙ୍କର ପିତା ଗୌରଚନ୍ଦ୍ର ନନ୍ଦ ଓ ମାତା ହରପ୍ରିୟା ଶତପଥୀ ଝିଅର ସଫଳତା ପାଇଁ ଅନୁଷ୍ଠାନକୁ କୃତଜ୍ଞତା ଜଣାଇଛନ୍ତି ।

## କଣିହାଁରେ ପ୍ରଜାମଣ୍ଡଳର ୮୮ତମ ଜୟନ୍ତୀ ଉତ୍ସବ

# ଯୁବ ସମାଜ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲା କଣିହାଁସ୍ଥ ପ୍ରଜାମଣ୍ଡଳ ଭବନ ପରିସରରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଆନୁକୂଲ୍ୟରେ ପ୍ରଜାମଣ୍ଡଳର ୮୮ ତମ ଜନ୍ମ ଜୟନ୍ତୀ ଶନିବାର ଦିନ ପାଳିତ ହୋଇଯାଇଛି । ଟ୍ରଷ୍ଟ ସଭାପତି ତଥା ପାଲଲହଡା ବିଧାୟକ ଆଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ମୁଖ୍ୟଅତିଥି ଭାବରେ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତଚାରଣ କରିବା ପରିପ୍ରେକ୍ଷୀରେ ଏ ମାଟି ଲଢୁଆ ମାଟି ଓ ଏ ମାଟିର ପରିଚୟ ହେଉଛି ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ । ବିକଶିତ ଓଡ଼ିଶା ପାଇଁ ଆଜିର ଯୁବ ସମାଜ ସେମାନଙ୍କ ପଥ ଅନୁସରଣ କରିବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଏଠି ଗଢ଼ି ଉଠିଥିବା ବିଭିନ୍ନ କଳକାରଖାନା କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ନବୁଝି ଓଲଟା ଲୋକଙ୍କୁ ଶୋଷଣ କରୁଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସ୍ୱାଧିନତା ସଂଗ୍ରାମରେ ସଂଗ୍ରାମୀ ମାନଙ୍କ ଅବଦାନ ଅତୁଳନୀୟ ବୋଲି ମତପୋଷଣ କରିଥିଲେ । ମୁଖ୍ୟବକ୍ତା ଭାବରେ ମାଧମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡଃ ଧରଣୀଧର ନାଥ ଯୋଗଦେଇ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସେଥିରେ ସଂଗ୍ରାମୀ ମାନଙ୍କ ଭୂମିକା କିପରି ଥିଲା ତା ଉପରେ ସବିଶେଷ ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ କେ ଏନ ରେଡ୍ଡୀ, ଏମସିଏଲ କଣିହାଁ କୋଇଲା କ୍ଷେତ୍ର ଜିଏମ ତଥା ସାହିତ୍ୟିକ ଦିନେଶ କୁମାର ମାଳି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ ।

ଟ୍ରଷ୍ଟର ସଭାପତି ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି ଭାଷଣ ପ୍ରସଙ୍ଗରେ ରାଜତନ୍ତ୍ର ହଟାଇ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସଂଗ୍ରାମୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ପଥ ଅନୁସରଣ କଲେ ବିକାଶ ହୋଇପାରିବ ବୋଲି କହିଥିଲେ । ସଭାରେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପ୍ରଧାନ, ଅନୁଗୋଳ ଜିଲାପାଳ ଅବାଲ ଏମ ଅଖତର, ତାଳଚେର ଉପ ଜିଲାପାଳ ସମୀର କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଦିବସରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଅମର ଆତ୍ମାର ସଦଗତି ନିମିତ୍ତ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣୀକା ଆମେ ସଂଗ୍ରାମୀ ଉନ୍ମୋଚନ କରାଯିବା ସହ ଦିନେଶ ମାଳିଙ୍କ ଦ୍ୱାରା ସହିଦ ବିକା ନାଏକ ଉପରେ ହିନ୍ଦୀରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରଯାଇଥିଲା । ପରେ ଅତିଥିମାନଙ୍କ ଦ୍ୱାରା ଉପସ୍ଥିତ ଥିବା ସଂଗ୍ରାମୀ, ସଂଗ୍ରାମୀଙ୍କ ପରିବାର, ସହିଦଙ୍କ ପରିବାରକୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ କରାଯାଇଥିବା ବକ୍ତୃତା, ରଚନା ଓ ଦେଶାତ୍ମକ ବୋଧକ ଗୀତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ , କଣିହାଁ ବ୍ଲକରେ ମେଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତ କାର୍ଯ୍ୟ ହୋଇଥିବା ଛାତ୍ର ଶୁଭେନ୍ଦୁ ସାହୁ, ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି, ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା ।

ସଭା ପୂର୍ବରୁ ସମସ୍ତ ଅତିଥି ଏନଟିପିସି ବାଇପାସ ଛକ ଠାରେ ଥିବା ସହିଦ ସ୍ମୃତିସ୍ତମ୍ଭ, କଣିହାଁ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ମୃତିସ୍ତମ୍ଭ, ପିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଟ୍ରଷ୍ଟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

# ଗୁଣି ଗାରେଡ଼ିକୁ କେନ୍ଦ୍ର କରି ଦାଦା-ପୁତୁରା ଲହୁଲୁହାଣ

ନୀଳଗିରି,(ସବ୍ୟୁ): ଗୁଣି ଗାରେଡ଼ିକୁ କେନ୍ଦ୍ର କରି ହଣା କଟା ଲାଗି ଦାଦାପୁତୁରା ଲହୁଲୁହାଣ ହୋଇଥିବା ବେଳେ ଗୁରୁତରଅବସ୍ଥାରେ ଉଭୟ ନିଳଗିରି ମେଡିକାଲରେ ଭର୍ତ୍ତିହୋଇଥିଲେ। ଉଭୟଙ୍କ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏହା ଗୁଣି ଗାରେଡ଼ି ଘଟଣା ନୁହଁ ବରଂ ଜମି ଜମା କୁ ନେଇ ଘଟଣା ଘଟିଥିବାର ଶୁଣିବାକୁ ମିଳିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ଗ୍ରାମର ଶନିବାର ଦିନ ବିଦୁକର ସ୍ୱାଇଁ ଙ୍କ ଘରେ ଉକ୍ତ ଗ୍ରାମର ମାୟା ଦେଉରି ଓରଫ ଦନାକ ପୂଜା କରୁଥିଲା। କାଳେ ଗୁଣି ଗାରେଡ଼ି କରି ଫୁଲ ଅରୁଆ ଚାଉଳ ଆଣି ଉକ୍ତ ଗ୍ରାମର ମାନସ ସ୍ୱାଇଁଙ୍କ ଘର ଦାଣ୍ଡରେ ପକାଇ ଥିବା ନେଇ ବିଦୁକର ସ୍ୱାଇଁଙ୍କ ଘରେ ଥିବା ମାୟାକୁ ମନୋରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ ମିଳିତ ଭାବେ ଗାଳି ଗୁଲଜ କରିବା ସହ ପିଟି ଥିଲେ। ବିଦୁକର ଏହାକୁ ପ୍ରତିବାଦ କରିବାରୁ ମନୋରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ, ପୁନି ସ୍ୱାଇଁ, ଲିଜା ସ୍ୱାଇଁ ମିଶି ଗାଳି ଗୁଲଜ କରିବା ସହ ଠେଙ୍ଗାରେ ବାଡେଇବାରୁ ବିଦୁକରର ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବିଦୁକରର ପୁଅ ଲକ୍ଷ୍ମୀଧର ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରିଥିଲେ। ଏପଟେ ମାନସ କୁମାର ସ୍ୱାଇଁ ଶନିବାର ଦିନ ଦୁଇଟା ସମୟରେ ଘରେ ଥିବା ବେଳେ ହଠାତ୍ ତାର ଦାଦା ବିଦୁକର ସ୍ୱାଇଁ ଓ ତାର ପୁଅ ଲକ୍ଷ୍ମୀଧର ସ୍ୱାଇଁ ପହଞ୍ଚି ମାନସର ସାନଭାଇ ମନୋରଞ୍ଜନ କୁ ଅଭଦ୍ର ଭାଷା ଗାଳି ଗୁଲଜ କରିବା ସହ ବିଧା, ଗୋଇଠା ମାରି ସହ ଠେଙ୍ଗାରେ ବାଡେଇ ଥିଲେ। ମାନସ ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରି ଥିଲେ। ଏପରିକି ଦୁଇ ଜଣ ରକ୍ତାକ୍ତ ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହୋଇଥିବାର ଜଣା ପଡ଼ିଛି। ଗୁଣି ଗାରେଡ଼ିକୁ କେନ୍ଦ୍ର କରି ଘଟଣା ଘଟି ଥିବାର ମନୋରଞ୍ଜନ କହୁଥିବା ବେଳେ ଅପର ପକ୍ଷ ଏହା ସମ୍ପୂର୍ଣ୍ଣ ମିଛ, ବରଂ ଜମି



ବାଡି କୁ କେନ୍ଦ୍ର କରି ଆମକୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ବିଦୁକର ସ୍ୱାଇଁ ପ୍ରକାଶ କରିଛନ୍ତି। ଏନେଇ ନିଳଗିରି ଥାନାରେ ଲକ୍ଷ୍ମୀଧର ସ୍ୱାଇଁଙ୍କ ଏତଲା ମୂଳେ ୩୫୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଏପଟେ ମାନସ କୁମାର ସ୍ୱାଇଁଙ୍କ ଅଭିଯୋଗ ମୂଳେ ନୀଳଗିରି ଥାନାରେ ୩୫୩/୨୫ରେ ମାମଲା ରୁଜୁ ହୋଇଥିବାପାଲିସ୍ ପ୍ରକାଶ କରିବା ସହ ତୁରନ୍ତ ଜାରି ରହିଛି ବୋଲି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

# ଘର ଭାଙ୍ଗି ଧାନ, ଚାଉଳ ନଷ୍ଟ କଲେ ୧୨ ଟିକିଆ ବଣୁଆ ହାତୀପଲ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ର ବେତନଟୀ ବ୍ଲକ ତଥା ରେଞ୍ଜ ଅଧୀନ ଦହିକୋଟୀ ପଞ୍ଚାୟତର ଭାଲିଆ ଗ୍ରାମରେ ବଣୁଆ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଅନ୍ଧାର ରାତିରେ କୌଣସି ପ୍ରକାରେ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି ଗ୍ରାମବାସୀ ହାତୀପଲଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅଶନବଣି ସଂରକ୍ଷିତ ଜଙ୍ଗଲ ଓ ଏହାର ସଂଲଗ୍ନ ପ୍ରସ୍ତାବିତ ଭାଲିଆ ସଂରକ୍ଷିତ ଜଙ୍ଗଲରେ ୧୨ ଟିକିଆ ବଣୁଆ ହାତୀପଲ କିଛିଦିନ ଧରି ବିଚରଣ କରୁଥିବା ବେଳେ ଖାଦ୍ୟ ଅନକ୍ଷେଣରେ ଧାନକ୍ଷେତ ମୁହାଁ ହେଉଛନ୍ତି । ତେବେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଖାଦ୍ୟ ଅନକ୍ଷେଣରେ ଧାନ କ୍ଷେତ ପରିବର୍ତ୍ତେ ଭାଲିଆ ଗ୍ରାମକୁ ପଶି ଆସିଥିବା ବେଳେ ହଠାତ୍ ଗାଁକୁ ହାତୀପଲ ପଶି ଆସିଥିବାର ଖବର ପ୍ରଚାର ହେବାପରେ ଭୟର ବାତାବାରଣ ଦେଖିବାକୁ ମିଳିଥିଲା । ଅନ୍ଧାର ରାତିରେ ଗ୍ରାମବାସୀ କୌଣସି ପ୍ରକାରେ ନିଜର ଏବଂ ନିଜ ପରିବାରର ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ ହେଁ ହାତୀପଲ ଏକାଧିକ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇ ଥିଲେ । ଗ୍ରାମର



ଚନ୍ଦ୍ରମୋହନ ମହାନ୍ତଙ୍କ ଲଛମନ ମହାନ୍ତଙ୍କ ଘର ଉପରେ ଆକ୍ରମଣ କରି କାନ୍ଥ ଭାଙ୍ଗି ଦେଇଥିଲା । ଏହି ସମୟରେ ଲଛମନ ନିଜର ପରିବାରବର୍ଗଙ୍କୁ ଧରି ଘର ବାହାର ପଟକୁ ଦୌଡି ପଳାଇ ଆସିଥିଲେ । ଲଛମନଙ୍କ ଘର ଭାଙ୍ଗି ବ୍ୟାପକ ଆସବାବପତ୍ର ନଷ୍ଟ କରି ପକାଇଥିବା ବେଳେ ଘରେ ଗଚ୍ଛିତ କରି ରଖିଥିବା ଧାନ, ଚାଉଳ ଖାଇ ନଷ୍ଟ କରି ପକାଇଥିଲେ। ସେହିଭଳି ଭାଲିଆ ଗାଁରେ ଏକାଧିକ ଲୋକଙ୍କ ଘର ଭାଙ୍ଗିବା ସହିତ ବାଡିବଗିଚାରେ ଥିବା କଦଳୀ ଏବଂ ବ୍ୟାପକ ପନିପରିବା ଚାଷକୁ ମଧ ନଷ୍ଟ କରି ପକାଇଥିଲେ।

# ଟ୍ରେନ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

ସୋର,(ସବ୍ୟୁ): ସୋର ରେଳ ଷ୍ଟେସନ ନିକଟରେ ଟ୍ରେନ ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡିଛି।ମୃତ ବୃଦ୍ଧ ଜଣଙ୍କ ହେଲେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ମିର୍ଜା ଆକବର ବେଗ (୬୫)।ସୂଚନା ଅନୁସାରେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ବୃଦ୍ଧ ଜଣଙ୍କ ପାରିବାରିକ କଳହରେ ଅତିଷ୍ଠ ହୋଇ ବାହାରେ ଏଣେତେଣେ ବୁଲୁଥିଲେ। କିନ୍ତୁ ସୋର ରେଳ ଷ୍ଟେସନ ନିକଟରେ ଆଜି ଅପରାହ୍ନରେ ଭଦ୍ରକରୁ ଖଡ଼ଗପୁର ଯାଉଥିବା ଡାଉନ ମେମୁ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ।ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।ଖବର ପାଇ ସୋର ଷ୍ଟେସନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀ ମାନେ ଘଟଣାସ୍ଥଳରେ ଶବକୁ ଜଗି ରହିଛନ୍ତି।ଦୁର୍ଘଟଣା ଘଟାଇବା ପରେ ଟ୍ରେନ ଟି ଷ୍ଟେସନରେ କିଛି ସମୟ ପାଇଁ ଅଟକି ରହିଥିଲା।ପରେ ଗନ୍ତବ୍ୟ ସ୍ଥଳରୁ ଯାଇଥିଲା।

# କନ୍ୟା ଜାଗିଲେ ଦେଶ ଜାଗିବ
# ଏନଆର୍‌ଆଇ ବିଦ୍ୟାଳୟରେ ପାଠଚକ୍ର

ଭଦ୍ରକ, (ସବ୍ୟୁ) : ଆରଡ଼ି ଛକସ୍ଥିତ ଏନ ଆର ଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଚଳିତ ସେପ୍ଟେମ୍ବର ମାସ ୬ ତାରିଖ ଦିନ ବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ ସୁକନ୍ୟା କନ୍ୟାରତ୍ନ କନ୍ୟାଯତ୍ନ ଶୀର୍ଷକ ପାଠଚକ୍ରର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଯୋଗ ଦେଇଥିଲେ । ସେ ଆମ ସମାଜରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରି କନ୍ୟାମାନେ ଜାଗିଲେ ଦେଶ ଜାଗିବ ବୋଲି କହିଥିଲେ । ପ୍ରଜାପିତା ବ୍ରହ୍ମ କୁମାରୀ ରତ୍ନପ୍ରଭା ଦେବୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏତଦବ୍ୟତୀତ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ , ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ , ସୁଶାନ୍ତ କୁମାର ପାଣି,ବ୍ରହ୍ମକୁମାର ସୌଭାଗ୍ୟ ବାବୁ, ଶିକ୍ଷୟିତ୍ରୀ ,ଅଭିଭାବିକା ତଥା ଛାତ୍ରୀମାନେ ଏହି ପାଠଚକ୍ରରେ ଅଂଶଗ୍ରହଣ ହୋଇଥିଲେ କନ୍ୟସନ୍ତାନର ସୁରକ୍ଷା ,ପିତାମାତା



ଙ୍କର ଗୁରୁଦାୟିତ୍ୱ , କନ୍ୟାସନ୍ତାନର ପରିବାର ,ପିତାମାତା ତଥା ସମାଜପ୍ରତି ରହିଥିବା କର୍ତ୍ତବ୍ୟବୋଧ ଆଦି ଆଲୋଚ୍ୟ ବିଷୟ ଯୁଗୋପଯୋଗୀ ଏବଂ ଜନ ସଚେତନତା ସୃଷ୍ଟି କରିବ ପାରିଲା ପରି ହୋଇପାରିଛି ।

# ସହର ପରିକ୍ରମା କଲା କାଫେଲା ଶୋଭାଯାତ୍ରା

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ପୌରପାଳିକାର ବିଭିନ୍ନ ମୁସଲିମ ବସ୍ତି ପକ୍ଷରୁ ହଜରତ ପ୍ରଫେଟ ମହମ୍ମଦଙ୍କ ୧୫ଶହ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି। ସାବରପୁର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାସୁଦେବପୁର ସହର ପରିକ୍ରମା କରିଥିଲେ। ସାବରପୁର ୧୨ଟି ବସ୍ତିରୁ ଶୋଭାଯାତ୍ରା ବାହାରି ଥିବାବେଳେ ଶୁକଦେବପୁର, ନାୟକସାହି ମୁସଲିମ ବସ୍ତି ଓ ହାଟସାଗର ହଜାର ହଜାର ମୁସଲିମ ଭାଇଭଉଣୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ପୌରପାଳିକାର ଅଧକ୍ଷା ନିବେଦିତା ବେହେରା, ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ନିର୍ବାଚନମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ, ଯୁବ ସଭାପତି ମାନସ ରଞ୍ଜନ ସାହୁ, ଛାତ୍ର ଜନତା ଦଳର ସଭାପତି କାଳୀଚରଣ ସାହୁ, ଶ୍ୟାମସୁନ୍ଦର ମହାନ୍ତି ଶୋଭାଯାତ୍ରାର ସାମିଲ ହୋଇଥିଲେ। ବାସୁଦେବପୁର ଅଂଚଳର ହିନ୍ଦୁ ଓ ମୁସଲିମ ଭାଇଚାରା ମଧ୍ୟରେ ପାଳିତ ହୋଇ ଆସୁଥିବା ବିଭିନ୍ନ ପର୍ବପର୍ବାଣୀର ଏକ ନିଆରା ପରମ୍ପରା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୋଭାଯାତ୍ରା ସହର ପରିକ୍ରମଣ କରି ହାଟସାଗର ଠାରେ ଜଳ ପାନରେ ସମସ୍ତଙ୍କୁ ଆପାୟିତ କରାଯାଇଥିଲା। କାଉଁନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ଆର୍ଡ୍ଡୁଂ ସରପଞ୍ଚସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ବିଜୟ କୁମାର ମହାନ୍ତି ଶୋଭାଯାତ୍ରାର ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

# ମଦ୍ୟପ ଯୁବକ ଗିରଫ

ସୋର,(ସବ୍ୟୁ): ଶୁକ୍ରବାର ରାତିରେ ପବିତ୍ର ମହରମ ପର୍ବ ଉପଲକ୍ଷେ ସୋରର ବିଭିନ୍ନ ସାହିରୁ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷରେ ରଖି ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ୨ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା। କେତେକ ସ୍ଥାନରେ ଭିଡକୁ ନିୟନ୍ତ୍ରଣ କରିବାକୁ ରାସ୍ତା ବନ୍ଦ କରାଯିବ ସହିତ ଅନ୍ୟ ରାସ୍ତାରେ ଲୋକେ ଯାତାୟତ କରିଥିଲେ।ସୋର ଅନନ୍ତପୁର ଛକ ନିକଟରେ କମାଣପୁର ଗ୍ରାମର ଅଜୟ କୁମାର ବିଶ୍ୱାଳ(୪୫) ଉକ୍ତ ବନ୍ଦ ଥିବା ରାସ୍ତାରେ କାର ଚଳାଇ ଆସିଥିବାରୁ ପୁଲିସ ତାଙ୍କୁ ଅଟକାଇଥିଲା। ଏହି ସମୟରେ ଅଜୟ ମଦ୍ୟପାନ କରିଥିବାରୁ ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଫଳରେ ପୁଲିସ ତାଙ୍କୁ ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ଗିରଫ କରି ଥାନାରେ ୭୧୬/୨୫ ରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଜଣଙ୍କ ପେଶାରେ ଜଣେ ଶିକ୍ଷକ ହୋଇଥିବା ବେଳେ ପୂର୍ବରୁ ଜାଲ ସାର୍ଟିଫିକେଟ କେସରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ପରେ ସେ ଜାମିନରେ ଆସିଥିବା ସୂଚନା ମିଳିଛି।

# ପକ୍କା ଘରେ ଶିକ୍ଷାଦାନ, ଗଛମୂଳେ ଭୋଜନ

ସିମୁଳିଆ,(ସବ୍ୟୁ): ସିମୁଳିଆ ବ୍ଲକ ବାଟି ପଞ୍ଚାୟତ ରୁଡୁଙ୍ଗା ଗ୍ରାମରେ ପିଲାଙ୍କ ନିମନ୍ତେ ଆବଶ୍ୟକୀୟ ଶ୍ରେଣୀଗୃହ ଥିବାବେଳେ ପିଲାମାନେ ଗଛମୂଳେ ଓ ଏଣେତେଣେ ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଥିଲା। ଶନିବାର ଦିନ ସିମୁଳିଆ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ ସରକାରୀ କାର୍ଯ୍ୟରେ ସେଇ ରାସ୍ତା ଦେଇ ଯିବା ସମୟରେ ପିଲାମାନେ ଏଣେତେଣେ ବୁଲି ଖାଇବା ସହ, ଗଛମୂଳରେ ଖାଉଥିବାର ଦେଖିବାକୁ ପାଇଥିଲେ । ଶ୍ରୀ ସେଠୀ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାଯ୍ୟାଳୟରେ ଭେଟିଥିଲେ ଓ ପିଲାମାନଙ୍କ ଅସ୍ୱାସ୍ଥ୍ୟକାର ପରିବେଶରେ ଭୋଜନ ପରିବେଷଣକୁ ଆଉ ଯେପରି କରା ନ ଯାଏ ସେଥିପ୍ରତି ସତର୍କ ରହିବାକୁ ତାଗିଦ କରିଥିଲେ । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବିଦ୍ୟାଳୟମାନଙ୍କରେ ଏଭଳି ଅପ୍ରୀତିକର ଘଟଣା ଦେଖିବାକୁ ମିଳୁଛି। ସିମୁଳିଆ ବ୍ଲକର ଅଧିକାଂଶ ବିଦ୍ୟାଳୟ ଏଭଳି ଘଟଣା ଦେଖିବାକୁ ମିଳୁଛି ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଫେରାର ମଦ ମାଫିଆ ଗିରଫ

ଭଣ୍ଡାରିପୋଖରୀ,(ସବ୍ୟୁ): ବାରିକପୁର ନିକଟ ତୋଡଙ୍ଗା ଗ୍ରାମର ଜନୈକ ଫେରାର ମଦ ମାଫିଆକୁ ଭଦ୍ରକ ଅବକାରୀ ଦଳ ଗିରଫ କରିଥିବା ଜଣାଯାଇଛି। ଗତ ଅଗଷ୍ଟ ୨୩ ତାରିଖରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ବାରିକପୁର ନିକଟ ତାଳସିଠା ଗ୍ରାମରୁ ୩ଶହ ଲିଟର ଦେଶୀ ମଦ ଜବତ କରିବା ଗ୍ରାମର ହରିଆ ମୁଣ୍ଡାକୁ ଗିରଫ କରିଥିଲା। ବିଭାଗ ପକ୍ଷରୁ ୨୩୨/୨୫-୨୬ନଂ ମାମଲା ରଜୁ କରାଯାଇ ଅଭିଯୁକ୍ତ ହରିଆକୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଏହି ବେଆଇନ ବିପୁଳ ମଦ କାରବାରକୁ ମୁଖ୍ୟ କାର୍ପଟଦାର ତୋଡଙ୍ଗା ଗ୍ରାମର ବିମଳ ପୁଣ୍ଟିଆ ଓରଫ ଟିକି ଫେରାର ହୋଇଯାଇଥିଲା। ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗୁଇନ୍ଦା ସୂତ୍ରକୁ ଆଧାର କରି ଭ୍ରାମ୍ୟମାଣ ସ୍କ୍ୱାଡ ଓ ଧାମନଗର ଅବକାରୀ ପୁଲିସର ମିଳିତ ଦଳ ବୁଧବାର ରାତ୍ରରେ ଫେରାର ଅଭିଯୁକ୍ତ ଟିକିକୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ପଚରାଉଚରା ପରେ ଶୁକ୍ରବାର ଟିକିକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ହୃଦଘାତରେ ମହିଳାଙ୍କ ମୃତ୍ୟୁ

ବାହାନଗା,(ସବ୍ୟୁ): ଖନ୍ତାପଡ଼ା ଥାନା ଅନ୍ତର୍ଗତ ବାହାନଗା ପଞ୍ଚାୟତର କମାରୀପୁର ଗ୍ରାମର ନୀଳାମ୍ବର ବେହେରାଙ୍କ ପତ୍ନୀ ରୀନା ରାଣୀ ବେହେରା (୪୯) ଙ୍କର ହୃଦ ଘାତରେ ମୃତ୍ୟୁ ହୋଇଯାଇଛି। ସେ ଶୁକ୍ରବାର ଅପରାହ୍ନରେ ଘରେ ଥିବା ଅବସ୍ଥାରେ ଦେହ ଅସୁସ୍ଥ ହେବା ସହ ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ଏକ ଘରୋଇ ଗାଡି ରେ ଚିକିତ୍ସା ନିମନ୍ତେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ଡାକ୍ତର ଦେଖିବା ପରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ତେବେ ଡାକ୍ତରଙ୍କ କହିବା ଅନୁସାରେ ମହିଳାଙ୍କ ହୃଦଘାତ ରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

# ପୋଖରୀରେ ବୁଡି ବୃଦ୍ଧ ମୃତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ପଞ୍ଚାୟତ ଦେଉଳପଦୀ ଗ୍ରାମର ବିମ୍ବାଧର ସାମଲ(୮୨) ଗତ ଶୁକ୍ରବାର ରାତ୍ରରେ ଗାଁ ପୋଖରୀରେ ବୁଡି ପ୍ରାଣ ହରାଇଥିବା ଜଣାଯାଇଛି। ସ୍ୱର୍ଗତ ବିମ୍ବାଧର ସନ୍ଧ୍ୟାବେଳେ ଶୌଚ ପାଇଁ ଯାଇ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜଖୋଜି କରି ଗା ମୁଣ୍ଡ ପୋଖରୀ ହୁଡାରେ ତାଙ୍କ ଚପଲ ପଡିଥିବା ଦେଖିଥିଲେ। ଗ୍ରାମର ଯୁବକମାନେ ପୋଖରୀ ପାଣିରୁ ବିମ୍ବାଧରଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ବିମ୍ବାଧରଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ଶବକୁ ଦଶ୍ୱାଶମେଧ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ମଦ ସହ ସ୍କୁଟି ଜବତ ଅଭିଯୁକ୍ତ ଗିରଫ

ସୋର, (ସବ୍ୟୁ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକରେ ଚଢ଼ାଉ କରାଯାଇ ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।କେନ୍ଦ୍ରାଞ୍ଚଳ ଅବକାରୀ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଶନିବାର ମଧ୍ୟାହ୍ନରେ ଦହିସଡା ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଓଡି ୦୧କେ ୬୩୬୯ ନମ୍ବର ବିଶିଷ୍ଟ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୧୦୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ରେମୁଣା ଥାନା ମେଣ୍ଡ୍ରା ଗ୍ରାମର ଯୋଗେଶ ମଣ୍ଡଳ (୨୫)କୁ ଗିରଫ କରିଥିଲେ।ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ରାଉତ ,କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ,ଜଗନ୍ନାଥ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# କଲେଜ ଜମିରୁ କାଟିନେଲେ ମୂଲ୍ୟବାନ ଗଛ : ଥାନାରେ ମାମଲା

ବେତନଟୀ,(ସବ୍ୟୁ): ବେତନଟୀ କଲେଜ ପଛ ପଟ ପଟାସ ଜଙ୍ଗଲରେ କିଛି ମୂଲ୍ୟବାନ ଶାଗୁଆନ ଗଛ ଥିବା ବେଳେ ଉକ୍ତ ମୂଲ୍ୟବାନ ଶାଗୁଆନ ଗଛ ସମେତ ଏକାଧିକ ଗଛ କଟାକୁ ନେଇ କଲେଜର କର୍ତ୍ତୃପକ୍ଷ ଶନିବାର ଥାନାରେ ଏତଲା ଦାଏର କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ କଲେଜ ଜମିର କିଛି ଅଂଶରେ ବେଆଇନ ଭାବରେ ଜବର ଦଖଲ କରି କିଛି ଲୋକେ ବସବାସ କରୁଥିବା ବେଳେ ଏହାର ଫାଇଦା ନେଇ ଜନୈକ ବ୍ୟକ୍ତି କଲେଜ ଜମିରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ସହ ଏକାଧିକ ଗଛ ଗୁଡିକୁ ବିନା ଅନୁମତିରେ ବେଆଇନ ଭାବରେ କାଟି ପକାଇଥିଲା। ଏହାକୁ ନେଇ କଲେଜ ଅଧକ୍ଷ ମନୋରଞ୍ଜନ ମହାନ୍ତ ଏତଲା ଦାଏର କରିଥିଲେ । ଏ ନେଇ ବେତନଟୀ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ସରଜମିନ ତଦନ୍ତ କରିଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି ।

# ତାଲା ପକାଇ ସ୍କୁଲ ଫାଟକ ଆଗରେ ବସିଲେ ଛାତ୍ରଛାତ୍ରୀ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଂଚାୟତର ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଫାଟକରେ ତାଲା ପକାଇ ଗେଟ ଆଗରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଧାରଣା ଦେଇଛନ୍ତି। ନୂତନ ଘର ନିର୍ମାଣ ନହେବା ପର୍ଯ୍ୟନ୍ତ ପାଠ ପଢିବାକୁ ଯିବେ ନାହିଁ ବୋଲି ଅଭିଭାବକ ଓ ଛାତ୍ରଛାତ୍ରୀ କହିଛନ୍ତି। ଭଙ୍ଗା ଛାତ ତଳେ ଦେଶର ମେରୁଦଣ୍ଡ। ବିପଦ ସଙ୍କୁଳ ଘରେ ଚାଲିଛି ଶିକ୍ଷାଦାନ। ଦିନେ ନୁହେଁକି ମାସେ ନୁହେଁ। ବର୍ଷ ବର୍ଷ ଧରି ଚାଲିଛି ପାଠ ପଢ଼ା। ବିଡିଓଙ୍କ ଠାରୁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ ହେଲା। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀ ଲିଖିତ ଅଭିଯୋଗ କଲେ। ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ଶେଷରେ କୁନି କୁନି ମୁଣ୍ଡରେ ଛାତ ଖସି ଖଣ୍ଡିଆ ଖାବରା ପର୍ଯ୍ୟନ୍ତ ଅପେକ୍ଷା କଲେ। ପବିତ୍ର ଗୁରୁଦିବସରେ ଛାତ ଖସି ତିନି ଛାତ୍ରୀ ଆହତ ହେଲେ। ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଲେ। ବଡ ଦୁଃଖ ଓ ପରିତାପର ବିଷୟ କୁନି କୁନି କୋମଳମତୀ ଶିଶୁମାନଙ୍କର ମୁଣ୍ଡରେ ସିମେଣ୍ଟ କଂକ୍ରିଟ ଖସିଲା। ଶିକ୍ଷା ବିଭାଗର ବ୍ଲକ ଶିକ୍ଷାଧିକାରୀ କିମ୍ବା ଜିଲ୍ଲା ଶିକ୍ଷାଧିକାରୀ ବିପଦ ସଙ୍କୁଳ ଘରେ ଶିକ୍ଷାଦାନ ଚାଲୁଥିବା ଘରକୁ କିମ୍ବା ଆହତ ଛାତ୍ରୀଙ୍କୁ ଭେଟି ସମବେଦନା ଜଣାଇବାକୁ ଆସିଲେ ନାହିଁ। ଗତକାଲି ଠାରୁ ଉତ୍ତେଜିତ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଗେଟ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣାରେ ବସିଥିଲେ। ନୂତନ ବିଦ୍ୟାଳୟ ନିର୍ମାଣ ନହେବା ପର୍ଯ୍ୟନ୍ତ ଖୋଲିବ ନାହିଁ ସ୍କୁଲ। ଶନିବାର ସକାଳୁଆ ସ୍କୁଲ ଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଓ ସହକାରୀ ଶିକ୍ଷକ ଫାଟକ ଆଗରେ ଠିଆ ହୋଇ ଅଭିଭାବକଙ୍କ ସହିତ ଆଲୋଚନା କରି ଫେରିଥିଲେ।

# ଜିଲ୍ଲା ସଭାପତି ପାଇଁ ମତ ଲୋଡିଲେ ଏଆଇସିସି ସଦସ୍ୟ

ମୋରଡା,(ସବ୍ୟୁ): ଶନିବାର ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନ ମଣ୍ଡଳୀ ଚିତ୍ରଡ଼ା ସପ୍ଲାଇ ଛକରେ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ଭାରତୀୟ ଜାତୀୟ କଂଗ୍ରେସର ସଂଗଠନ ସୃଜନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଏଆଇସିସି ସଦସ୍ୟ ଅଖିଳେଶ ଶୁକ୍ଲା ଯୋଗଦେଇଥିଲେ । ଚିତ୍ରଡ଼ା ଶୀର୍ଷାପାଳ ଛକରେ ଏଆଇସିସି ସଦସ୍ୟ ଅଖିଳେଶ ଶୁକ୍ଲା ପହଞ୍ଚିବା ପରେ ମୋରଡା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରି ଏକ ପଦଯାତ୍ରା ଯୋଗେ ସଭା ସ୍ଥଳୀ ନିକଟକୁ ଜାତୀୟ କଂଗ୍ରେସ ଜିନ୍ଦାବାଦ ନାରାଦେଇ ପାଛୋଟି ନେଇଥିଲେ । ସପ୍ଲାଇ ଛକରେ ମଧ କଂଗ୍ରେସ କର୍ମୀ ପୁଣିଥରେ ଶୁକ୍ଲାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ଶୁକ୍ଲାଙ୍କ ସହିତ ପ୍ରଭାସକର ମହାପାତ୍ର, ଯୋଗେଶ ଅଗ୍ରୱାଲ,ରାଜେଶ ପଢିହାରୀ,ସେକ. ମୁସ୍ତାଫା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ତୃଣମୂଳ ସ୍ତରରୁ ଲୋକଙ୍କ ସହିତ ଜଡିତ ରହି ଲୋକଙ୍କ ସମସ୍ୟାକୁ ଆଧାର କରି ଯିଏ ସ୍ୱର ଉତ୍ତୋଳନ କରି ପାରିବ ସେପରି ନେତାକୁ ହିଁ ଜିଲା ସଭାପତି କରାଯିବ ଏବଂ ଏଥିପାଇଁ ଉପସ୍ଥିତ ଶତାଧିକ ଲୋକଙ୍କ ମତାମତ ଲୋଡ଼ିଥିଲେ ଶ୍ରୀ ଶୁକ୍ଲା । ବ୍ଲକର ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ରାଜେଶ ପଢିହାରୀ, ଯୁବ ସଭାପତି ତାପସ ରଞ୍ଜନ ରାଉତ, ଶୁଭ କୁମାର ମହାନ୍ତ, ଅସିତ ବେହେରା, ପିତ୍ତରଞ୍ଜନ ଜେନା ପ୍ରମୁଖଙ୍କ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଆଗରପଡ଼ା,(ସବ୍ୟୁ): ଲଘୁଚାପ ଜନିତ ବର୍ଷାରେ ପୁରୁଷଣ୍ଡ ପଂଚାୟତସ୍ଥିତ ଭବାନୀଗଞ୍ଜ ଗ୍ରାମର କୁଶ ସେନାପତିଙ୍କ ସ୍ତ୍ରୀ ମିଞ୍ଜରୀଙ୍କ ଚାଳଛପର ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଥିବାର ଜଣାପଡ଼ିଛି। ଏଠାରେ ଥିବା ଟିଭି,ଫ୍ରିଜ ଆଦି ଘରୋଇ ସାମଗ୍ରୀଗୁଡ଼ିକ ନଷ୍ଟ ହୋଇଯାଇଛି। ମିଞ୍ଜରୀ ବର୍ତ୍ତମାନ ବାସହରା ଜୀବନ ବିତାଉଛନ୍ତି। ତୁରନ୍ତ ତାଙ୍କୁ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ସଦଗୁରୁ ଅତୀତ, ବର୍ତ୍ତମାନ, ଭବିଷ୍ୟତର ପଥପ୍ରଦର୍ଶକ



ଭୋଗରାଇ, (ସବ୍ୟୁ):ସଦଗୁରୁ ହେଉଛନ୍ତି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶକ ବୋଲି ଗୁରୁଦିବସରେ ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଏନ ପି ଏସ ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଶିକ୍ଷକ ସଂଘ ଭବନରେ ଆୟୋଜିତ ଶିକ୍ଷକ ସମାବେଶ ଓ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ନେତାମାନେ ମତପ୍ରକାଶ କରିଛନ୍ତି । ଉକ୍ତ ଶିକ୍ଷକ ସଂଘର ସଭାପତି ବଂଶୀଧର ମାଝୀ ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ମୁଖ୍ୟବକ୍ତା ଶିକ୍ଷକ ସମନ୍ୱୟ ସମିତିର ମହାସଚିବ ନଟରଞ୍ଜନ ଘରାଇ, ସମ୍ମାନିତ ଅତିଥି ଉକ୍ତ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ମାହାନ୍ତି, ପୂର୍ବତନ ଶିକ୍ଷକ ନେତା ସୁରେଶ ଚନ୍ଦ୍ର ଜେନା,ଏନ ପି ଏସ ସଂଘର ସମ୍ପାଦକ ଅଶୋକ କୁମାର ସାହୁ, ଏହି ସଂଘର ମୁଖ୍ୟ ଉପଦେଷ୍ଟା ଜାକିର ହୁସେନ ଶାହା,ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ସୁଶାନ୍ତ କୁମାର ବେହେରା, ଭୋଗରାଇ ସଭାପତି ସୀତାରାମ ପ୍ରଧାନ,ଶିକ୍ଷକ ସମିତିର ସଭାପତି ଦେବେନ୍ଦ୍ର ଜେନା, ସି ଆର ସି ସି ସ୍ୱାଗତ କୁମାର ସୁର,ପ୍ରଧାନ ଶିକ୍ଷକ ବାଲ ଗୋପାଳ ଦାସ,ଓଲସ୍ତା ର ସଭାପତି ତାପସ ପାତ୍ର, ଶିକ୍ଷକ ନେତା ଗୌରୀ ଶଙ୍କର ତ୍ରିପାଠୀ, ଭାଗବତ ପ୍ରଧାନ ପ୍ରମୁଖ ସଦଗୁରଙ୍କ ଅଭାବରେ ସାଂସ୍କୃତିକ ଅବକ୍ଷୟ ଘଟୁଥିବାବେଳେ ଶିକ୍ଷକା,ଶିକ୍ଷକ ମାନଙ୍କୁ ସରକାର ଅଣଦେଖା କରୁଥିବାର ଅଭିମତ ପ୍ରଦାନ କରିଥିଲେ ।ଧନ୍ୟବାଦ ଦେଇଥିଲେ ଶିକ୍ଷକନେତା ରମେଶ ଚନ୍ଦ୍ର ସୁର ।ଏହି ଅବସରରେ ଅବସର ନେଇଥିବା ୧୮ ଜଣ ଶିକ୍ଷିକା ଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ,(ସବ୍ୟୁ):ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ,ଭଦ୍ରକ ଜିଲ୍ଲା ସଂଘ ତରଫରୁ ମାନ୍ୟବର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉକି ଭଦ୍ରକ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ବର୍ଷା ପାଣି ଜମି ଥିବାରୁ ଭିତରକୁ ଯିବା ଆସିବା କରିବା ବହୁଳ କଷ୍ଟ ହେଉଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଆସୁ ସମାଧାନ ହୋଇପାରିଲା ନାହିଁ। ଶେଷରେ ଜିଲ୍ଲାପାଳ ଆମର ଅଭିଯୋଗ ଶୁଣି ତୁରନ୍ତ ସମସ୍ୟା ସମାଧାନ ହୋଇଯିବ ବୋଲି କହିଥିଲେ।

# କଦମରସୁଲ ଠାରେ ତବୃକାତ ଦର୍ଶନ କଲେ ଭକ୍ତ

ଧାମନଗର,।(ସବ୍ୟୁ):ଧାମନଗର ଏନଏସି ଅନ୍ତର୍ଗତ ଜଗତି କଦମରସୁଲ ଠାରେ ମହାପୁରୁଷ ମହମ୍ମଦଙ୍କ ୧୫୦୦ତମ ଜନ୍ମଦିବସ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଗୁରବାର ରାତିରେ ରଙ୍ଗାରଙ୍ଗ ଜୁଲୁସ ଶୋଭାଯାତ୍ରା ହୋଇଥିବାବେଳେ ଶୁକ୍ରବାର ଦିବସ ବ୍ୟାପି ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଜଗତିସ୍ଥିତ କଦମରସୁଲ କମିଟି ସଭାପତି ତଥା ଦର୍ଘା ସରିଫର ମତଓ୍ୱଲ୍ଲି ମୌଲାନା ମହମ୍ମଦ ହମ୍ମାଦ ହବିବ ମହମ୍ମଦଙ୍କ ପବିତ୍ର ପାଦଚିହ୍ନ ସହ ସେଠାରେ ଥିବା ତବୃକାତ ଗୁଡିକୁ ଗୋଲାପ ଜଳ ଓ ଚନ୍ଦନରେ ଗୋସଲ ବା ସ୍ନାନ କରାଇଥିଲେ। ମୌଲବି ଓ ମୌଲାନାମାନଙ୍କ ଦ୍ୱାରା କୋରାନ ଖାନି,ଫାତେହା କରାଯାଇଥିଲା। ବିଭିନ୍ନ ଅଂଚଳ ଓ ସାହି ବସ୍ତିରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଚାଦର ଚଢାଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦର୍ଶନ କରିଥିଲେ। ପରେ ବିଭିନ୍ନ ତବୃକାତ ଗୁଡ଼ିକର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଲଙ୍ଗର ବା ପଂକ୍ତିଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସମେତ ପଡୋଶୀ ଯାଜପୁର,କେନ୍ଦ୍ରାପଡା,ବାଲେଶ୍ୱର ଆଦି ଜିଲ୍ଲାର ବିଭିନ୍ନ ଅଂଚଳରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଜଗତି କଦମରସୁଲ ଠାରେ ପହଂଚି ଚାଦର ଚଢାଇ ଦର୍ଶନ କରିଥିଲେ। ମତଓ୍ୱଲି ମୌଲାନା ମହମ୍ମଦ ହମ୍ମାଦ୍ ହବିବିଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ବିଭିନ୍ନ ଦଳର ରାଜନୈତିକ ନେତୃବୃନ୍ଦ ଜଗତି କଦମରସୁଲ ଠାରେ ପହଂଚି ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଆବଶ୍ୟକ ପୋଲିସ ମୁତୟନ କରାଯାଇଥିଲା।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ପାଳନ ହେବ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ

ବାଲେଶ୍ୱର,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ୮ରୁ ୧୨ ସେପ୍ଟେମ୍ବରରେ ପର୍ଯ୍ୟନ୍ତ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ-୨୦୨୫ ପାଳିତ ହେବ। ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଆଲୋକିତ କରିବା, ନିରବତାକୁ ଭାଙ୍ଗିବା, ଯୁବମନଙ୍କୁ ସଶକ୍ତ କରିବା ଓ ସାମୂହିକ ସମର୍ଥନର ସଂସ୍କୃତିକୁ ଦୃଢ଼ କରିବା ଇତ୍ୟାଦି, ଏହି ସପ୍ତାହ ପାଳନର ପ୍ରଧାନ ଉଦ୍ଦେଶ୍ୟ ରହିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜକ ବିଭାଗ ନିଜ ବାର୍ତ୍ତାରେ କହିଛନ୍ତି, ଆତ୍ମହତ୍ୟା ପ୍ରବୃତ୍ତି ଏକ ଅପରାଧିକ କାର୍ଯ୍ୟକଳାପ। ଏଥିରୁ ନିବୃତ୍ତ ରହିବା ସହ ଏ ସଂକ୍ରାନ୍ତରେ ଆଲୋଚନା ଠାରୁ ପଳାୟନ ଠିକ ନୁହେଁ, ବରଂ ଏହା ପ୍ରତିରୋଧ ଯୋଗ୍ୟ ତଥା ବର୍ତ୍ତମାନ ସମୟରେ ସମାଜର ଏହା ଏକ ଦୁର୍ଭାଗ୍ୟ ପୂର୍ଣ୍ଣ ବିଷୟ ଭାବେ ମୁଣ୍ଡ ଟେକିଛି। ସଚେତନତା, ସୃଜନଶୀଳତା ଓ ସମୂହିକ ଦାୟିତ୍ୱରେ ଆମେ ସମସ୍ତେ ପ୍ରତିଟି ଜୀବନକୁ ରକ୍ଷା କରିପାରିବା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂକଳିତ କାର୍ଯ୍ୟକ୍ରମ ମଧ୍ୟରେ, ୮ ସେପ୍ଟେମ୍ବରରେ ସଂଶ୍ଳିଷ୍ଟ ମହାବିଦ୍ୟାଳୟଗୁଡ଼ିକରେ ସଚେତନତା ବ୍ୟାଖ୍ୟାନ ଦ୍ୱାରା କାର୍ଯ୍ୟକ୍ରମର ଆରମ୍ଭ ହେବ। ୯ ସେପ୍ଟେମ୍ବରରେ ନିବନ୍ଧ, ଚର୍ଚ୍ଚା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ।୧୦ ସେପ୍ଟେମ୍ବରରେ ଇର୍ଣ୍ଟଆକ୍ଟିଭ ସେମିନାର ଓ ମେଣ୍ଟାଲ୍ ହେଲଥ୍ ଫାର୍ଷ୍ଟ-ଏଡ୍ ଟ୍ରେନିଙ୍ଗ ପ୍ରଖ୍ୟାତ ମନୋବିଜ୍ଞାନୀ ପ୍ରଫେସର ଅଜିତ କୁମାର



ମହାନ୍ତି, ଡ଼କ୍ଟର ନରେନ୍ଦ୍ର ସିଂହ ଥଗୁଣା (ଆଭାସୀ ମାଧ୍ୟମ), ଡ଼କ୍ଟର ଶଶୀମଣି ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ।୧୧ ସେପ୍ଟେମ୍ବରରେ ମାନସିକ ସ୍ୱାସ୍ଥ୍ୟ ଓ ସୋସିଆଲ୍ ମିଡିଆ - ଡିଜିଟାଲ୍ ଜୀବନରେ ସମତୁଳନ ବିଷୟରେ କର୍ମଶାଳା ଆୟୋଜିତ ହେବ।୧୨ ସେପ୍ଟେମ୍ବରରେ ଶ୍ରୀମତୀ ଆଞ୍ଚଲ ରେଖାଣୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନତା ସଭା ସହିତ ଏହି ସପ୍ତାହ ଶେଷ ହେବ।ଏହି ପଦକ୍ଷେପରେ ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଜୀବନ ମୂଲ୍ୟବାନ୍, ଏବଂ ସାମୂହିକ ପଦକ୍ଷେପରେ ଆମେ ବଞ୍ଚିବାର ଆଶା ସୃଷ୍ଟି କରିପାରିବୁ ବୋଲି ଦୃଢ଼ ଓ ସନ୍ଦେଶମୂଳକ ବାର୍ତ୍ତା ପ୍ରଦାନ କରାଯାଇଛି।

# ଆନନ୍ଦପୁର କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ସ୍ୱାଗତ ସଭା

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର କଲେଜ ପୁରୁଣା ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ସଭା ଅଧକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅଧ୍ୟାପକ ନରେଶ ସାହାଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ,ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର,ପ୍ରଫୁଲ୍ଲ କୁମାର ପଣ୍ଡା,ସୁବ୍ରତ କୁମାର ସାହାଣୀ,ସୁରୁଚି ସମ୍ପନ୍ନ ସ୍ୱାଇଁ



ଯୋଗଥିଲେ। ସଭା ପ୍ରାରମ୍ଭ ରେ ଛାତ୍ର ଛାତ୍ରୀ ମାନଙ୍କ ଦାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ଦେବାଙ୍ଗିନି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କଂନବାଗତ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା।

# ସେ ଥିଲେ ବଡ଼ ହୃଦୟବାନ୍ ମଣିଷ



ଡଃ.ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ

ବଡ଼ ହୃଦୟ, ବଡ଼ ମନ, ବଡ଼ ସ୍ୱପ୍ନ, ବଡ଼ କାମିକା ମଣିଷ ଥିଲେ ସେ । ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କ କଥା ବୁଝିବା ଏବଂ ସମସ୍ତଙ୍କୁ ସହଯୋଗ କରିବାରେ ସେ ବହୁତ ଆନନ୍ଦ ପାଉଥିଲେ । ୧୯୩୬ ମସିହା ଜୁଲାଇ ମାସ ୨୩ ତାରିଖ ଦିନ ଜଗତସିଂହପୁରର ତୁଳଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସେହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ହେଉଛନ୍ତି ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ।

ବି.ଏ ପାସ କରିବା ପରେ ବ୍ୟବସାୟିକ କାର୍ଯ୍ୟରେ ମନୋନିବେଶ କରିଥିଲେ ମଧ୍ୟ ଜନସେବା ପ୍ରତି ସେ ହୋଇଥିଲେ ଖୁବ୍ ମୋହାଚ୍ଛନ୍ନ । ତେଣୁ ନିଜର ଯୁବକ ଅବସ୍ଥାରେ ୧୯୭୭ ମସିହାରେ କଂଗ୍ରେସ ଦଳରେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟି(ପି.ସି.ସି)ର କୋଷାଧ୍ୟକ୍ଷ ଭଳି ଗୁରୁଦାୟିତ୍ୱକୁ ସଂପାଦନ କରିବାକୁ ଆଗେଇ ଆସିଥିଲେ, ଯେଉଁ ସମୟରେ ଦେଶ ତଥା ରାଜ୍ୟରେ କଂଗ୍ରେସର ପ୍ରଦର୍ଶନ ଖୁବ୍ ଖରାପ ଥିଲା । ତେଣୁ ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାର ଦୁଃସାହସ ରଖି ସେ ସମାଜ ସେବାରେ ଆଗେଇ ଯାଇଥିଲେ । ସେ ସମୟରେ ମୁଁ ମଧ୍ୟ କଂଗ୍ରେସ ଦଳର ସାଧାରଣ ସଂପାଦକ ଭାବରେ କାର୍ଯ୍ୟ କରୁଥିଲି । ତାଙ୍କ ସହିତ ସେହି ସମୟରୁ ମୋର ପରିଚୟ ଆରମ୍ଭ ହୋଇ ଅଦ୍ୟାବଧି ମଧ୍ୟ ତାଙ୍କ ପରିବାର ସହିତ ସୁସଂପର୍କ ବଜାୟ ରହିଛି । ସେ ଜଣେ ମେଳାପୀ, ହୃଦୟବାନ ମଣିଷ । ୧୯୮୦ ମସିହାରେ କଂଗ୍ରେସ ଦଳ ଜାନକୀ ବାବୁଙ୍କ ନେତୃତ୍ୱରେ ଲଢ଼ିଲା । ସେତେବେଳେ ସେ ଯୁବ ନେତୃତ୍ୱକୁ ଗୁରୁତ୍ୱ ଦେଉଥିଲେ । ସେହି ସମୟରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଜନତା ପାର୍ଟିର ଟାଣୁଆ ନେତା ତଥା ଚାରିଥର ବିଧାୟକ ହୋଇଥିବା ପ୍ରବୀଣ ରାଜନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ପରାସ୍ତ କରି ବସନ୍ତ ବିଶ୍ୱାଳ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ । ୧୯୮୦ରୁ ୮୫ ମସିହା ମଧ୍ୟରେ ଜାନକୀ ବାବୁ ବସନ୍ତ ବିଶ୍ୱାଳଙ୍କ ଉପରେ ଆସ୍ଥା ପ୍ରକଟ କରି ବିଭିନ୍ନ ସମୟରେ ନଗର ଉନ୍ନୟନ, ଗୃହ ନିର୍ମାଣ, ପୂର୍ତ୍ତ, ଖଣି ଓ ଭୂତତ୍ତ୍ୱ, କ୍ରୀଡା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବରେ ତାଙ୍କ ନିଯୁକ୍ତ କରିଥିଲେ । ଏହି ସମୟରେ ସେ ଓଡ଼ିଶାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକରି ସାରା ରାଜ୍ୟବାସୀଙ୍କର ଶ୍ରଦ୍ଧାର ପାତ୍ର ହୋଇ ଯାଇଥିଲେ । ତିର୍ତ୍ତୋଲର ଜନପ୍ରତିନିଧି ଭାବରେ ସେ ନିଜ ଅଞ୍ଚଳର ଅନେକ ବିକାଶର ମୂକ ସାକ୍ଷୀ ହୋଇଛନ୍ତି । **ଏଥି ସହିତ କଟକ ସହରକୁ ସରସ ସୁନ୍ଦର କରିବା ପାଇଁ ସେ କାଠଯୋଡି ରିଂ ରୋଡ ବନ୍ଧ ଏବଂ କଟକର କଳେବର ବୃଦ୍ଧି, ସୌନ୍ଦର୍ଯ୍ୟକରଣ ତଥା ସହର ବିକାଶ ପାଇଁ ସି.ଡି.ଏ (କଟକ ଡେଭଲପମେଣ୍ଟ ଅଥରିଟି) ଗଠନ କରିଥିଲେ । ତେଣୁ ତାଙ୍କୁ କେହି କେହି କଟକର ଦ୍ୱିତୀୟ ବାଇମୁଣ୍ଡି ବୋଲି କହନ୍ତି । ଯିଏ ବେଶି କାମ କରେ, ବିକାଶ ପଛରେ ଧାଏଁ ସ୍ୱତଃ ସେ ଅନ୍ୟମାନଙ୍କର ଈର୍ଷାର କାରଣ ହୋଇଥାଏ, ଯାହା ବସନ୍ତ ବାବୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ।** ୧୯୮୫ ମସିହା ନିର୍ବାଚନରେ ଆଉ ତାଙ୍କୁ ବିଧାନସଭା ଲଢ଼ିବା ପାଇଁ ସୁଯୋଗ ଦିଆଗଲା ନାହିଁ । ବରଂ ପଡୋଶୀ କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଶରତ ଦେବଙ୍କ ସହିତ ଲଢ଼ି ସେ ପରାଜୟ ବରଣ କଲେ । କିନ୍ତୁ ଲୋକସଂପର୍କ ରଖିବାରେ ସେ କେବେହେଲେ ପଛକୁ ହଟିଲେ ନାହିଁ । ତେଣୁ ୧୯୯୦ ମସିହା ବିଧାନସଭା ନିର୍ବାଚନରେ ଯେତେବେଳେ ସାରା ରାଜ୍ୟରେ କଂଗ୍ରେସ ଦଳ ବିରୋଧରେ ଜନମତ ପ୍ରବଳ ଥିଲା ଏବଂ ଏହା ମାତ୍ର ୧୦ଟି ଆସନରେ ବିଜୟ ଲାଭ କରି ବିରୋଧୀ ଦଳର ମାନ୍ୟତା ପାଇ ପାରିନଥିଲା ସେ ଭଳି ପ୍ରଚଣ୍ଡ ଝଡକୁ ସେ ଖାତିର ନକରି ତିର୍ତ୍ତୋଲ ଆସନରେ ପୁନର୍ବାର ବିଜୟ ଲାଭ କରିଥିଲେ ଏବଂ କଂଗ୍ରେସ ବିଧାୟକ ଦଳ ନେତା ହୋଇଥିଲେ । ଏହି ସମୟରେ କଂଗ୍ରେସ ଦଳରେ ପ୍ରବଳ ସଂଘର୍ଷ ହେଲା ଏବଂ କିଛି ଦିନ ପାଇଁ ବସନ୍ତ ବାବୁଙ୍କୁ କଂଗ୍ରେସରୁ ସସ୍‌ପେଣ୍ଡ କରାଗଲା । ମାତ୍ର ପରିଶେଷରେ ତାଙ୍କର ଆବଶ୍ୟକତାକୁ ଅନୁଭବ କରି କଂଗ୍ରେସ ଦଳ 'ମଇଁଷି ଶିଂଘ ଫଟା ଯୁଝିଲା ବେଳକୁ ଗୋଟା' ଆହ୍ୱାନ ଦେଇ ତାଙ୍କୁ ଦଳକୁ ଫେରାଇ ଆଣିଲା ଏବଂ ୧୯୯୫ ମସିହା ନିର୍ବାଚନ ପାଇଁ ଗୁରୁ ଦାୟିତ୍ୱ ଦେଇଥିଲା । ବିଜୁ ବାବୁଙ୍କର ଲୋକପ୍ରିୟତା ଥିବା ସତ୍ତ୍ୱେ ଉପଯୁକ୍ତ ରଣ କୌଶଳ ଏବଂ ଏକତାର ଡୋରିରେ ବନ୍ଧା ହେବାରୁ କଂଗ୍ରେସ ଦଳ ପୁନର୍ବାର ସରକାରକୁ ଆସିଲା । ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ହେବା ବେଳେ ବସନ୍ତ କୁମାର ବିଶ୍ୱାଳ ଉପ-ମୁଖ୍ୟମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ଅର୍ଥ, ଜଳ ସଂପଦ, ସଂସଦୀୟ ବ୍ୟାପାର ଏବଂ ଯୋଜନା ସମନ୍ୱୟ ବିଭାଗ ପାଇ ଖୁବ୍ ଆନ୍ତରିକତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୯୩ ମସିହାରେ ଜଗତସିଂହପୁର ନୂତନ ଭାବେ ଜିଲ୍ଲା ଗଠନ ହୋଇଥିବା ବେଳେ ତାର ନିର୍ମାଣର ଦାୟିତ୍ୱ ନିର୍ବାହ କଲେ ବସନ୍ତ ବିଶ୍ୱାଳ । ସେ ସମୟରେ ଜଳସଂପଦ ବିଭାଗର ଅନେକ କାର୍ଯ୍ୟ ସେ କରିବା ସହିତ ଭୁବନେଶ୍ୱର ଠାରେ ରାଜୀବ ଭବନ ନିର୍ମାଣର ଗୁରୁ ଦାୟିତ୍ୱ ତାଙ୍କ ଉପରେ ଥିଲା। ରାଜ୍ୟରେ ଅନେକ ବିକାଶ ମୂଳକ କାର୍ଯ୍ୟକୁ ସେ ଆଗେଇ ନେଇଥିଲେ । ପୁଣି ଥରେ ଜାନକୀ ବାବୁଙ୍କ ଶାସନର ପତନ ହେଲା ଏବଂ ୧୯୯୮ ମସିହାରେ ଗିରିଧାର ଗମାଙ୍ଗୋ ସରକାରରେ ତଥା ୧୯୯୯ ମସିହାରେ ହେମାନନ୍ଦ ବିଶ୍ୱାଳଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ଜଳ ସଂପଦ, କୃଷି, ସଂସଦୀୟ ବ୍ୟାପାର ଇତ୍ୟାଦି ବିଭାଗକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ । ଶେଷରେ ୨୦୦୦ ମସିହାରେ ରାଜ୍ୟରେ କଂଗ୍ରେସ ସରକାରରୁ ଗଲା ଏବଂ ବସନ୍ତ ଭାଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ନିଜର ମାମୁଁ ପୁଅ ଭାଇ ଦେବାଶିଷ ସାମନ୍ତରାୟଙ୍କ ଠାରୁ ପରାଜୟ ବରଣ କଲେ ।

ବସନ୍ତ ବିଶ୍ୱାଳଙ୍କ ସହିତ ମୋର ସବୁବେଳେ ସୁସଂପର୍କ ରହି ଆସିଥିଲା। ମୁଁ ତାଙ୍କୁ ସବୁବେଳେ 'ବସନ୍ତ ଭାଇ' ବୋଲି ଡାକେ । ଉଭୟଙ୍କ ମଧ୍ୟରେ ପାରିବାରକ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଆସିଥିଲା । ସେ ଉପମୁଖ୍ୟମନ୍ତ୍ରୀ ଅଥବା ମନ୍ତ୍ରୀ ଥିବାବେଳେ ନିର୍ବାଚନ ମଣ୍ଡଳୀ ସମସ୍ୟା ନେଇ ଯେତେବେଳେ ଯେଉଁ କାମରେ ଗଲେ ସେ କେବେହେଲେ ନାହିଁ କରନ୍ତି ନାହିଁ । କାମଟି ଯେତେ ଅସମ୍ଭବ ମନେ ହେଉଥିଲେ ମଧ୍ୟ ସେ ଯେନତେନ ପ୍ରକାରେ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି ଏବଂ ସେଥିରେ ସଫଳ ମଧ୍ୟ ହୁଅନ୍ତି । 'ନାହିଁ' ଭଳି ଶବ୍ଦ ତାଙ୍କ ରାଜନୈତିକ ଅଭିଧାନରେ ନଥିଲା । ପ୍ରଶାସନିକ ଅଧିକାରୀମାନେ ତାଙ୍କ କଥାକୁ କେବେ ଅମାନ୍ୟ କରନ୍ତି ନାହିଁ । ସମସ୍ତଙ୍କୁ ନେଇ କେମିତି କାମ କରାଯାଏ, ତାହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ବସନ୍ତ ଭାଇ ।

ସେ ଯେ କେବଳ ରାଜନୀତି କ୍ଷେତ୍ରରେ ପାରଙ୍ଗମ ଥିଲେ ତାହା ନୁହେଁ, ୧୯୮୬-୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ ସମବାୟ ୟୁନିୟନର ସଭାପତି, ରଷ୍ଟ୍ରଭାଷା ପ୍ରଚାର ସମବାୟ ସମିତିର ସଭାପତି, ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି, ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି, ଓଡ଼ିଶା ହକି ଆସୋସିଏସନର ସଭାପତି, ଇଣ୍ଡିଆନ ଏଗ୍ରିକଲଚରାଲ ଫେଡେରେସନର ଉପସଭାପତି, ଭାରତ ସ୍କାଉଟ ଆଣ୍ଡ ଗାଇଡର ଉପସଭାପତି ତଥା ଓଡ଼ିଶା ଶାଖାର ସଭାପତି, ଶାରଳା ସାହିତ୍ୟ ସଂସଦର ସଭାପତି ଏବଂ ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଭାବରେ କାର୍ଯ୍ୟକରି ସମବାୟ, କ୍ରୀଡା, ସାହିତ୍ୟ ଏବଂ ଗୋସଂପଦ ବିକାଶ ଦିଗରେ ପ୍ରମୁଖ କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ସୁପୁତ୍ର ଚିରଞ୍ଜିବୀ ବିଶ୍ୱାଳ ଏବଂ ରଞ୍ଜୀବ ବିଶ୍ୱାଳ ପିତାଙ୍କ ପଦାଙ୍କ ଅନୁସରଣ କରି ରାଜନୀତିରେ ଅନେକ ସୁନାମ ଅର୍ଜନ କରି ବିଭିନ୍ନ ସମୟରେ ବିଧାୟକ ଏବଂ ସାଂସଦ ହୋଇଛନ୍ତି । ରଞ୍ଜୀବ ବିଶ୍ୱାଳ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ପ୍ରଶାସନିକ ପଦରେ ରହି ଭାରତୀୟ କ୍ରିକେଟ ଓ ଆଇ.ପି.ଏଲକୁ ପ୍ରମୁଖ ଯୋଗଦାନ ଦେଇଛନ୍ତି ।

ସମାଜସେବୀ ଏବଂ ରାଜନୈତିକ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଠିକ୍ ଠିକଣା ନଥାଏ । ତେଣୁ ୨୦୦୦ ମସିହା ନିର୍ବାଚନରେ ହାରିଯିବା ପରେ ବସନ୍ତ ଭାଇଙ୍କ ସ୍ୱାସ୍ଥ୍ୟର ଅବନତି ଘଟିଲା । କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ପରିଶେଷରେ କିଡନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଯିବା ପୂର୍ବରୁ ୨୦୦୩ ମସିହା ସେପ୍ଟେମ୍ବର ମାସ ୭ ତାରିଖ ଦିନ ସମସ୍ତଙ୍କୁ ପର କରି ଅଫେରା ରାଇଜକୁ ଗମନ କଲେ । ଆଜି ତାଙ୍କର ଶ୍ରାଦ୍ଧ ଦିବସ ଅବସରରେ ମୁଁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ଏବଂ ଆଗାମୀ ପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେଉ ଏତିକି କାମନା କରୁଛି ।

> **ବସନ୍ତ ବିଶ୍ୱାଳଙ୍କ ସହିତ ମୋର ସବୁବେଳେ ସୁସଂପର୍କ ରହି ଆସିଥିଲା । ମୁଁ ତାଙ୍କୁ ସବୁବେଳେ 'ବସନ୍ତ ଭାଇ' ବୋଲି ଡାକେ । ଉଭୟଙ୍କ ମଧ୍ୟରେ ପାରିବାରକ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଆସିଥିଲା । ସେ ଉପମୁଖ୍ୟମନ୍ତ୍ରୀ ଅଥବା ମନ୍ତ୍ରୀ ଥିବାବେଳେ ନିର୍ବାଚନ ମଣ୍ଡଳୀ ସମସ୍ୟା ନେଇ ଯେତେବେଳେ ଯେଉଁ କାମରେ ଗଲେ ସେ କେବେହେଲେ ନାହିଁ କରନ୍ତି ନାହିଁ । କାମଟି ଯେତେ ଅସମ୍ଭବ ମନେ ହେଉଥିଲେ ମଧ୍ୟ ସେ ଯେନତେନ ପ୍ରକାରେ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତି ଏବଂ ସେଥିରେ ସଫଳ ମଧ୍ୟ ହୁଅନ୍ତି । 'ନାହିଁ' ଭଳି ଶବ୍ଦ ତାଙ୍କ ରାଜନୈତିକ ଅଭିଧାନରେ ନଥିଲା । ପ୍ରଶାସନିକ ଅଧିକାରୀମାନେ ତାଙ୍କ କଥାକୁ କେବେ ଅମାନ୍ୟ କରନ୍ତି ନାହିଁ । ସମସ୍ତଙ୍କୁ ନେଇ କେମିତି କାମ କରାଯାଏ, ତାହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ବସନ୍ତ ଭାଇ ।**

**ପୂର୍ବତନ ମନ୍ତ୍ରୀ, ଓଡିଶା**
**ପ୍ରତିମା ଭବନ, ପ୍ଲଟ ନଂ.୪୫୧,**
**ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**



## ୨୨ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ

# ବିକାଶ ପୁରୁଷ ବସନ୍ତ ବିଶ୍ୱାଳ



ପ୍ରହଲାଦ କୁମାର ସିଂହ

ଓଡ଼ିଶାର ବିକାଶ ପୁରୁଷ, ବିଚକ୍ଷଣ ରାଜନୀତିଜ୍ଞ, ଧୂରୀଣ ସଂଗଠକ ବସନ୍ତ କୁମାର ବିଶ୍ୱାଳ ମାତ୍ର ୬୭ବର୍ଷ ବୟସରେ ୨୦୦୩ ସେପ୍ଟେମ୍ବର ୭ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ଅବର୍ତ୍ତମାନର ୨୨ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ସେ ଏବେ ବି ଓଡ଼ିଶାବାସୀଙ୍କ ମାନସପଟରେ ରହିଛନ୍ତି । ଜଣେ ଦକ୍ଷ ମନ୍ତ୍ରୀ ଓ ଦୂରଦୃଷ୍ଟି ସଂପନ୍ନ ରାଜନେତା ହିସାବରେ ସେ ଯେଉଁ ସଫଳତାର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ତାହା ପିଢ଼ି ପରେ ପିଢ଼ି ଝୁରି ହେଉଥିବେ ।

୧୯୩୬ ଜୁଲାଇ ୨୩ ତାରିଖରେ ତାଙ୍କର ଜନ୍ମ । ପୈତୃକ ଗାଁ ଜଗତସିଂହପୁର ଜିଲ୍ଲାର ତୁଳାଙ୍ଗ । କିନ୍ତୁ ତାଙ୍କ କର୍ମ କ୍ଷେତ୍ର ସାରା ଓଡ଼ିଶାରେ ପ୍ରସାରିତ ହେବା ସହିତ ରାଜ୍ୟର ସୀମା ସରହଦ ମଧ୍ୟ ଡେଇଁଥିଲା। ରାଜନୈତିକ କାର୍ଯ୍ୟ ସହିତ ସମାଜସେବା ଓ ବିକାଶକୁ କିଭଳି ଯୋଡ଼ି ହୁଏ ତାହାର ନୂଆ ପରିଭାଷା ସୃଷ୍ଟି କରିଥିଲେ ବସନ୍ତବାବୁ । ବିଏ ପଢୁଥିବା ସମୟରେ ସେ ରାଜନୀତି ଓ ସମାଜସେବା ପ୍ରତି ଆକର୍ଷିତ ହୋଇଥିଲେ । କଂଗ୍ରେସ ଦଳର ଜଣେ ସମର୍ପିତ କର୍ମୀ ଭାବେ ସେ ଯେଉଁ ଯାତ୍ରା ଆରମ୍ଭ କରିଥିଲେ ତାହା ପଥରେ ଅନେକ ବାଧାବିଘ୍ନ ଆସିଥିଲେ ବି ତାହାକୁ ଖାତିର ନକରି ସେ ଆଗକୁ ମାଡ଼ି ଚାଲିଥିଲେ । ''ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି / ଚାଲିବି ଚାଲିବି ନପଡ଼ିବି ଥକି ମୁଦିବା ଆଗରୁ ଆଖି''- ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଟେବୁଲ ଉପରେ ଜଣେ ଇଂରେଜ କବିଙ୍କ ଏକ କବିତାର ଏହି ପଂକ୍ତି ରହୁଥିଲା । ବସନ୍ତବାବୁ ଏହାକୁ ଅନୁସରଣ କରୁଥିଲେ ।

ଜରୁରୀ ପରିସ୍ଥିତି ପରେ ୧୯୭୭ରେ ହୋଇଥିବା ନିର୍ବାଚନରେ ଓଡ଼ିଶା ସମେତ ଦେଶରେ କଂଗ୍ରେସର ଦାରୁଣ ବିପର୍ଯ୍ୟୟ ହୋଇଥିଲା । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ, ଉପସଭାପତି ଆଦି ଦାୟିତ୍ୱ ବସନ୍ତବାବୁ ଗ୍ରହଣ କରି କଂଗ୍ରେସ କର୍ମୀ ଓ ନେତାଙ୍କ ମନରେ ପ୍ରେରଣା ଭରିଥିଲେ । ସୁପ୍ତ ସଂଗଠନକୁ ଜାଗ୍ରତ କରିବା ପାଇଁ ସେ ସଦଳବଳେ ପ୍ରୟାସ ଜାରି ରଖିଥିଲେ । ଏଥିପାଇଁ ତନ-ମନ-ଧନ ଦେଇ ସେ ଲାଗି ପଡ଼ିଥିଲେ । ୧୯୮୦ ନିର୍ବାଚନରେ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟ ରେ ପୁଣି କଂଗ୍ରେସ କ୍ଷମତାକୁ ଫେରିଲା। ସେତେବେଳର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ବସନ୍ତବାବୁଙ୍କ ସାଂଗଠନିକ ଦକ୍ଷତାକୁ ପ୍ରଶଂସା କରୁଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସେଥର ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରଥମଥର ପାଇଁ ଜିଣିଥିବା ବସନ୍ତବାବୁଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ । ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ବସନ୍ତବାବୁ ସରଳ ଜୀବନଯାପନ କରିବା ସହ ନିଶାଠାରୁ ଦୂରରେ ଥିଲେ ।

୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ବସନ୍ତବାବୁ ପୂର୍ତ୍ତ, ନଗର ଉନ୍ନୟନ ଆଦି ବିଭାଗର ମନ୍ତ୍ରୀ ରହିବା ସଙ୍ଗେ ସଙ୍ଗେ ବିକାଶର ନୂଆ ଜୟଯାତ୍ରା ଆରମ୍ଭ କରିଥିଲେ । କଟକର ସିଡିଏ, ରିଂ ରୋଡ୍‌ଠାରୁ ଆରମ୍ଭ କରି ଭୁବନେଶ୍ୱରର ରାସ୍ତାଘାଟ ବିକାଶ ତାଙ୍କ ସମୟରେ ଏକ ବିପ୍ଳବର ରୂପ ନେଇଥିଲା । କେବଳ କଟକ କି ଭୁବନେଶ୍ୱର ନୁହେଁ, ସାରା ରାଜ୍ୟରେ ବହୁ ସଂଖ୍ୟକ ପୋଲ ନିର୍ମାଣ ସହିତ ରାସ୍ତାଘାଟର ବିକାଶ କ୍ଷେତ୍ରରେ ସେ ନୂଆ ଅଧ୍ୟାୟ ରଚିଥିଲେ । ସେହି ସମୟରେ ରାଜଧାନୀ ଭୁବନେଶ୍ୱରରେ ଜାତୀୟ ସଡ଼କ କଂଗ୍ରେସର ଅଧିବେଶନ ତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନର ସ୍ମାରକୀ ସ୍ୱରୂପ ଏବେ ବି ରାଜଧାନୀର ହୃତପିଣ୍ଡରେ ରହିଛି ଆଇଆରସି ଭିଲେଜ୍ । ଏହାଛଡ଼ା ଇନ୍ଦ୍ରଧନୁ ମାର୍କେଟ୍, ଅଶୋକା ମାର୍କେଟ୍, କଲ୍ୟାଣ ମଣ୍ଡପ ସମେତ ଅନେକ ସୌଧ ତାଙ୍କର ହାତଗଢ଼ା। କଟକରେ ଶହୀଦ ଭବନର ନବୀକରଣ ସହିତ ସମ୍ବଲପୁର, ବ୍ରହ୍ମପୁର, ଜୟପୁର, ତିର୍ତ୍ତୋଲ, ଭବାନୀପାଟଣା, ବଲାଙ୍ଗୀର, ରାଉରକେଲା, ପାରାଦୀପ ଆଦିରେ ବି ତାଙ୍କ କାମର ସ୍ମାରକୀ ଏବେ କଥା କୁହେ । ତାଙ୍କ ଉଦ୍ୟମକ୍ରମେ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ନୂଆ ମୋଡ଼ ନେଇଥିଲା ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବହୁ ହୋଟେଲ ମୁଣ୍ଡ ଟେକିଥିଲା ।

ଏବେ ସାରା ଓଡ଼ିଶାରେ ହଜାର ହଜାର ସଂଖ୍ୟକ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟମାନ ଛିଡ଼ା ହୋଇଛି । ବସନ୍ତବାବୁ ଓଡ଼ିଶାର ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଥିବାବେଳେ ଆପାର୍ଟମେଣ୍ଟ ନିର୍ମାଣ ଓ କିଣାବିକା ପାଇଁ ଯେଉଁ କ୍ରାନ୍ତିକାରୀ ଆଇନ୍ କରିଥିଲେ ତାହାର ଫଳସ୍ୱରୂପ ଏହି ଆପାର୍ଟମେଣ୍ଟମାନ ମୁଣ୍ଡ ଟେକିଛି । ସେ ସମୟରେ ଅନେକଗୁଡ଼ିଏ ନୂଆ ପୌର ସଂସ୍ଥା ମଧ୍ୟ ଜନ୍ମ ନେଇଥିଲା । ୮୦ ଦଶକରେ ଜଗତସିଂହପୁର ସମେତ ଅନେକ ଅଞ୍ଚଳକୁ ଦୂରଦର୍ଶନର କାର୍ଯ୍ୟକ୍ରମ ପ୍ରସାରିତ ହୋଇପାରୁନଥିବା ବେଳେ ସେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ ।

ରାଜନୈତିକ ଷଡ଼ଯନ୍ତ୍ରକ୍ରମେ ୧୯୮୫ ନିର୍ବାଚନରେ ତାଙ୍କୁ ତିର୍ତ୍ତୋଲ ବିଧାନସଭା ଆସନରୁ ଟିକେଟ୍ ନଦେଇ କେନ୍ଦ୍ରାପଡ଼ା ଲୋକସଭା ଆସନରେ ଶରତ ଦେବଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଥିଲା । ତେବେ ୧୯୯୦ରେ ସେ ପୁଣି ତିର୍ତ୍ତୋଲ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ କଂଗ୍ରେସ ବିଧାୟକ ଦଳର ନେତା ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ୧୯୯୫ରେ ବସନ୍ତବାବୁ ପୁନର୍ବାର ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରୁ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ । ଏଥର ତାଙ୍କୁ ଉପ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମିଳିଥିଲା । ଜଳ ସଂପଦ, ଖଣି ଓ ଭୂତତ୍ତ୍ୱ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହି ସେ ନିଷ୍ଠାର ସହ ଅନେକ କାର୍ଯ୍ୟ କରିଯାଇଛନ୍ତି । ବିଶେଷକରି ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧର ସୁରକ୍ଷା, ଜଳ ସେଚନ, କୃଷି ବିକାଶ ଆଦି କ୍ଷେତ୍ରରେ ତାଙ୍କର ଅନବଦ୍ୟ ଅବଦାନ ରହିଛି । ଏହାଛଡ଼ା ଖଣି ଚୋରା କାରବାର ଉପରେ କୁଠାରଘାତ କରି ଖଣିଜ ସଂପଦର ସୁରକ୍ଷା ସହିତ ଏହାକୁ ଶିଳ୍ପ ପାଇଁ ବିନିଯୋଗ କରିବା କାମରେ ବସନ୍ତବାବୁ ମନପ୍ରାଣ ଦେଇ କାର୍ଯ୍ୟ କରୁଥିଲେ ।

**କଂଗ୍ରେସ ଦଳରେ ବହୁ ଗୋଷ୍ଠୀ ବିବାଦ ଲାଗି ରହିଥିଲେ ବି ଦଳର ସମସ୍ତ ନେତା ଓ କର୍ମୀଙ୍କୁ ଏକାଠି କରି କାମ କରିବା ଉପରେ ସେ ଗୁରୁତ୍ୱାରୋପ କରିଆସୁଥିଲେ । ତାଙ୍କ ପୃଷ୍ଠପୋଷକତାରେ ବହୁ ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଓ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି । ତାଙ୍କ ଦ୍ୱାରା ବିକଶିତ ଜଗତସିଂହପୁର ଜିଲ୍ଲାର ଶ୍ରୀ ଶାରଳା ସୂତାକଳ ଏକଦା ବାହାର ରାଜ୍ୟକୁ ମଧ୍ୟ ସୂତା ଯୋଗାଉଥିଲା । ଏହାଛଡ଼ା ତାଙ୍କ ଉଦ୍ୟମରେ ଆଉ କେତେକ ସୂତାକଳ, ଚିନିକଳ, ଶୀତଳ ଭଣ୍ଡାର ଆଦି ମୁଣ୍ଡ ଟେକି ଉଠିଥିଲା । ଏବେ ପ୍ରାୟ ୨୫ବର୍ଷ ଧରି ସାରଳା ସୂତାକଳ ସମେତ ବହୁ କୃଷିଭିତ୍ତିକ ଶିଳ୍ପ ବନ୍ଦ ହୋଇ ରହିଛି । ଓଡ଼ିଶା କପଡ଼ା, ଲୁଣ, ତେଲ, ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଆଦିରେ କିଭଳି ସ୍ୱୟଂ ସଂପୂର୍ଣ୍ଣ ହେବ ଏବଂ ଲୋକଙ୍କ ହାତକୁ କାମ ମିଳିବ, ସେ ଦିଗରେ ବସନ୍ତବାବୁ ଅହରହ ଉଦ୍ୟମ କରୁଥିଲେ ।**

ସାମ୍ବାଦିକତା ବୃତ୍ତିରେ ମୁଁ ୧୯୮୩ ମସିହାରେ ପ୍ରବେଶ କରିବା ପରେ ବସନ୍ତବାବୁଙ୍କ କାର୍ଯ୍ୟକଳାପ ବହୁ ନିକଟରୁ ଦେଖିବାର ସୌଭାଗ୍ୟ ମତେ ମିଳିଛି । ଏମିତିକି ବହୁବାର ତାଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଭେଟଘାଟ ହୋଇଛି । ଡ. ହରେକୃଷ୍ଣ ମହତାବଙ୍କ ଆଗ୍ରହ କ୍ରମେ ସେ ପ୍ରଜାତନ୍ତ୍ର ପ୍ରଚାର ସମିତି ସହ ଜଡ଼ିତ ହେବା ସଙ୍ଗେ ସଙ୍ଗେ ଏହି ଖବରକାଗଜର ବିକାଶ କ୍ଷେତ୍ରରେ ଏକଦା ନେତୃତ୍ୱ ନେଉଥିଲେ । ପରବର୍ତ୍ତୀ ସମୟରେ ପ୍ରାୟ ୨୯ବର୍ଷ ତଳେ ସେ ପ୍ରତିଷ୍ଠା କରିଥିଲେ ରଙ୍ଗୀନ ଦୈନିକ ଖବରକାଗଜ 'ସମୟ', ଯାହା ଏ ପର୍ଯ୍ୟନ୍ତ ସମୟ ସ୍ରୋତର ପ୍ରତିକୂଳ ଦିଗରେ ମଧ୍ୟ ସନ୍ତରଣ କରୁଛି । ଝଙ୍କଡ଼ର ମା' ଶାରଳାଙ୍କ ପୀଠର ବିକାଶଠାରୁ ତିର୍ତ୍ତୋଲରେ ଶାରଳା ମହାବିଦ୍ୟାଳୟ ଗଢ଼ି ତୋଳିବା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ।


ଓଡ଼ିଶାରେ ସମବାୟ ଆନ୍ଦୋଳନ ଓ କ୍ରୀଡ଼ାର ବିକାଶ କ୍ଷେତ୍ରରେ ସେ ଅନେକ ସ୍ମାରକୀ ଛାଡ଼ି ଯାଇଛନ୍ତି । ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ସଭାପତି, ରାଷ୍ଟ୍ରଭାଷା ପ୍ରଚାର ସମବାୟ ସମିତିର ସଭାପତି ସହିତ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍, ଓଡ଼ିଶା ହକି ଆସୋସିଏସନ୍ ଆଦିର ସଭାପତି ରହି ଏଗୁଡ଼ିକୁ ବିକଶିତ କରିବା ସହିତ ରାଜ୍ୟରେ ନୂଆ କ୍ରୀଡ଼ାବିତ୍ ସୃଷ୍ଟି କରିବା ଲାଗି ସେ ନିୟମିତ ପ୍ରେରଣା ଦେଉଥିଲେ । ଭାରତୀୟ କୃଷି ମହାସଂଘର ବି ସେ ବହୁବର୍ଷ ଧରି କର୍ମକର୍ତ୍ତା ଥିଲେ । ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍‌ର ବସନ୍ତବାବୁ ସଭାପତି ଥିବାବେଳେ ଯେଉଁ ଚାରା ରୋପଣ କରିଥିଲେ ତାହା ଏବେ ସାରା ରାଜ୍ୟରେ ମହାଦ୍ରୁମରେ ପରିଣତ ହୋଇଛି ।

ଏହି ସଂସ୍ଥାର ସେ ମଧ୍ୟ ଜାତୀୟ ସ୍ତରର ଉପସଭାପତି ଥିଲେ । ଶାରଳା ସାହିତ୍ୟ ସଂସଦ ହେଉଛି ତାଙ୍କ ହାତଗଢ଼ା ଅନୁଷ୍ଠାନ । ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଜାତୀୟ କବି ବୀରକିଶୋରଙ୍କ ପର୍ଯ୍ୟନ୍ତ ଅନେକ କାଳଜୟୀ ସ୍ରଷ୍ଟାଙ୍କ ସୃଷ୍ଟିକୁ ସେ ପୁନଃ ଜାଗରିତ କରାଇବାରେ ସଫଳ ହୋଇଥିଲେ । ଓଡ଼ିଶାରେ ଚାଷ ସହିତ ମତ୍ସ୍ୟ ଓ ଗୋପାଳନକୁ ବସନ୍ତବାବୁ କେବଳ ଅଗ୍ରାଧିକାର ଦେଉନଥିଲେ, 'ଉତ୍କଳ ଗୋମଙ୍ଗଳ ସମିତି'ର ସଭାପତି ହିସାବରେ ମଧ୍ୟ ଅନେକ ପ୍ରଗତିଶୀଳ କାର୍ଯ୍ୟ କରିଯାଇଛନ୍ତି । ଦେଶ ବିଦେଶରେ ସେ ଓଡ଼ିଶାର ସୌରଭ ବାଣ୍ଟିଛନ୍ତି । ସେ ଯେତେ କାମ କରିଯାଇଛନ୍ତି ଓ କରାଇଛନ୍ତି ସେସବୁର ସଂକଳନ କରାଗଲେ ପୋଥିଟିଏ ହେବ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରାୟ ଶହେ ବର୍ଷ ତଳେ ଲେଖିଥିଲେ-'ଜିଇଁରହେ ନାହିଁ କେହି / ଧରାତଳେ ଯେହୁ କୀରତି ରଚଇ ସେହି ଏକା ଜିଇଁଥାଇ'। ବାସ୍ତବରେ ବସନ୍ତବାବୁ ତାଙ୍କର ସଂକ୍ଷିପ୍ତ କର୍ମମୟ ଜୀବନରେ ବିକାଶର ଯେଉଁ କୀର୍ତ୍ତି ସ୍ତମ୍ଭ ସ୍ଥାପନା କରିଯାଇଛନ୍ତି, ତାହା ତାଙ୍କୁ ତାଙ୍କ ଅବର୍ତ୍ତମାନରେ ମରଣଜୟୀ କରି ରଖିଛି ।

**ମୋ-୯୪୩୭୦୧୭୩୯୫**
*Email:prahalladsinha@gmail.com*

# ସ୍ମୃତିର ଅଳିନ୍ଦରେ ବସନ୍ତ ବାବୁ



ରବୀନ୍ଦ୍ର ନାଥ ମହାନ୍ତି

ଉପକ୍ରମ :

କଟକ ସହର ଓ ତିର୍ତ୍ତୋଲ ଏ ଦୁଇଟି ନିର୍ବାଚନ ମଣ୍ଡଳୀର ବାସିନ୍ଦା ଭାବେ ପ୍ରାୟ ଅଶୀ ଦଶକରେ ବସନ୍ତ କୁମାର ବିଶ୍ୱାଳ ରାଜନୈତିକ କର୍ମକ୍ଷେତ୍ରରେ ଦକ୍ଷତା ଓ ଦୃଢ଼ତାର ପ୍ରତୀକ ଭାବେ ବିଧାୟକ, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇ ପାରିଥିଲେ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ମୁଖଶାଳା ଭାବେ ବସନ୍ତ ବିଶ୍ୱାଳଙ୍କୁ ସ୍ଥାନିତ କରାଯାଏ । କାରଣ ସେ ପୂର୍ତ୍ତ ବିଭାଗର ମନ୍ତ୍ରୀ ପଦରୁ ଉପମୁଖ୍ୟମନ୍ତ୍ରୀ ପଦ ଲାଭ କରି ଓଡ଼ିଶାରେ ନିର୍ମାଣ ଯୁଗର ପରାକାଷ୍ଠା ପ୍ରତିପାଦନ କରିଥିଲେ । ବିଶେଷକରି କଟକ ସହରରେ ତାଙ୍କର ପୈତୃକ ନିବାସ ଥିବା ଯୋଗୁଁ ସେ ପ୍ରାୟ କଟକ ସହରର ବୈଷୟିକ ଉନ୍ନତି ପାଇଁ ମନୋନିବେଶ କରିଥିଲେ । ରାଜାବଗିଚାରେ ତାଙ୍କର ନିଜସ୍ୱ ବାସଭବନ ଏବେ ମଧ୍ୟ ତାଙ୍କ ସ୍ମୃତିର ସ୍ୱାକ୍ଷର ବହନ କରେ । ସ୍ୱନାମଧନ୍ୟ କଣ୍ଟ୍ରାକ୍ଟର କ୍ଷେତ୍ର ମୋହନ ବିଶ୍ୱାଳଙ୍କର ସେ ହେଉଛନ୍ତି ପୁତ୍ର ।

ଅବଦାନ :

କଟକ ସହରର ସୁରକ୍ଷା ପାଇଁ ଓ ବନ୍ୟା ବିପର୍ଯ୍ୟୟରୁ ମୁକ୍ତି ପାଇଁ କଟକ ସହରର ତିନି ଦିଗରେ ରିଂ ବନ୍ଧ ନିର୍ମାଣ ଏକ ଯୁଗାନ୍ତକାରୀ କୀର୍ତ୍ତିଭାବେ ସ୍ମରଣୀୟ । ବାରବାଟୀ ଦୁର୍ଗ ଭିତରେ ଇନ୍‌ଡୋର ଷ୍ଟାଡିୟମ୍ ପ୍ରତିଷ୍ଠା ଯୋଗୁଁ ଓଡ଼ିଶାରେ କ୍ରୀଡ଼ା କୁଶଳତାର ପରିବେଶ ପାଇଁ ବିପୁଳ ଖ୍ୟାତି ରହିଛି, ଯାହାଦ୍ୱାରା ଏହା ଆନ୍ତର୍ଜାତିକ ସ୍ୱୀକୃତି ଅର୍ଜନ କରି ପାରିଛି । କଟକରେ ଷ୍ଟେସନ୍ ନିକଟସ୍ଥ ମାଲଗୋଦାମ ଅଞ୍ଚଳକୁ ଫ୍ଲାଇ ଓଭର ଦ୍ୱାରା ସଂଯୋଗ କରିବାର ନିଷ୍ପତ୍ତି ସେ ହିଁ ଗ୍ରହଣ କରି ଚିର ସ୍ମରଣୀୟ ହୋଇଗଲେ । ଲେଭଲ୍ କ୍ରସିଂର ଯେଉଁ ଦୟନୀୟ ଅବସ୍ଥାର ଅବସାନ ହେଲା କେବଳ ତାଙ୍କରି ସୁଦୃଢ଼ ନିଷ୍ପତ୍ତି ଯୋଗୁଁ । ଫଳରେ ଅନେକ ଜନଗହଳି, ଦୁର୍ଘଟଣା ରୋକାଯାଇ ପାରିଲା ।

ଏସବୁ ବାଦେ, ବସନ୍ତ ବାବୁ ଗୋଟିଏ ଦୈନିକ ସମ୍ବାଦପତ୍ର ସମୟର ପ୍ରକାଶନ କଲେ ଏବଂ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ସୃଷ୍ଟି କଲେ । 'ସମୟ' ସମ୍ବାଦପତ୍ର ଭାବେ ଯଥେଷ୍ଟ ସ୍ୱୀକୃତି ଲାଭ କରିଥିଲା । ତାଙ୍କରି ପୁତ୍ର ଶ୍ରୀ ଚିରଞ୍ଜିବୀ ବିଶ୍ୱାଳ ଏବେ ମଧ୍ୟ ରାଜନୀତିରେ ସକ୍ରିୟ । ସେ ବିଧାୟକ ଭାବେ କାର୍ଯ୍ୟ କରି ଯଶସ୍ୱୀ ହୋଇଛନ୍ତି । ତାଙ୍କର ଦ୍ୱିତୀୟ ପୁତ୍ର ଶ୍ରୀ ରଞ୍ଜୀବ ବିଶ୍ୱାଳ ମଧ୍ୟ ଜଣେ କ୍ରିକେଟ ଖେଳାଳି ଓ ପୂର୍ବତନ ସାଂସଦ ।

ବସନ୍ତ ବାବୁ ଖୋଲା ମଣିଷ ଥିଲେ । ଛଳନା ଓ କପଟାଚାର କଣ ସେ ଜାଣି ନଥିଲେ । ସେ କର୍ମ ସଂସ୍କୃତିରେ ବିଶ୍ୱାସ କରୁଥିଲେ । ଯାହା ଠିକ୍ ଓ ଆବଶ୍ୟକ ତାହା ସେ ରୋକ୍‌ଠୋକ୍ କାର୍ଯ୍ୟକାରୀ କରିବାରେ ପଛଘୁଞ୍ଚା ଦେଉ ନଥିଲେ । ଅମଲା ଚକ୍ରକୁ ସେ ଏଡ଼େଇ ଦେବାର ଚେଷ୍ଟା କରୁଥିଲେ । ଯେହେତୁ ସେ ଥିଲେ ଗଣତନ୍ତ୍ର ଶାସନର ଜଣେ ଦୃଢ଼ ସମର୍ଥକ । ଏପରିକି ଅନେକ ରକ୍ଷଣଶୀଳ ମତାନ୍ଧମାନଙ୍କୁ ଖାତିର୍ ନକରି କି, କୌଣସି ନିନ୍ଦାବାଦକୁ ଭ୍ରୂକ୍ଷେପ ନକରି ସେ ଜନକଲ୍ୟାଣ ପାଇଁ ଯାହା ଯଥାର୍ଥ ତାହା ଅବିଳମ୍ବେ କାର୍ଯ୍ୟକାରୀ କରାଉଥିଲେ । ଆଇନ କାନୁନ୍, କାଇଦା କଟକଣା ଯେପରି ଜନସ୍ୱାର୍ଥ ବିରୋଧୀ ନ ହୁଏ ସେଥିପ୍ରତି ସେ ଅଧିକ ଦୃଷ୍ଟି ଦେଉଥିଲେ । କଂଗ୍ରେସ ଦଳର ସ୍ୱାର୍ଥ ରକ୍ଷା ପାଇଁ ସେ ସତର୍କ ଥିଲେ । ଅନେକ ସମୟରେ ଦଳୀୟ ରାଜନୀତିରେ ଅନେକ ଭୁଲ ବୁଝାମଣା ଯୋଗୁଁ ଶାସନ ଓ ପ୍ରଶାସନ ମଧ୍ୟରେ ତାଳମେଳ ରହେ ନାହିଁ । ସେସବୁକୁ ସେ ଅତିକ୍ରମ କରି ପାରିଥିଲେ କେବଳ ଦୃଢ଼ ମନୋବଳ ଓ ଚୂଡ଼ାନ୍ତ ସିଦ୍ଧାନ୍ତ ଯୋଗୁଁ ।

ଉପସଂହାର :

କଣ ପାଇଁ ସେ ସ୍ମରଣୀୟ : ଏହାର ଉତ୍ତର ସଂକ୍ଷେପରେ - ୧) କଟକ ବାରବାଟୀ ଦୁର୍ଗ ଭିତରେ ଇନ୍‌ଡୋର୍ ଷ୍ଟାଡିୟମ୍ ପ୍ରତିଷ୍ଠା । ୨) କଟକ ରେଳବାଇ ଷ୍ଟେସନରେ ଥିବା ଜଗୁଆଳି ଫାଟକ । ୩) ଲେଭଲ୍ କ୍ରସିଂ ବଦଳରେ ଫ୍ଲାଇ ଓଭର୍ ବ୍ରିଜ୍ ନିର୍ମାଣ ଭଳି ବହୁ ବ୍ୟୟସାପେକ୍ଷ କାର୍ଯ୍ୟ କରିବା । ୪) କଟକ ସହରକୁ ବନ୍ୟା ଦାଉରୁ ସୁରକ୍ଷା ପାଇଁ ଘେରିବନ୍ଧ ରିଙ୍ଗରୋଡ୍ ନିର୍ମାଣ କରିବା । ୫) ବହୁତଳ ବିଶିଷ୍ଟ କୋଠାବାଡ଼ି ଯାହାକୁ ଫ୍ଲାଟ୍ କୁହାଯାଏ ତାହାର ନିର୍ମାଣ କରିବା । ୬) ସାମ୍ବାଦିକତା ଓ ସାହିତ୍ୟ ସଂସ୍କୃତିର ପ୍ରସାର ପାଇଁ ସମୟ ସମ୍ବାଦପତ୍ର ପ୍ରକାଶ କରିବା । ୭) ବାରବାଟୀ ଦୁର୍ଗ ନିକଟରେ ସାରଳା ଭବନ ପ୍ରତିଷ୍ଠା କରି ଆଦିକବି ସାରଳାଦାସଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିବା । ୮) ଝଙ୍କଡ଼ସ୍ଥ ସାରଳା ଦାସଙ୍କ ଜନ୍ମପୀଠ ସାରଳା ମନ୍ଦିର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ମୁନିଗୋସାଇଁ ମଣ୍ଡପ ପ୍ରତିଷ୍ଠା କରିବା । ଓଡ଼ିଶାରେ ନିର୍ମାଣ ଯୁଗ ପ୍ରତିଷ୍ଠା ପାଇଁ ସରକାରୀ କାର୍ଯ୍ୟକ୍ରମ ସ୍ଥିର କରିବା । ୯) ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ସରକାରୀ ପୃଷ୍ଠ ପୋଷକତା ଯୋଗାଇ ଦେବା । ୧୦) କୃଷିର ଉନ୍ନତି ପାଇଁ ସରକାରୀ ଯୋଜନାକୁ ତ୍ୱରାନ୍ୱିତ କରିବା । ୧୧) ତାଙ୍କରି ଉପମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ଅର୍ଥ କମିଶନଙ୍କର ପ୍ରତିଷ୍ଠା କରିବା ବ୍ୟତୀତ ଅନେକ ଜନହିତକର କାର୍ଯ୍ୟକ୍ରମକୁ ନିଜର ନିର୍ବାଚନମଣ୍ଡଳୀ ତିର୍ତ୍ତୋଲରେ ରୂପାୟିତ କରିବାରେ ସେ ଅଗ୍ରଗାମୀ ଭୂମିକା ନିର୍ବାହ କରିଥିଲେ ।

ସ୍ୱର୍ଗତ ବିଶ୍ୱାଳଙ୍କ ମୃତ୍ୟୁବେଳକୁ ପ୍ରାୟ ଅଧିକ ବର୍ଷ ହୋଇ ନଥିଲା । ତାଙ୍କ ଅବର୍ତ୍ତମାନରେ ସେ ଦେଖିଥିବା କଟକ ସହରର ନିରାପତ୍ତା ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ସାମୂହିକ କଲ୍ୟାଣ ହୋଇ ପାରିଛି । ତାଙ୍କର ପୁତ୍ର ଶ୍ରୀ ଚିରଞ୍ଜିବୀ ବିଶ୍ୱାଳ ମଧ୍ୟ ସକ୍ରିୟ ରାଜନୀତିରେ ଅଛନ୍ତି । ବସନ୍ତ ବିଶ୍ୱାଳଙ୍କ ଅସ୍ମିତାବୋଧର ତୁଳନା ନାହିଁ । ଯାହା ଉଚିତ ବୋଲି ଭାବୁଥିଲେ ତାହା ସର୍ବନ୍ତଃକରଣରେ ପୂର୍ଣ୍ଣ କରି ପାରୁଥିଲେ । ତାଙ୍କ ପ୍ରତିଷ୍ଠିତ କଟକ ବାରବାଟୀ ଦୁର୍ଗ ପାର୍ଶ୍ୱରେ ସାରଳା ଭବନରେ ବହୁ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଚାଲୁଛି । ସେ ପ୍ରାତଃସ୍ମରଣୀୟ ହୋଇ ରହିବାର ଯଥେଷ୍ଟ କୀର୍ତ୍ତିସ୍ତମ୍ଭ ବିରାଜମାନ କରୁଛି । ସଂକ୍ଷେପରେ - ୧) ଇନ୍‌ଡୋର ଷ୍ଟାଡିୟମ୍, ୨) ସାରଳା ଭବନ, ୩) ଘେରି ବନ୍ଧ, ୪) କଟକ ରେଳ ଷ୍ଟେସନ, ୫) ଲେବଲ୍ କ୍ରସିଂ ଓ ୬) ଓଭର୍ ବ୍ରିଜ୍ ନିର୍ମାଣ ।

ବସନ୍ତ ବିଶ୍ୱାଳ କେବଳ ରାଜନେତା ଭାବରେ ନୁହେଁ, ଜଣେ ଦୃଢ଼ ମନୋବଳ ସଂପନ୍ନ ଜନନେତା ଭାବରେ ସ୍ମୃତିର ଅଳିନ୍ଦରେ ଅନୁଭୂତ ହେଉଥିବେ । ସେ ସବୁବେଳେ ଗୋଟିଏ ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ ହୋଇ ରହିଥିବେ । ତାଙ୍କର ଜନ୍ମ ଓ ଜୀବନ ଲୋକାଭିମୁଖୀ ଥିଲା । ସେ ପିତୃପୁରୁଷଙ୍କ ସୁକୃତରୁ ଧନୀ ଘରେ ଜନ୍ମ ହୋଇ ସାଧାରଣ ଜନତାଙ୍କ ସେବାରେ ଆତ୍ମନିୟୋଗ କରି ଯାଇଛନ୍ତି । ସେ ଓଡ଼ିଶାବାସୀଙ୍କ ପାଇଁ ନିର୍ମାଣ ଯୁଗର ପୁରୁଷ ଭାବରେ ଦୃଷ୍ଟାନ୍ତ ହୋଇ ରହିବେ । ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସେ ରାଜନୀତିକୁ ପ୍ରବେଶ କରିଥିଲେ । ପ୍ରଥମେ ପୂର୍ତ୍ତ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଏବଂ କ୍ଷମତାର ଅଳିନ୍ଦରେ ପାହାଚ ଚଢ଼ି ଚଢ଼ି ସେ ଉପମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । କଟକ ସହର ତାଙ୍କକର ପ୍ରଧାନ କର୍ମକ୍ଷେତ୍ର ଏବଂ ତିର୍ତ୍ତୋଲରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ସେ ଓଡ଼ିଶାରେ ନବନିର୍ମାଣ ଯୁଗର ଲହରୀ ଖେଳାଇ ଦେଇଥିଲେ । ଏବେ ମଧ୍ୟ ସେ ସ୍ମୃତିର ଆଇନାରେ ଉଦ୍‌ଭାସିତ ହୋଇ ଉଠନ୍ତି ।

> **ସେ ସବୁବେଳେ ଗୋଟିଏ ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ ହୋଇ ରହିଥିବେ । ତାଙ୍କର ଜନ୍ମ ଓ ଜୀବନ ଲୋକାଭିମୁଖୀ ଥିଲା । ସେ ପିତୃପୁରୁଷଙ୍କ ସୁକୃତରୁ ଧନୀ ଘରେ ଜନ୍ମ ହୋଇ ସାଧାରଣ ଜନତାଙ୍କ ସେବାରେ ଆତ୍ମନିୟୋଗ କରି ଯାଇଛନ୍ତି । ସେ ଓଡ଼ିଶାବାସୀଙ୍କ ପାଇଁ ନିର୍ମାଣ ଯୁଗର ପୁରୁଷ ଭାବରେ ଦୃଷ୍ଟାନ୍ତ ହୋଇ ରହିବେ ।**

**ଶାରଦାଶ୍ରୀ, ୧୨୫୨,**
**ମହାନଦୀ ବିହାର, କଟକ - ୪,**
**ମୋ-୯୪୩୭୦୪୨୨୩୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫୦ ବର୍ଷ...

ସମତ ଅନୁସାରେ ରଥଯାତ୍ରା ପାଳନ କରାଯାଉ । ଏଥିରୁ ବିରତ ରହିବାକୁ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନସ୍ତରରେ ଆଲୋଚନା ହୋଇ ଆସୁଥିଲା ବେଳେ ୨୦୨୧ ଜୁଲାଇ ୨୧ରେ ଇସ୍କନ ଗଭର୍ଣ୍ଣିଂ କାଉନସିଲ ମୁମ୍ବାଇ ପକ୍ଷରୁ ଶାସ୍ତ୍ର ତଥା ପରମ୍ପରା ଅନୁସାରେ ଭାରତରେ ଥିବା ସମସ୍ତ ଇସ୍କନ ମନ୍ଦିରରେ ରଥଯାତ୍ରା ଅନୁଯାୟୀ ବିଧିବଦ୍ଧ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ବିଦେଶରେ ରଥଯାତ୍ରା ପାଳନ ପକ୍ଷରୁ ଇସ୍କନ ଅନ୍ତର୍ଜାତୀୟ ମହଲ୍ଲମା ନିକଟରେ ନେବେ ବୋଲି କୁହାଯାଉଥିଲା । ଗଜପତି ମହାରାଜାଙ୍କ ପକ୍ଷରୁ ବାର୍ତ୍ତା ପ୍ରେରଣ କରାଯାଇଛି । ଏହା ସତ୍ତ୍ୱେ ବି ରଥଯାତ୍ରା ପାଳନ ହେଉଛି । ଆମେରିକାର ଏକ ସହରରେ ଚଳିତ ବର୍ଷ ମାର୍ଚ୍ଚ ୩ରେ ରଥଯାତ୍ରା ଆୟୋଜନ ହୋଇଥିଲା । ଫେନସିଲ ଭେନିଆରେ ସେପ୍ଟେମ୍ବର ୨୭ରେ ରଥଯାତ୍ରା ପାଳନ ପାଇଁ ଯୋଜନା କରାଯାଉଛି । ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା । ଏହା କୋଟି କୋଟି ଜଗନ୍ନାଥପ୍ରେମୀ, ଓଡ଼ିଆ ସଂସ୍କୃତି ଓ ଗାରିମାକୁ ଆଘାତ ପହଞ୍ଚାଇଛି । ତଥ୍ୟ ଅନୁସାରେ ବିଦେଶରେ ୬୮ ଟି ଇସ୍କନ ମନ୍ଦିରରେ ସମସ୍ତ ଶାସ୍ତ୍ର ତଥା ପରମ୍ପରାକୁ ଉଲ୍ଲଙ୍ଘନ କରି ଏବର୍ଷ ରଥଯାତ୍ରା ପାଳନ କରାଯାଇଛି । ଇସ୍କନର ଏହି କାର୍ଯ୍ୟକୁ ଶ୍ରୀମଦ୍ ଜଗଦଗୁରୁ, ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ଘୋର ନିନ୍ଦା କରିଛନ୍ତି । ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରୁଛି । ଶାସ୍ତ୍ର ତଥା ପରମ୍ପରା ଅନୁସାରେ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା ପାଳନ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଇସ୍କନ ଗଭର୍ଣ୍ଣିଂ କମିଶନର ପୁଣିଥରେ ଅନୁରୋଧ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଓ ବିଦ୍ୱାନ, ଶ୍ରୀ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

## ପ୍ରତି...

ଫଳ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ। ସମ୍ବଲପୁର ପଶ୍ଚିମ ଓଡ଼ିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ। କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓଡ଼ିଶା ପାଇଁ ସ୍ୱତନ୍ତ୍ରତା ବହନ କରନ୍ତି ।

ନୂଆଁଖାଇ ହେଉଛି ଚାଷ ଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ । ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ । ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର । କେବଳ କାଗଜପତ୍ରକୁ ପ୍ରଚାର ପାଇଁ ନୁହେଁ । ଗତ ଏପ୍ରିଲ ୧୧ ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ । ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ତୁରନ୍ତ ଘଟଣାସ୍ଥଳରେ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା । ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବ ତାହା ନୁହେଁ, ଯଦି ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଂ ବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ପୁଣି କହିଥିଲେ ଯେ ଆମ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ । ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ- ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ । ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ । ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ନୂଆଁଖାଇ କେବଳ ଗୋଟିଏ ଦିନର କି ଦୁଇ ଦିନର ପର୍ବ ନୁହେଁ । ଏହା ହେଉଛି ଗଣପର୍ବ। ବହୁତ ଦିନ ଧରି ଏହା ଚାଲେ, ବାସି, ତିଆସି ଭାବେ । ଏଣୁ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ, ଆମ ସରକାର ଚଳିତ ବର୍ଷ ନୂଆଁଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଭାବେ ଘୋଷଣା କରିଥିଲେ । ନୂଆଁଖାଇ ଆମକୁ କହେ ପରିବାରରେ ଏକତା ରଖ। ସମାଜରେ ଶାନ୍ତି ଓ ସହଯୋଗକୁ ବଢାଅ। ପ୍ରକୃତିକୁ ମା' ଭାବି ସମ୍ମାନ କର। କୃଷକଙ୍କୁ ସମ୍ମାନ ଦେଇ, ସେମାନଙ୍କ ପରିଶ୍ରମକୁ ସଫଳ ରୂପାୟନ କରିବାରେ ନିଜକୁ ସାମିଲ କରିବା। ନୂଆଁଖାଇ କେବଳ ପର୍ବ ନୁହେଁ ଏହା ଆମର "ଅସ୍ତିତ୍ୱର ପରିଚୟ"।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଗଣ, ବିଧାୟକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ମା ସମଲେଶ୍ୱରୀ ମନ୍ଦିର ଏବଂ ମା ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ସାର...

ପାଖରେ ସେମାନଙ୍କର ଆବଶ୍ୟକତା ଅନୁସାରେ ସାର ଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେଥିପାଇଁ କି କି ସମସ୍ୟା ରହୁଛି, ସେ ସଂପର୍କରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକରେ ସଦ୍ୟତମ ସ୍ଥିତି ସମୀକ୍ଷା କରିଥିଲେ ।

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ବୈଠକରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ଏବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଏ ସମୟରେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରାଥମିତା ରହିଛି । ସାରର ଉପଲବ୍ଧତା ଅନୁସାରେ ତାହା ଯେପରି ଚାଷୀମାନଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚେ, ସେଥିପ୍ରତି ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ତରରେ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ଚଳିତ ସେପେଟମ୍ବର ମାସ ୫ ତାରିଖ ସୁଦ୍ଧା ଓଡ଼ିଶାକୁ ଖରିଫ ୨୦୨୫ ବର୍ଷ ପାଇଁୟୁରିଆ ସମେତ ୧୦ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ପ୍ରକାର ସାର ଉପଲବ୍ଧତା ନେଇ ଭାରତ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହି ତାରିଖ ସୁଦ୍ଧା ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି । ଏପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ ଟନ ସାର ବିକ୍ରୟ ହୋଇସାରିଛି । ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ ପାଢ଼ୀ କହିଛନ୍ତି, ଏବର୍ଷ ଭଲ ମୌସୁମୀ ବର୍ଷା ହୋଇଥିବାରୁ ଧାନ ଚାଷ ପ୍ରତି ଚାଷୀମାନେ ଅଧିକ ଆଗ୍ରହ ପ୍ରକାଶ କରିଥିବାରୁ ସାରର ଆବଶ୍ୟକତା ବୃଦ୍ଧି ପାଇଛି । ଚାଷୀମାନଙ୍କୁ ସାରର ଉପଲବ୍ଧତା ଓ ଆବଶ୍ୟକତା ଅନୁସାରେ ଠିକ୍ ଭାବରେ ବଣ୍ଟନ ସଂକ୍ରାନ୍ତରେ କୃଷି ବିଭାଗ ନିର୍ଦ୍ଦେଶକ, ସମବାୟ ବିଭାଗ ନିର୍ଦ୍ଦେଶକ ଓ ଟିମ୍ ନିୟମିତ ଭାବେ ତଦାରଖ କରୁଛନ୍ତି । ଯେଉଁଠାରେ ସାର ମିଳିବାରେ ବିଶେଷ ଅସୁବିଧା ହେଉଛି, ସେଠାରେ ଜିଲ୍ଲାପାଳମାନେ ନିଜେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ବ୍ୟବସ୍ଥା କରୁଛନ୍ତି । ସାର ପହଞ୍ଚିବା ମାତ୍ରେ ତାହା ଚାଷୀମାନଙ୍କୁ ଆବଶ୍ୟକତା ଅନୁସାରେ ଦେବାକୁ ନର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ସାର କମ୍ପାନୀରୁ ଜିଲ୍ଲାକୁ ଆସୁଥିବା ସାର, ପାକ୍ସ ଏବଂ ଲାମ୍ପସ୍ ନିକଟରେ ଅଧିକ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଡିଲରମାନଙ୍କ ପାଖରେ ସାର ଯେପରି ନିର୍ଦ୍ଧାରିତ ଦର ଠାରୁ ଅଧିକ ଦରରେ ବିକ୍ରି ନହୁଏ, ସେଥିପ୍ରତି ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଭିନ୍ନ ଜିଲ୍ଲା ପାଇଁ ସାର କେତେ ଉପଲବ୍ଧ ଅଛି, କେତେ ପହଞ୍ଚିବାର ଅଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳମାନଙ୍କୁ ନିୟମିତ ସମୀକ୍ଷା ଓ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ସାର ଚୋରା ଚାଲାଣ କରାଯାଉଥିବା ଧରା ପଡ଼ିଲେ, ସେ କ୍ଷେତ୍ରରେ ଏହାକୁ କେବଳ ଜବତ କରି ସିଲ କଲେ ହେବ ନାହିଁ, ଏହାକୁ ସୁବ୍ୟବସ୍ଥିତ କରି ଯେପରି ସାର ଉଦ୍ଦିଷ୍ଟ ଚାଷୀମାନେ ପାଇବେ, ତାହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବେଆଇନ୍ ସାର ମହଜୁଦକାରୀ ଏବଂ ଚୋରା ଚାଲାଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସାର କମ୍ପାନୀମାନଙ୍କରୁ ଓଡ଼ିଶାର ବିଭିନ୍ନ ରେକ୍ ପଏଣ୍ଟ (ରେଳ ପରିବହନ) ପଏଣ୍ଟରେ ପହଞ୍ଚିବାକୁ ଥିବା ସାରର ସ୍ଥିତି ଏବଂ ଆସନ୍ତା ସପ୍ତାହ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ଏହାର ଉପଲବ୍ଧତା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରାଯାଇଥିଲା ।

ସାରର ଉପଲବ୍ଧତାକୁ ଦୃଷ୍ଟିରେ ରଖି ତଥା ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ଅନୁସାରେ ପାକ୍ସ ଓ ଲାମ୍ପସମାନଙ୍କୁୟୁରିଆ ସାର ଯୋଗାଣ ଏବଂ କୃଷକମାନଙ୍କ ଜମି ସୂଚନା ଅନୁସାରେ ସାର ଆବଶ୍ୟକତା ଅନୁସାରେ ପ୍ରଦାନ କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ସାର କମ୍ପାନୀ ଓ ମାର୍କଫେଡ୍ ପାଖରେ ଯଥେଷ୍ଟ ସଂଖ୍ୟକ ସାର ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି । ଯଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜରୁରୀ ଆବଶ୍ୟକତା ପୂରଣ କରାଯାଇ ପାରିବ । ଅନ୍ୟପକ୍ଷରେ ଆଗାମୀ ଖରିଫ ପାଇଁୟୁରିଆ ସାରର ଆବଶ୍ୟକତା କେତେ ରହିବ, ତାହା ଚାଷରତୁ ପୂର୍ବରୁ ଆକଳନ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

## ବଜ୍ରପାତରେ...

ଥିବା ବେଳେ ହଠାତ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା ।ପୂଜା ମଣ୍ଡପ ଉପରେ କେବଳ ଜରି ପାଲ ଟଣା ଯାଇଥିଲା । ହଠାତ ପୂଜା ସ୍ଥଳୀ ନିକଟରେ ବଜ୍ରପାତ ଯୋଗୁଁ ଉପସ୍ଥିତ ସମସ୍ତେ ଛିଟିକି ହୋଇ ପଡ଼ି ଥିଲେ । ୩୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଚେତ ହୋଇ ପଡିଥିଲେଛ ଉପସ୍ଥିତ ଅନ୍ୟ ସୁସ୍ଥ ଗ୍ରାମବାସୀ ଅସୁସ୍ଥ ମାନଙ୍କୁ ଗାଡ଼ି ଦ୍ୱାରା ନିକଟସ୍ଥ ଛେଣ୍ଡିପଦା, କୋଶଳା ଓ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ବ୍ୟବସ୍ଥା କରିଛନ୍ତି । ରମା ସାହୁ (୫୦) ନାମକ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ।

## ଜିଏସ୍‌ଟି...

ପୋଷାକ, ଟେଲିଭିଜନ, ଫ୍ରିଜ୍, ମୋବାଇଲ ଫୋନ, ପାୱାର ବ୍ୟାଙ୍କ ଓ ସୋଲାର ପ୍ୟାନେଲରେ ଥିବା ଆର୍ଥିକ ବୋଝ ହଟିବ। ମଧ୍ୟବିତ ପରିବାରମାନଙ୍କର ହାତରେ ଅଧିକ ଅର୍ଥ ସଂଚୟ ପାଇଁ ରହିବ। ଏହି ଅର୍ଥକୁ ଜମାକରି ବିଭିନ୍ନ କ୍ଷେତ୍ରରେ ନିବେଶ କରିପାରିବେ। ଗ୍ରାମାଞ୍ଚଳ ଓ ସାଧାରଣ ଉପଭୋକ୍ତାଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚିବା ଦରକାର। ଦଳ ଓ ସରକାର ଏହାକୁ ନେଇ ବ୍ୟାପକ ପ୍ରଚାର କରିବେ। ଗତ ୧୧ ବର୍ଷ ହେଲାଣି ଉତ୍ପାଦନ କ୍ଷେତ୍ର ୬ ଗୁଣା ଓ ରପ୍ତାନୀ ୮ ଗୁଣା ବଢ଼ିଛି। ୨୫ ଲକ୍ଷ ଲୋକ ଏବେ ଶିଳ୍ପରେ ଚାକିରି ପାଇଛନ୍ତି। ଏବେ ଭାରତରେ ମୋବାଇଲ ଫୋନ, ବ୍ୟାଟେରୀ, ଚିପ୍ସ, ସେମିକଣ୍ଡକ୍ଟର, ଉତ୍ପାଦନ ହେଉଛି। ସବୁ ଶିଳ୍ପ ସଂସ୍ଥା ଗୁଡିକ ଜିଏସଟିର ସୁବିଧା ସିଧାସଳଖ ଉପଭୋକ୍ତାଙ୍କୁ ଦିଅନ୍ତୁ। ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ ଲୋକଙ୍କ ସୁବିଧା ନମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆତ୍ମନିର୍ଭର ଭାରତ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି।

## ଆପୋଷ...

ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କ ହସ୍ତକ୍ଷେପ ପରେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦୁଇଥର ଆଲୋଚନା ହୋଇଛି। ଅଗଷ୍ଟ ୩୦ରେ ନୂଆଦିଲ୍ଲୀରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ଗତକାଲି ମଧ୍ୟ ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ଟେକ୍ନିକାଲ ଟିମ୍ ମଧ୍ୟରେ ଆଲୋଚନା ହୋଇଛି। ରାଜନୈତିକ ସହଯୋଗ, ବୈୟିକ ଆଲୋଚନା ଓ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ଦୀର୍ଘଦିନ ବିବାଦର ଏକ ନ୍ୟାୟପୂର୍ଣ୍ଣ ଓ ସ୍ଥାୟୀ ସମାଧାନର ପ୍ରଶ୍ନ ପ୍ରସ୍ତୁତ କରିବ। ଗତକାଲି ଉଭୟ ଓଡ଼ିଶା ଓ ଛତିଶଗଡ଼ର ସର୍ବୋଚ୍ଚ ଯନ୍ତ୍ରଙ୍କ ମଧ୍ୟରେ ଆଲୋଚନା କରାଯାଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଆଲୋଚନା ଜାରି ରହିଛି। ପୂର୍ବ ସରକାର ସମାଧାନ ନେଇ କିଛି ପଦକ୍ଷେପ ନେଇ ନଥିଲେ। ଜଳ ବିବାଦର ସମାଧାନ ଟ୍ରିବୁନାଲରେ ହୋଇନାହିଁ। ଯଦି ବିବାଦ ସମାଧାନ ନହୁଏ ପ୍ରକଳ୍ପ ପାଇଁ ସିଡବ୍ଲ୍ୟୁସିର ସ୍ୱୀକୃତି ମିଳିବ ନାହିଁ।

## ମନ୍ତବ୍ୟକୁ...

ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଓ ସକରାତ୍ମକ ଆକଳନକୁ ଗମ୍ଭୀରତାର ସହ ସ୍ୱିକାର କରୁଛି । ଏହାକୁ ପୂର୍ଣ୍ଣ ସମର୍ଥନ କରୁଛି । ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ସ୍ୱତନ୍ତ୍ର ସମ୍ପର୍କ ରହିଛି ଆମେ ସର୍ବଦା ବନ୍ଧୁ । ଭାରତ ଓ ଆମେରିକା ମଧ୍ୟରେ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ପର୍କ ରହିଛି । ଏଥି ପାଇଁ କୌଣସି ବିବ୍ରତ ହେବାର ନାହିଁ । ଭାରତ ସହ ବାଣିଜ୍ୟକ କଥାବାର୍ତ୍ତା ଭଲ ଭାବରେ ଚାଲିଛି । ସୂଚନାଯୋଗ୍ୟ ରୁଷରୁ ଭାରତ ତେଲ କିଣିଥିବା ପ୍ରତିବାଦରେ ଆମେରିକା ଭାରତରୁ ରପ୍ତାନୀ ହୋଇଥିବା ସାମଗ୍ରୀ ଉପରେ ୫୦% ଟିକସ ଲଗାଇଛନ୍ତି । ଯାହା ବ୍ରାଜିଲ ଠାରୁ ଅଧିକ । ଭାରତ ଏଭଳି ନିଷ୍ପତ୍ତିକୁ ସଠିକ୍ ନୁହେଁ ବୋଲି ଦର୍ଶାଇବା ସହ ଏହା ଅନ୍ୟାୟ ବୋଲି ମତ ଦେଇଥିଲା । ନିକଟରେ ପ୍ରଧାନମନ୍ତ୍ରୀ ସାଙ୍ଘାଇ ସହଯୋଗ ସଂଗଠନ (ଏସସିଓ) ସମିଟରେ ଯୋଗଦେଇଥିଲେ । ଚୀନରେ ହୋଇଥିବା ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଚୀନ୍ ରାଷ୍ଟ୍ରପତି ଜିଙ୍ଗପିଙ୍ଗ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ତାଙ୍କ ଘନିଷ୍ଠତା ବଢ଼ାଇଥିଲେ । ୩ ରାଷ୍ଟ୍ରର ଏହି ସର୍ବୋଚ୍ଚ ନେତାମାନେ କର ମର୍ଦ୍ଦନ କରିବାରେ ଵିଡ଼ିଓ ଭାଇରାଲ ହୋଇଥିଲା । ଏହାପରେ ଗତକାଲି ଟ୍ରମ୍ପ କହିଥିଲେ ଯେ ଚାଇନା ନିକଟରେ ଆମେ ଭାରତକୁ ହରାଇଲୁ । ଆଜି ସେ ଏହି ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି । ସେ ଏଭଳି ବିଶ୍ୱାସ କରନ୍ତି ନାହିଁ । ରୁଷିଆର ଅତ୍ୟଧିକ ତେଲ କିଣୁଥିବା ହେତୁ ସେ ଅସୁଖୀ ଥିଲେ । ଏଥିଲାଗି ଆମେ ଅତ୍ୟଧିକ ଟାରିଫ୍ ଲଗାଇଛୁ । ମୋଦିଙ୍କ ସହ ମୋର ଭଲ ସମ୍ପର୍କ ରହିଛୁ । କିଛି ମାସ ତଳେ ସେ ଏଠାକୁ ଆସିଥିଲେ । ଆମେ ଉଭୟ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କହିଥିଲୁ ।

## ଆଜି...

ଦୃଷ୍ଟିରେ ରଖି ରାତି ୨ଟାରେ ଦ୍ୱାର ଫିଟା ନୀତି ଆରମ୍ଭ ହେବ । ଚନ୍ଦ୍ର ଗ୍ରହଣ ଆରମ୍ଭ ହେବାର ୯ ଘଣ୍ଟା ପୂର୍ବରୁ ସୂତକ ଲାଗିବ । ସୂତକ କାଳରେ କୌଣସି ଧାର୍ମିକ କାର୍ଯ୍ୟ ହେବନାହିଁ । ଚନ୍ଦ୍ର ଗ୍ରହଣ ରାତି ୯.୫୮ ମିନିଟ୍‌ରେ ଆରମ୍ଭ ହୋଇ ୧.୨୬ ମିନିଟ୍ ପର୍ଯ୍ୟନ୍ତ ଲାଗି ରହିବ । ସ୍ଥାନୀୟ ଗ୍ରହଣ ଅବଧି ୩ ଘଣ୍ଟା ୨୮ ମିନିଟ୍ ୨ ସେକେଣ୍ଡ ରହିବ । ଚନ୍ଦ୍ର ଗ୍ରହଣର ଉପଛାୟା ପ୍ରଥମ ସ୍ପର୍ଶ ରାତି ୮.୫୯ ମିନିଟ୍‌ରେ ହେବ । ପ୍ରଛାୟ ପ୍ରଥମ ସ୍ପର୍ଶ ରାତି ୯.୫୮ ମିନିଟ୍‌ରେ ହେବ । ରାତି ୧୨.୪୨ ମିନିଟ୍‌ରେ ଗ୍ରାସ ଗ୍ରହଣ ପ୍ରାରମ୍ଭ ରାତି ଆରମ୍ଭ ହେବାକୁ ଥିବାବେଳେ ଗ୍ରାସ ସମାପ୍ତି ରାତି ୧୨.୨୨ ମିନିଟ୍‌ରେ ହେବ । ଅନ୍ତିମ ପ୍ରଛାୟା ସ୍ପର୍ଶ ରାତି ୧.୨୬ ମିନିଟ୍‌ରେ ହେବାକୁ ଥିବାବେଳେ ଉପଛାୟା ଅନ୍ତିମ ସ୍ପର୍ଶ ଭୋର ୨.୨୪ ମିନିଟ୍‌ରେ ହେବ । ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ବ୍ୟବସ୍ଥା ହୋଇଛି । ଭୋର ୩ଟାରେ ତଡପ ଲାଗି, ୩.୩୦ରେ ଅବକାଶ ଓ ରୋଷ ହୋମ କରାଯିବା ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ୫ ରୁ ୬ଟା ମଧ୍ୟରେ ସକାଳ ଧୂପ ସମ୍ପନ୍ନ ହେବ । ସକାଳ ୬.୧୫ରେ ମଇଲମ, ୭.୩୦ରେ ଭୋଗ ମଣ୍ଡପ ଶେଷ ହୋଇ ସକାଳ ୮ ରୁ ୯ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବ । ସକାଳ ୯.୩୦ରେ ଦକ୍ଷିଣୀଘର ଭୋଗ, ୮.୩୦ ରୁ ୧୦.୩୦ ମଧ୍ୟରେ ଭୋଗ ମଣ୍ଡପ, ମଇଲମ ନୀତି ହେବାସହ ୧୧.୧୫ରେ ସନ୍ଧ୍ୟା ଆରତୀ ହେବ । ୧୧.୩୦ରେ ଦୋଳଗୋବିନ୍ଦ ଭିତରକୁ ବିଜେ କରିବା ସହ ୧୧.୪୫ରେ ଆଜ୍ଞାମାଳ ପାଇ ପାଲଙ୍କିକୁ ବିଜେ କରିବେ ।

**AFFIDAVIT**

I, Aiswarya Hota, aged about 30 years, D/o - Sibadarshan Kumar Hota, resident of Plot No. 1037, Kunjapatana Sahi, Old Town, P.S.- Shree Lingaraj, Bhubaneswar-751002, Dist- Khordha, Odisha, do hereby solemnly affirm and state as follows:- In my CBSE Board Certificate my father's name wrongly mentioned as Sibadarsan Kumar Hota by virtue of affidavit No. 123, dtd. 06.09.2025 executed before Executive Magistrate Bhubaneswar my father's name has been corrected as Sibadarshan Kumar Hota.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 18.08.2025. I Manisha Singh, D/o Binod Singh, permanent resident of At- Budha Nagar, PWD Store, Bhubaneswar, Dist-Khordha, Odisha-751006 declare that I have changed my name from Manisha Singh to Mansha Singh. Henceforth, I shall be known as Mansha Singh for all purposes.

Mansha Singh
(Applicant Name)

O-691
GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
TENDER CALL NOTICE
BID IDENTIFICATION NO. ONLINE-EERKL-07 of 2025-26

| | | |
|---|---|---|
| 1. | Name of the Work | : Building Works |
| 2. | Total No. of works | : 11 (Eleven) Nos. |
| 3. | Estimated Cost | : Rs. 2.67 to 4.45 Lakhs |
| 4. | Class of Contractor | : "D" & "C" Class |
| 5. | Period of Completion | : 03 (Three) Months. |
| 6. | Type of Tender | : Single Cover |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II Sundargarh | Online-EERKL-07 of 2025-26 | 08.09.2025 from 10.00 AM | 16.09.2025 upto 05.00 PM | 15.09.2025 upto 5.00 PM | 18.09.2025 at 1100 AM |

Further details can be seen from the website www.tendersorissa.gov.in & for more information please visit the office.
OIPR : 25193/11/0084/2526
Sd/- Executive Engineer, R.W. Division-II, Sundargarh

Government of Odisha
"e" procurement Notice
Bid Identification No. PWDK- 13/2025-26
B - 473
No. G2/ 7989 Dt. 30.08.2025
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work | : 01 No of Road Work. |
| 2 | Estimated cost | : Rs. 68.35 Lakh |
| 3 | Period of completion | : 03 (Three) Calendar Months |
| 4 | Date and Time of availability of Bid document in the portal | : From 10.00 Hr 08.09.2025 to 17.00 HR of 23.09.2025 |
| 5 | Last date / Time for receipt of bids in the portal | : 17.00 Hr of 23.09.2025. |
| 6 | Date of opening of Bid from Portal | : 10.30 Hr of 24.09.2025. |
| 7 | Name and address of the officer inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Superintending Engineer
Keonjhar (R&B) Division
OIPR : 34004/11/0036/2526

C-1014
email:kesinganac@gmail.com
NOTIFIED AREA COUNCIL, KESINGA
KALAHANDI (ODISHA), PIN-766012
"e" PROCUREMENT NOTICE
Bid Identification No. 2379 / NAC(K) Dt. 04.09.2025

Bid document consisting of work, estimated cost, cost of tender paper, EMD and time of completion, Class of contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | |
|---|---|---|
| Name of the work (Tender Id-2025_ORULB_117678_1) | : | Preparation of Comprehensive Drainage Master Plan and DPR for Storm Water Drainage System of NAC Kesinga in the district of Kalahandi, Odisha. |
| Total No. of work | : | 1 (one) |
| Tender Reference No. | : | KSNG-NAC-03/2025-26 |
| Approx. value of work | : | |
| Period of Completion | : | As per DTCN |
| Period of availability of tender for online Bidding | : | From 06.09.2025 at 10.00 A.M. to 06.10.2025 up to 05.00 P.M. |
| Date & Time of opening | : | 14.10.2025 at 11.00 A.M. |
| Name and address of the officer inviting Bid | : | Executive Officer NAC Kesinga |

Further details can be seen from the website : www.tendersodisha.gov.in
Sd/- Executive Officer
N.A.C., Kesinga
OIPR : 13109/11/0042/2526

B-494
GOVERNMENT OF ODISHA
SUPERINTENDING ENGINEER,
BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
Letter No. 4224 dtd. 04.09.2025
Bid Identification No. SE (R & B)-BDH 11/2025-26

| | | |
|---|---|---|
| 1) | Number of work | : 01 (One) No. of Civil work (Double Cover) |
| 2) | Estimated Cost | : 97.80 lakhs |
| 3) | Period of Completion | : 01 (One) month. |
| 4) | Date & Time of availability of Bid documents in the portal | : From 08.09.2025, 10.00 AM to 18.09.2025, 5.00 PM |
| 5) | Last date/time for seeking of Tender Clarification | : 18.09.2025 up to 1.00 P.M |
| 6) | Last date / time for receipt of bids in the portal | : up to 5.00 P.M. of dated 18.09.2025 |
| 7) | Date & time of opening of tender /Bid | : 19.09.2025 at 11.30 A.M |
| 8) | Name and address of the O.I.T. | : Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in
Superintending Engineer,
Boudh (R&B) Division, Boudh
OIPR : 34134/11/0025/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
OFFICE OF THE SUPERINTENDING ENGINEER, M I. DIVISION, ANANDAPUR
AT/P.O: - Salapada, Dist- Keonjhar, Pin Code- 758020
A-579
E-mail ID : mianandapur@yahoo.co.in
eemidanandapur@gmail.com
e- Procurement Notice
Bid Identification No.- 08 / MIDA / 2025-26
E-mail ID : mianandapur@yahoo.co.in

The Superintending Engineer Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Construction of New Check Dam under Ghatagaon block under MATY scheme |
| No. of Works | : | 02 (Two) Nos only |
| Estimated Cost | : | Varies from 40.87 lakhs to 45.40 lakh (Approximately) |
| Cost of Tender Paper | : | 6000/- (Non-refundable) |
| Period of Completion | : | 6 (Six) Calendar months |
| Availability of bid documents for sale and receipt through on-line | | From dt. 09.09.2025, 10.00 A.M, to dt. 18.09.2025, up to 5.00 P.M. |
| Last date / time of receipt of bids in the portal | : | 18.09.2025 (5.00PM) |
| Date of Technical bid opening through online | : | On dt.19.09.2025 at 10.00 A.M in the Office of the S.E, M.I. Division, Anandapur. |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible digital signature certificate (DSC) |
| The detail tender call notice can also be seen in the DOWR web site http:/dowrorissa.gov..in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur. At / P.O / District - Keonjhar., Email ID:mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in
Superintending Engineer,
M.I. Division, Anandapur
OIPR : 32108/11/0034/2526

Phone No 06821-241026 (O)/241079(R) Fax No-06821-241026/240056
O-698
e-mail: eerwss_bnj@nic.in-eerwssbnj2009@gmail.com
OFFICE OF THE SUPERINTENDING ENGINEER,
RWS&S DIVISION, BHANJANAGAR-761126
Govt of Odisha "e" Procurement Notice
Bid Identification No. E.E. RWS&S 16/2025-26

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover system according to the norm of "e" Procurement system in online mode in Ganjam District from the eligible contractors as per DTCN.
2. Nature of Work: Pipe Water Supply in different Village under RWS&S Division, Bhanjanagar in the Ganjam District

| | | |
|---|---|---|
| 3. | Nos. of Tender | : 04 |
| 4. | Tender Cost | : Rs 16.90 Lakh to 31.72 Lakh |
| 5. | Tender Paper Cost | : Rs. 6000/- |
| 6. | Class of Contractor | : D, C & B |
| 7. | Date and Time of Availability of bid document in the portal | : Dt. From 11.00AM on 08.09.2025 to 5.00 PM on 19.09.2025 |
| 8. | Date of Opening of Bid | : Dt. 20.09.2025 at 11.00 AM |
| 9. | Period of completion | : 90 (Ninety) days to 180 (One hundred eighty) days |

10. The bidders have to participate in online bidding only. Further details can be seen from the website https://tendersorissa.gov.in

Sd/- Executive Engineer
RWS&S Division, Bhanjanagar
OIPR : 25021/11/0019/2526

A-585
GOVERNMENT OF ODISHA : OFFICE OF THE SUPERINTENDING ENGINEER
MINOR IRRIGATION DIVISION, PADAMPUR,
E-mail : eemipad@yahoo.com
Ph. No. 06683-223418
e- PROCUREMENT NOTICE
BID IDENTIFICATION No: SEMIDPDP_02/2025-26
No- 1780 Date-03.09.2025

The Superintending Engineer, Minor Irrigation Division, Padampur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction Work |
| No. of works | : | 07(Seven) Nos Minor Irrigation Projects. |
| Estimated cost | : | From Rs 11.19 lakh to Rs. 74.47 lakh |
| Tender paper cost | : | Rs 6000.00 to 10000.00 |
| Period of completion : Class of Contractor | : | 3 to 6 (Three to Six) Calendar months. "D" & "C" , "B" |
| Availability of bid documents | : | From 10.09.2025(11.00 AM) to 24.09.2025 up to (5.00 PM) through On- Line in website (www.tendersorissa.gov.in) |
| Period of Receipt of bid through on Line | : | From 10.09.2025(11.00 AM) to 24.09.2025 up to (5.00 PM) through On- Line. |
| Mode of Payment | : | Online. |
| Date of opening of Bid documents/ Technical Bid | : | 25.09.2025 (11.00 AM onwards)in the Office of the S.E, M.I. Division, Padampur. |
| Date of opening of Financial Bid | : | 08.10.2025 (11.00 AM onwards)in the Office of the S.E, M.I. Division, Padampur. |
| Date of Lottery (If required) | : | 10.10.2025 10.30 A.M. onwards |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website | : | http://dowrorissa.gov.in |
| Name & Address of the OIT | : | O/o The Superintending Engineer, MI Division, : Padampur Dist- Bargarh : PIN-768036 |
| Further details can be seen from the E-Procurement website. | : | https://tendersodisha.gov.in |

Note : Corrigendum / Addendum / Modifications / Additions if any can be seen through on-line only.
OIPR : 32037/11/0016/2526
Sd/- Superintending Engineer, M.I. Division, Padampur

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଓଡ଼ିଶାର କଂସା ଶିଳ୍ପ ଐତିହ୍ୟଉପରେ ରଚିତ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚିତ

# କଂସା ଶିଳ୍ପର ସଂରକ୍ଷଣ ଓ ପ୍ରସାର ପାଇଁ ହୋଇଥିବା ଉଦ୍ୟମକୁ ପ୍ରଶଂସା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଏମଜିଏମ୍ ଫାଉଣ୍ଡେସନ୍ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ ଡିଜାଇନ୍ ଷ୍ଟୁଡିଓ (ବିଇଏଡ଼ିଏସ୍) , ପକ୍ଷରୁ ପ୍ରସ୍ତୁତ"କଂସା : ପରମ୍ପରା ଗଠନ, ଭବିଷ୍ୟତରୂପରେଖ " ନାମକ ଏକ ଗବେଷଣାତ୍ମକ ପୁସ୍ତକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି, ଯାହା ଓଡ଼ିଶାର ସମୃଦ୍ଧ କଂସା ଶିଳ୍ପ ଐତିହ୍ୟକୁ ପ୍ରଦର୍ଶିତ କରୁଛି । ଏହି ପୁସ୍ତକ, ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ ) ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀରଗବେଷଣାକୁ ପ୍ରତିପାଦିତ କରିଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ଏମଜିଏମର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି କଂସା ଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ କାରିଗରମାନଙ୍କୁ ସମ୍ମାନିତ କରିଥିଲେ । ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଉପଲବ୍ଧ ଏହି ପୁସ୍ତକରେଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି,



ଯାହା ଗବେଷକ ଓ ଫେଲୋମାନଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ପାଞ୍ଚ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ଆଧାରିତ ।

ଓସିଓ ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪ -୨୫ ଏକ ବହୁବିଷୟକ ଦଳକୁ ଏକତ୍ରିତ କରିଛି ଯେଉଁଥିରେ ଅନ୍ତର୍ଭୁକ୍ତ ଅଛନ୍ତି ଗବେଷଣା ଫେଲୋ ବିଲାଶ ସର୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ୍ ସେନ୍ ଗୁପ୍ତଙ୍କ ବିଶେଷଜ୍ଞ କ୍ୟୁରେସନ ଅଧୀନରେ ଏହା କରାଯାଇଛି । ସେମାନଙ୍କର ସମ୍ପୂର୍ଣ୍ଣ ଗବେଷଣା ଓଡ଼ିଶାର କଂସା ଶିଳ୍ପ ପରମ୍ପରାର ସବୁଠାରୁ ବ୍ୟାପକ ସମସାମୟିକ ଦସ୍ତାବେଜୀକରଣ

## ସମ୍ମାନିତ ହେଲେ ରାଜ୍ୟର ପ୍ରମୁଖ କଂସା କାରିଗର

ସୃଷ୍ଟି କରିଛି ।

ବିଶିଷ୍ଟ କଳାକାର ଓ କ୍ୟୁରେଟର ବୋଷ କୃଷ୍ଣମାଚାରୀ ଏହାକୁ ରଚନା କରିଛନ୍ତି । ଏହି ପୁସ୍ତକ କେବଳ କଂସା ତିଆରିର ଜଟିଳ ବୈଷୟିକ ପ୍ରକ୍ରିୟାକୁ ନୁହଁ, ବରଂ ଶିଳ୍ପର ବ୍ୟାପକ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗକୁ ମଧ୍ୟ ଆଲୋକପାତ କରୁଛି । ଏହି ଦସ୍ତାବିଜ୍ଞୀକରଣରେ ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱ, ଅନୁଗୁଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଓ ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ଏହି ଚିରକାଳୀନ ପରମ୍ପରାକୁ ବଜାୟ ରଖିବା ଓ ନବୀକରଣ କରୁଥିବା ମାଷ୍ଟର କାରିଗରମାନଙ୍କୁ ସମ୍ମାନିତ କରାଯାଇଛି । ଏହି ସ୍ୱୀକୃତି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ କାରିଗରମାନେ ପାଳନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱ ଦେଉଛି । ଏହି ପ୍ରକାଶନ ଓଡ଼ିଶାର ବିବିଧ ଶିଳ୍ପ ପରମ୍ପରାକୁ ଦସ୍ତାବିଜ୍ କରିବା ଓ ପାଳନ କରିବା ପାଇଁ ବିଶିଷ୍ଟ କ୍ୟୁରେଟର ପ୍ରେମଜିଶ୍ ଆଚାରିଙ୍କ ଦ୍ୱାରା ଧାରଣା କରାଯାଇଥିବା ଅଭିଳାଷୀ ପଦକ୍ଷେପ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ର ପ୍ରଥମ ପ୍ରମୁଖ ଫଳାଫଳକୁ ଚିହ୍ନିତ କରୁଛି । ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅନୁଯାୟୀ, ଓଡ଼ିଶାରେ ୩୦ରୁ ଅଧିକ ବିଭିନ୍ନ ଶିଳ୍ପ ରହିଛି, ପ୍ରତ୍ୟେକ ଅନନ୍ୟ ପରମ୍ପରା ଓ ସାଂସ୍କୃତିକ ମହତ୍ତ୍ୱ ସହିତ ଯଡିତ । ଏମ୍ ଜି ଏମ୍ ଫାଉଣ୍ଡେସନ୍, ଏମ୍ ଜି ଏମ୍ ଗ୍ରୁପ ଓଡ଼ିଶାର ସାମାଜିକ ରୂପାନ୍ତରଣ ବିଭାଗ, ସ୍ୱାସ୍ଥ୍ୟସେବା, ଶିକ୍ଷା, କଳା, କ୍ରୀଡା, ଓ ଗ୍ରାମୀଣ ବିକାଶରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ସମାବେଶୀ ବୃଦ୍ଧି ଓ ସମ୍ପ୍ରଦାୟ ଉନ୍ନତି ପ୍ରୋତ୍ସାହନ କରୁଛି । ଏହି ଗବେଷଣାତ୍ମକ ପୁସ୍ତକ ଗବେଷକ, ନୀତି ନିର୍ମାତା, କାରିଗର, ଓ ସାଂସ୍କୃତିକ ଉତ୍ସାହୀମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି । ଏହି ଦସ୍ତାବେଜୀକରଣ ସ୍ଥାନୀୟ ଓ ବିଶ୍ୱବ୍ୟାପୀ ଉଭୟ ସ୍ତରରେ ଓଡ଼ିଶାର ଶିଳ୍ପ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି ।

# ଭୁବନେଶ୍ୱର ସାଇନ୍ସ ସିଟି ନିର୍ମାଣ ପାଇଁ ନିଆଯିବ ପରାମର୍ଶ: ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି । ଏଥିନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରୁଛନ୍ତି । ଗତ ସପ୍ତାହରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିହାର ଗସ୍ତ କରି ପାଟନା ସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ବିଜ୍ଞାନ ସିଟି ପରିଦର୍ଶନ କରିଥିଲେ । ଏଥିସହ ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ଆମ ରାଜ୍ୟରେ ଭୁବନେଶ୍ୱରରେ ୧୦୦ ଏକର ଯାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ସହିତ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଦ୍ଭାବନ ଓ ଶିକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଶିକ୍ଷା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ

# ଓକେସିଏଲ ଗୁରୁଦିବସରେ ନୂତନ କେନ୍ଦ୍ର ପଞ୍ଜୀକରଣ ପକ୍ରିୟା ୨୦୨୬ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଗୁରୁ ଦିବସ ଅବସରରେ, ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ) ଏହାର ପ୍ରମୁଖ ପଦକ୍ଷେପ ନୂତନ କେନ୍ଦ୍ର ପଞ୍ଜୀକରଣ ପକ୍ରିୟା ୨୦୨୬(ଏନ ସି ଆର ୨୦୨୬) ଆରମ୍ଭ କରିଛି, ଯାହାକୁ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଲ ଉନ୍ମୋଚନ କରିଛନ୍ତି । ଡକ୍ଟର ପୁଥାଲ ଏନ ସି ଆର ୨୦୨୬ କୁ " ଓକେସିଏଲ ସହିତ ସଂଯୋଗ ସ୍ଥାପନ କରିବା ଏବଂ ଓଡ଼ିଶାର ଡିଜିଟାଲ୍ ଶିକ୍ଷା ଏବଂ ସଶକ୍ତିକରଣ ମିଶନରେ ଯୋଗଦାନ ଦେବା ପାଇଁ ଉଭୟ ବିଦ୍ୟମାନ ଏବଂ ଆକାଂକ୍ଷୀ ଶିକ୍ଷା ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ" ଭାବରେ ବର୍ଣ୍ଣନା କରିଛନ୍ତି । ସେ ଆଲୋକପାତ କରିଥିଲେ ଯେ ଓକେସିଏଲ ଅଧିକୃତ ଶିକ୍ଷା କେନ୍ଦ୍ରମାନେ କେବଳ ନୂତନ ରାଜସ୍ୱ ସୁଯୋଗରୁ ଲାଭବାନ ହେବେ ନାହିଁ ବରଂ ଶିକ୍ଷା, ନିଯୁକ୍ତି ଏବଂ ଡିଜିଟାଲ୍ ସାକ୍ଷରତା ପ୍ରସାରରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବେ ।

ସାରା ଓଡ଼ିଶାରେ ପୂର୍ବରୁ ସକ୍ରିୟ ଥିବା ୭୭୪ ରୁ ଅଧିକ ଅଧିକୃତ ଶିକ୍ଷା କେନ୍ଦ୍ରସହିତ, ଓକେସିଏଲ ଏବେ ଏହି ବର୍ଷ ୧୦୦୦ ନୂତନ କେନ୍ଦ୍ରକୁ ସାମିଲ କରି ଏହାର ନେଟୱାର୍କ



ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ଏହି କେନ୍ଦ୍ରଗୁଡ଼ିକ ଓକେସିଏଲ ଠାରୁ ନିରନ୍ତର ତାଲିମ, ମାର୍କେଟିଂ ଏବଂ କାର୍ଯ୍ୟକ୍ଷମ ସହାୟତା ପାଇବା ସହିତ ଅନ୍ତରାଜାତୀୟ ସ୍ତରର ବିଭିନ୍ନ ଦକ୍ଷତା-ଆଧାରିତ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରସାର ଦିଗରେ କାର୍ଯ୍ୟ କରିବେ । ବିଭିନ୍ନ ଦକ୍ଷତା-ଆଧାରିତ କମ୍ପ୍ୟୁଟରପାଠ୍ୟକ୍ରମ ବ୍ୟତୀତ, ଓକେସିଏଲ ଇ-ଗଭର୍ଣ୍ଣାନ୍ସ ମନିଟରିଂ, ସରକାରୀ ଅଧିକାରୀଙ୍କ ତାଲିମ, ସ୍କୁଲ ଇ-କଣ୍ଟେଣ୍ଟ ବିକାଶ ଏବଂ ଅଲିମ୍ପିଆଡ୍ ଆନ୍ଦୋଳନ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନେଉଛି - ଡିଜିଟାଲ ପରିବର୍ତ୍ତନରେ ଅଗ୍ରଣୀ ଭାବରେ ଏହାର ଭୂମିକାକୁ ଆହୁରି ମଜବୁତ କରୁଛି ।

ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ) ହେଉଛି ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଅଧୀନରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଏକ ସ୍ୱତନ୍ତ୍ର ଅନୁଷ୍ଠାନ । ଏହା କମ୍ପ୍ୟୁଟର ସାକ୍ଷରତା, ଦକ୍ଷତା ବିକାଶ ଏବଂ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ ମାଧ୍ୟମରେ ଡିଜିଟାଲ୍ ବିଭାଜନକୁ ଦୂର କରିବା ଏବଂ ଲକ୍ଷ ଲକ୍ଷ ଶିକ୍ଷାର୍ଥୀଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

# ଗୁରୁ ଦିବାକର ଶତପଥୀଙ୍କୁ ବିଧାୟକ ଗୁରୁ ସମ୍ମାନରେ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): କଟକ ଜିଲ୍ଲା ବଡମ୍ବା ନରସିଂହପୁରର ଯୋଡୁମୁଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ଶତପଥୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ନିଜକୁ ଉତ୍ସର୍ଗ କରିଛନ୍ତି । ପବିତ୍ର ଗୁରୁ ଦିବସ ଅବସରରେ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ଭାବରେ ସେବା ଓ ସାଧନାର ସମ୍ମାନ ପାଇଁ ଶିକ୍ଷକ ଦିବାକର ଶତପଥୀଙ୍କୁ ବିଧାୟକ ଗୁରୁ ସମ୍ମାନ ୨୦୨୫ର "ଅରାଟ-ବୃହଦମ୍ବା ଶିକ୍ଷକ ଗୌରବ" ସମ୍ମାନରେ ମୁଖ୍ୟ ଅତିଥି କଟକ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟ ପୁରୋଧା ବଡମ୍ବା-ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, କଟକ ଜିଲ୍ଲାପାଳ



ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ, ଯୁଗ୍ମ ନିର୍ଦ୍ଦେଶକ ଓ.ସେ.ପା ଭୁବନେଶ୍ୱର ଡ. ସନ୍ତୋଷ କୁମାର ରାଉତ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବ୍ଲକ ଶିକ୍ଷାଧିକାରୀ ନରସିଂହପୁର ଲୋପାମୁଦ୍ରା ରାଉତରାୟ, ସଂଯୋଜକ କଳିଙ୍ଗ କେଶରୀ ପ୍ରଧାନ ସମ୍ମାନିତ କରିଛନ୍ତି । ଶିକ୍ଷକତା କରୁଥିବା ଗୁରୁଜୀ ଦିବାକର ଶତପଥୀ ଜ୍ଞାନର ଆଲୋକ ବର୍ତ୍ତିକାରେ ସ୍ଥାନୀୟ ଅଞ୍ଚଳକୁ ଗରିମାମୟ କରିଛନ୍ତି । ଦୁନିଆରେ ଏଭଳି କେହି ବ୍ୟକ୍ତି ନାହାଁନ୍ତି ଯାହାଙ୍କର ଗୁରୁଙ୍କ ବିନା ଜ୍ଞାନ ଉଦୟ ହୋଇଛି । ସେହିଭଳି ଜଣେ ଅଧ୍ୟୟନ ଓ ଅଧ୍ୟାପନାର ଦିଗ୍‌ବଳୟ ଓ ନିରଳସ ଶିକ୍ଷା କର୍ମଯୋଗୀ ହେଉଛନ୍ତି ଶିକ୍ଷକ ଦିବାକର ଶତପଥୀ ।

# ଯୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ତମାଣ୍ଡୋ ଓ କେଶୁରା ବାଏପାସ୍ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ତମାଣ୍ଡୋ ଓ କେସୁରା ବାଏପାସ୍ ଶାଖା ଉଦ୍‌ଘାଟିତ ହୋଇଯାଇଛି । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେ କୃଷ୍ଣ ଦାସ ଉଭୟ ଶାଖାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ତମାଣ୍ଡୋ ଶାଖାର ଶାଖା ମୁଖ୍ୟ ଜଗନ୍ନାଥ ସାହୁ ଏବଂ କେସୁରା ବାଏପାସ୍ ଶାଖାର ଶାଖା ମୁଖ୍ୟ ବିଷ୍ଣୁପ୍ରିୟା ନାୟକଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ।



ନୂତନ ତମାଣ୍ଡୋ ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୨ ତମ ଶାଖା ହୋଇଥିବା ବେଳେ କେସୁରା ବାଏପାସ୍ ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୩ ତମ ଶାଖା ଅଟେ । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତମାଣ୍ଡୋ ଓ କେସୁରା ବାଏପାସ୍ ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ହରେ କୃଷ୍ଣ ଦାସ ସୂଚନା ଦେଇଥିଲେ ।

# ଶ୍ରୀମନ୍ଦିରର ଅବ୍ୟବସ୍ଥା ସାଙ୍ଗକୁ ସମ୍ପତ୍ତି ଲୁଟ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ଭବନଠାରେ ମିଡ଼ିଆ ସେଲ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଦଳୀୟ ମୁଖପାତ୍ର ଜୟଶ୍ରୀ ପାତ୍ର ପାସ ବଣ୍ଟନ ଅବ୍ୟବସ୍ଥା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ । ମୁଖପାତ୍ର ଶ୍ରୀମତୀ ପାତ୍ର ଅଭିଯୋଗ କରିଛନ୍ତି ଯେ ଗତ ୨୦୨୫ ରଥଯାତ୍ରା ସମ୍ପର୍କରେ ଅତି ଗୁରୁତ୍ୱପୂର୍ଣ୍ଣ ଆରଟିଆଇ ତଥ୍ୟ ଅନୁସାରେ କର୍ଡନ ପାସ ୨୫୦୦, ଅନ୍ୟାନ୍ୟ ୨୨,୫୦୦ ସମୁଦାୟ ୨୪,୩୫୦ ପାସ ବଣ୍ଟନ କରା ଯାଇଥିଲା । ଯେଉଁ ଦଳ ବିରୋଧୀ ଦଳ ଥିବା ବେଳେ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବିରୁଦ୍ଧରେ ଚିତ୍କାର କରୁଥିଲା ସେଇ ଦଳ ସରକାରରେ ଆସିବା ପରେ ଧାଡି ଦର୍ଶନ ଲାଗୁ କରିବା ପାଇଁ ଅଣ୍ଟା ଭିଡିଛି । କିନ୍ତୁ ଧାଡି ଦର୍ଶନ ଏତେ ସହଜ ନୁହେଁ । ନୀତିକାନ୍ତି, ରଥଯାତ୍ରା ସମୟରେ ବ୍ୟାରିକେଡ଼, ରାଧା ମାଧବ ବିଜେ, ବୟସ୍କା ମାଆ ହବିଷ୍ୟାଳୀଙ୍କ ଧାଡିରେ ରହିବା, ଭିଡ଼ ପାଇଁ ମହାସ୍ନାନ, ଭୋଗ ଆଦିରେ ବ୍ୟାଘାତ ଆଦି ସମସ୍ୟା ଧାଡି ଦର୍ଶନରେ ସୃଷ୍ଟି ହେବ । ଏହାକୁ କମିଟି ଦୃଷ୍ଟି ରଖିଛି କି ବୋଲି ଶ୍ରୀମତି ପାତ୍ର ପ୍ରଶ୍ନ କରିଛନ୍ତି ।

ପିସିସିର ଅନ୍ୟତମ ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ଶ୍ରୀମନ୍ଦିର ଖଣି ଖାଦାନର କିପରି ଦିନ ଦ୍ୱିପ୍ରହରରେ ହରିଲୁଟ ହେଉଛି ଏହା ଉପରେ ଚାଞ୍ଚଲ୍ୟକର ତଥ୍ୟ ପରିବେଷଣ କରିଥିଲେ । ସାରା ଭାରତ ବର୍ଷରେ ମହାପ୍ରଭୁଙ୍କ ୬୨ ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି । ସେଥିମଧ୍ୟରୁ ଓଡ଼ିଶାରେ ୩୮ ହଜାର କୋଟି ଟଙ୍କାର ସମ୍ପତ୍ତି ଥିବା ସମସ୍ତେ ଜାଣିଛନ୍ତି । ତେବେ ଓଡ଼ିଶାରେ ଥିବା ସମ୍ପତ୍ତିର ପ୍ରାୟ ୩୦% କେବଳ ଖୋର୍ଦ୍ଧା ଏବଂ ପୁରୀରେ ଅଛି । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଜିଏସଟି ଉପରେ ନିଜ ଅଭିମତ ରଖିଥିଲେ ।

# ପୁସ୍ତକାଳୟିକା ରାଜଶ୍ରୀ ଦକ୍ଷିଣାକବାଟଙ୍କୁ 'ଓଡ଼ିଶା ରତ୍ନ' ସମ୍ମାନ

କଟକ (ସବ୍ୟୁ): ସେଣ୍ଟ୍ ଜେଭିଅର୍‌ସ୍ ହାଇସ୍କୁଲ୍, ବାରାବାଟି କଟକର ପୁସ୍ତକାଳୟିକା ଶ୍ରୀମତୀ ରାଜଶ୍ରୀ ଦଖିଣକବାଟଙ୍କୁ ପୁସ୍ତକାଳୟ ଓ ସୂଚନା ସେବା ମାଧ୍ୟମରେ ସ୍ୱତନ୍ତ୍ର ଅବଦାନ ପାଇଁ 'ଓଡ଼ିଶା ରତ୍ନ' ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚବର୍ଷ ପୂର୍ତ୍ତି ଅବସରରେ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପାଇଁ ସେଣ୍ଟର୍ ଫର୍ ଏଡୁକେସ୍‌ନାଲ୍ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ନୀତି ଆୟୋଗ ଓ ଭାରତ ଅଲମ୍ପିୟାଡ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଭୁବନେଶ୍ୱରର ଜୟଦେବ ଭବନରେ ଅନୁଷ୍ଠିତ ୧୭ତମ ଶିକ୍ଷା ସମ୍ମିଳନୀରେ ଓଡ଼ିଶାର ବହୁ ଉତ୍କୃଷ୍ଟ ଶିକ୍ଷକ ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା । ଏହା ସହିତ, ପ୍ରାକ୍-ପ୍ରାଥମିକଠାରୁ ବରିଷ୍ଠ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ୨୦ ଜଣ ସ୍କୁଲ୍ ଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟଅତିଥି ଭାବରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏକାମ୍ର ବିଧାୟକ ବାବୁ ସିଂହ ଏବଂ କଟକର ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ପୂର୍ବ ଓଡ଼ିଶାର ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସର ଅଧ୍ୟକ୍ଷ ଏବଂ ସିଇଡି ଫାଉଣ୍ଡେସନର ଡ. ପ୍ରିୟଦର୍ଶୀ ନାୟକ କାର୍ଯ୍ୟକ୍ରମ ଆୟୋଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।



ଓଡ଼ିଶାର ଯୁବପିଢ଼ିକୁ ଗଠନ କରିବାରେ ଗୁଣାତ୍ମକ ଶିକ୍ଷା ଏବଂ ଉତ୍ସର୍ଗୀକୃତ ଶିକ୍ଷକଙ୍କ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀମତୀ ଦଖିଣକବାଟ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପାଠାଧ୍ୟୟନ ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ, ପାଠ୍ୟପୁସ୍ତକ ସୀମାରୁ ପାର୍‌ହେଇ ଜ୍ଞାନକୁ ଅନୁସନ୍ଧାନ ଏବଂ ପୁସ୍ତକାଳୟକୁ ଜ୍ଞାନର ଏକ ସଜୀବ କେନ୍ଦ୍ରରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଶ୍ରୀମତୀ ଦାଖିଣକବାଟଙ୍କ ଏହି ସଫଳତା କେବଳ କଟକ ନୁହେଁ, ସମଗ୍ର ଓଡ଼ିଶାର ପାଇଁ ଗୌରବ ଓ ପରିଚୟ ଆଣିଦେଇଛି ।

# ସେଣ୍ଟର ଫର୍ ସାଇଟ ଭୁବନେଶ୍ୱର ପକ୍ଷରୁ ଆଡଭାନ୍ସଡ ରେଟିନାଲ ସର୍ଭିସର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ସୁପର-ସ୍ପେଶାଲିଟି ଆଇ ହସ୍ପିଟାଲ ଶୃଙ୍ଖଳା ସେଂଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲ୍ସ ପକ୍ଷରୁ ଭୁବନେନଶ୍ୱରରେ ଏହାର ଆଡଭାନ୍ସଡ ରେଟିନା ସେବାର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହା ଓଡିଶାରେ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ଏହି ଶୁଭାରମ୍ଭ ସମୟରେ ସେଣ୍ଟର ଫର୍ ସାଇଟ ପକ୍ଷରୁ ଭିଟ୍ରିଓରେଟିନାଲ ସର୍ଭିସ ପାଇଁ ଏହାର ସିନିଅର କନ୍‌ସଲ୍‌ଟାଣ୍ଟ ଭାବେ ଭାରତର ଅଗ୍ରଣୀ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି । ଭୁବନେଶ୍ୱରରେ ନୂଆ କରି ଉଦ୍‌ଘାଟିତ ରେଟିନା ୟୁନିଟ ଡାଇବେଟିକ ରେଟିନୋପାଥି, ରେଟିନାଲ ଡିଟାଚମେଂଟ, ଏଜ-ରିଲେଟେଡ ମାକ୍ୟୁଲାର ଡିଜେନେରେଶନ (ଏଆରଏମଡି), ମାକ୍ୟୁଲାର ହୋଲ୍ ଓ ଜଟିଳ ଭିଟ୍ରିଓରେଟିନାଲ ରୋଗ ଭଳି ଏକ ବିସ୍ତୃତ ଶୃଙ୍ଖଳାର ରେଟିନା ରୋଗର ନିଦାନ ଓ ଚିକିତ୍ସା କରିବା ପାଇଁ ସୁସଜ୍ଜିତ ରହିଛି । ନେକ୍ସଟ-ଜେନେରେଶନ ସର୍ଜିକାଲ ଓ ଇମେର୍ଜିଂ ଟେକ୍ନୋଲୋଜି ସହିତ ଏହି ସେଂଟର ରୋଗୀମାନଙ୍କ ପାଇଁ ଆଧୁନିକ ରେଟିନା ଚିକିତ୍ସା ଚିକିତ୍ସା କରାନଗଲେ ତାହା ଅପରିବର୍ତ୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ । ସେଂଟର ଫର୍ ସାଇଟ ଭୁବନେଶ୍ୱରରେ



ପାଇଁ ଓଡିଶା ବାହାରକୁ ଯିବାର ଆବଶ୍ୟକତାକୁ ଦୂର କରିଛି ।

ଏହି ଶୁଭାରମ୍ଭ ସମୟରେ ସେଂଟର ଫର ସାଇଟ, ଭୁବନେଶ୍ୱରର ଭିଟ୍ରିଓରେଟିନାଲ ସର୍ଭିସେସ ବିଭାଗର ସିନିଅର କନ୍‌ସଲଟାଣ୍ଟ ଡକ୍ଟର ସମର୍ଥ ମିଶ୍ର କହିଛନ୍ତି, "ରେଟିନା ସମ୍ବନ୍ଧିତ ରୋଗଗୁଡିକ ପ୍ରାୟତଃ ନୀରବରେ ଗମ୍ଭୀର ସ୍ଥିତି ଆଡକୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଏହି ଡେଡିକେଟେଡ ରେଟିନା ୟୁନିଟ ସହିତ ଓଡିଶାର ରୋଗୀମାନେ ଏବେ ସ୍ଥାନୀୟ ରୂପେ ଆଧୁନିକ ଡାଇଗ୍ନୋଷ୍ଟିକ ଓ ସର୍ଜିକାଲ କେୟାର ପାଇପାରିବେ । ଏହି ସମ୍ପ୍ରସାରଣ ସହିତ ସେଣ୍ଟର ଫର ସାଇଟ ଭାରତରେ ସୁଲଭ, ନୈତିକ ଓ ଉଚ୍ଚମାନର ଚକ୍ଷୁ ଚିକିତ୍ସା ପ୍ରଦାନ କରି ଲୋକମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏହାର ଲକ୍ଷ୍ୟକୁ ସୁଦୃଢ଼ କରିଛି ।

## କଂଗ୍ରେସର ସଂଗଠନ ଶ୍ରୀଜନ ଅଭିଯାନ

କଟକ, (ସବ୍ୟୁ) :କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ଆଜି ତୃତୀୟ ଦିନରେ ମଧ୍ୟ ସଂଗଠନ ଶ୍ରୀଜନ ଅଭିଯାନ ଅଧୀନରେ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ ତଳସ୍ତରରୁ ମତାମତ ସଂଗ୍ରହ କରିଥିଲେ । ଆଜି ବ୍ଲକ-୭, ବ୍ଲକ-୮ ଓ ବ୍ଲକ-୯ ଅନ୍ତର୍ଗତ ୨୦ଟି ୱାର୍ଡର ବରିଷ୍ଠ କଂଗ୍ରେସ ନେତା, କର୍ପୋରେଟର, ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ ସଭାପତି, ୱାର୍ଡ ସଭାପତି, ପୂର୍ବତନ ୱାର୍ଡ ସଭାପତି, ୱାର୍ଡ ମହିଳା କଂଗ୍ରେସ ସଭାନେତ୍ରୀ, ୱାର୍ଡ ଯୁବ କଂଗ୍ରେସ ସଭାପତି, ୱାର୍ଡ ଛାତ୍ର ସଭାପତି, କଂଗ୍ରେସ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକ ଏବଂ ଏସଏଚଜି ମହିଳା ଗୋଷ୍ଠୀଙ୍କ ପ୍ରତିନିଧିମାନେ ମିଳି ପାଖାପାଖି ୫୦୦ରୁ ଅଧିକ କର୍ମୀଙ୍କୁ ଭେଟି ଆଲୋଚନା କରି ମତାମତ ଗ୍ରହଣ କରିଛନ୍ତି ।

### ମହିଳା ଉଦ୍ୟୋଗୀମାନଙ୍କ ପାଇଁ

# ଭୋକାଲ୍-ଫର-ଲୋକାଲ ରିଟେଲ୍ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ "ଭୋକାଲ୍ ଫର ଲୋକାଲ" ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଓଡି ସୋସିଆଲ୍ ଓଡ଼ିଶାରେ ଏହାର ପ୍ରଥମ ପ୍ରକାରର ରିଟେଲ ଆଉଟଲେଟ୍ ଆରମ୍ଭ ହୋଇଛି । ଏହି ଅନନ୍ୟ ପଦକ୍ଷେପ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବ, ସେମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ଏକ ସାମୂହିକ ପ୍ଲାଟଫର୍ମ ପ୍ରଦାନ କରିବ ।ଏହି ଫ୍ଲାଗସିପ୍ ଷ୍ଟୋରଟି ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆରତୀ ଆହୁଜାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଯିଏ ମହିଳା ସଶକ୍ତିକରଣ ଏବଂ ସାମାଜିକ କାରଣ ପାଇଁ ତାଙ୍କର ଅବଦାନ ପାଇଁ ଜଣାଶୁଣା ଜଣେ ଦୂରଦୃଷ୍ଟିସମ୍ପନ୍ନ ଲିଡର । ଏହି ଅବସରରେ ଓଡ଼ିଶାର ଅନେକ ପ୍ରମୁଖ ମହିଳା ନେତ୍ରୀ ଯୋଗଦେଇ ଷ୍ଟାର୍ଟ-ଅପଗୁଡ଼ିକୁ ସେମାନଙ୍କର ଦୃଷ୍ଟିକୋଣ ଏବଂ ସ୍ୱପ୍ନ ଉପରେ କାମ କରିବାକୁ ଉତ୍ସାହିତ



କରିଥିଲେ ।

ଓଡି ସୋସିଆଲ୍ ଅନ୍ତର୍ଭୁକ୍ତିର ଦର୍ଶନ ଉପରେ ନିର୍ମିତ, ଯାହା ବିଭିନ୍ନ କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସ୍ଥାନ ପ୍ରଦାନ କରେ । କଳା, ହସ୍ତଶିଳ୍ପ, ବୟନଶିଳ୍ପ, ଅଳଙ୍କାର, ଗୃହ ସାଜସଜ୍ଜା, ଜୈବିକ ଉତ୍ପାଦ, ପୋଷାକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସାମଗ୍ରୀ, ସୌନ୍ଦର୍ଯ୍ୟ ଉତ୍ପାଦ, ଖାଦ୍ୟ, କର୍ପୋରେଟ୍ ଉପହାର, ସୌନ୍ଦର୍ଯ୍ୟ ସେବା ଏବଂ ଅନ୍ୟାନ୍ୟ । ଏହି ଉଦ୍ୟୋଗୀମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି ନବସୃଜନଶୀଳ ଏବଂ ଉଚ୍ଚମାନର ସାମଗ୍ରୀ ଉତ୍ପାଦନ କରୁଥିବା ଷ୍ଟାର୍ଟ-ଅପ୍ କିନ୍ତୁ ପ୍ରୋତ୍ସାହନ, ଦୃଶ୍ୟମାନତା ଏବଂ ବଜାର ସଂଯୋଗରେ ପ୍ରାୟତଃ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି । ଓଡି ସୋସିଆଲ ସେମାନଙ୍କୁ ଏକ ସଂରଚିତ ଖୁଚୁରା ଇକୋସିଷ୍ଟମରେ ପ୍ରବେଶ ପ୍ରଦାନ କରି ଏହି ବ୍ୟବଧାନକୁ ପୂରଣ କରିବ । ୨୦+ ରୁ ଅଧିକ ମହିଳା ଉଦ୍ୟୋଗୀ ପ୍ରାରମ୍ଭିକ ଲଞ୍ଚର ଅଂଶ, ଏବଂ ଏହି ସଂଖ୍ୟା ବର୍ଷ ବର୍ଷ ଧରି ବୃଦ୍ଧି ପାଇବାର ଆଶା କରାଯାଉଛି ଯାହା ତୃଣମୂଳ ମହିଳା ଉଦ୍ୟୋଗୀ ଏବଂ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ମଧ୍ୟ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ଦେବ । ଏହି ପଦକ୍ଷେପ ସୁକୀର୍ତ୍ତୀ ପଟ୍ଟନାୟକ ଦୃଷ୍ଟିକୋଣ ଏବଂ ସୋନିକା ପ୍ରଧାନଙ୍କ ସହଯୋଗ ରହିଛି । ଲଞ୍ଚ ବିଷୟରେ କହି, ଓଡି ସୋସିଆଲ ପ୍ରତିଷ୍ଠାତାମାନେ କହିଛନ୍ତି: " କେବଳ ଏକ ରିଟେଲ ଆଉଟଲେଟ ନୁହେଁ, ଏହା ଏକ ଆନ୍ଦୋଳନ । ଏହା ଓଡ଼ିଶାର ପ୍ରତିଭା, ପରମ୍ପରା ଏବଂ ସୃଜନଶୀଳତାରେ ଗର୍ବ ସୃଷ୍ଟି କରିବା ସହ ମହିଳା ଉଦ୍ୟୋଗୀଙ୍କୁ ଏକ ସାଧାରଣ ପ୍ଲାଟଫର୍ମ ଦେଇ, ଆମେ ସେମାନଙ୍କ ବ୍ୟବସାୟକୁ ସ୍ଥାୟୀ ଏବଂ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ କରିବାକୁ ଲକ୍ଷ୍ୟ ରଖିଛୁ ।

# ରାଷ୍ଟ୍ରପତି ମାକ୍ରନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫ୍ରାନ୍ସ ରାଷ୍ଟ୍ରପତି ମହାମହିମ ଶ୍ରୀ ଇମାନୁଏଲ୍ ମାକ୍ରନଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଉଭୟ ଆର୍ଥିକ, ପ୍ରତିରକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବିକାଶର ସମୀକ୍ଷା ଏବଂ ସକାରାତ୍ମକ ମୂଲ୍ୟାଙ୍କନ କରିଥିଲେ। ହରାଇଜନ୍ ୨୦୪୭ ରୋଡମ୍ୟାପ, ଇଣ୍ଡୋ-ପାସିଫିକ୍ ରୋଡମ୍ୟାପ୍ ଏବଂ ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ୍ ରୋଡମ୍ୟାପ୍ ଅନୁରୂପ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ନେତା ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ୟୁକ୍ରେନରେ ସଂଘର୍ଷର ଅନ୍ତ ଆଣିବା ଦିଗରେ ନିକଟରେ କରାଯାଇଥିବା ପ୍ରୟାସ ଉପରେ ସେମାନେ ମତ ବିନିମୟ କରିଥିଲେ। ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶୀଘ୍ର ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଲାଗି ଭାରତର ନିରନ୍ତର ସମର୍ଥନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ।



ଫେବୃଆରୀ ୨୦୨୬ ରେ ଭାରତ ଦ୍ୱାରା ଆୟୋଜିତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସଂକ୍ରାନ୍ତ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ଗ୍ରହଣ କରିଥିବାରୁ, ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଷ୍ଟ୍ରପତି ମାକ୍ରନଙ୍କୁ ଭାରତରେ ସ୍ୱାଗତ କରିବାକୁ ଅପେକ୍ଷା କରିଥିବା କହିଥିଲେ । ବିଶ୍ୱ ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ନେତା ଯୋଗାଯୋଗରେ ରହିବା ଏବଂ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସହମତ ହୋଇଥିଲେ।

# ମାଲବାହକ ରୋପୱେ ଖସିପଡ଼ିବାରୁ ୬ ମୃତ

ପଞ୍ଚମହଲ: ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାୱାଗଡ ପାହାଡ଼ରେ ଥିବା ମନ୍ଦିରରେ ନିର୍ମାଣ କାର୍ଯ୍ୟ ପାଇଁ ନିର୍ମିତ ରୋପୱେ ଭାଙ୍ଗିଯାଇଛି। ଏହି ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପଞ୍ଚମହଲ ଡିଏସପି ଡାକ୍ତର ହର୍ଷ ଦୁଧାତ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁକୁ



ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ଏହି ଦୁର୍ଘଟଣା ପାୱାଗଡରେ ଘଟିଛି। ଉଦ୍ଧାର କାର୍ଯ୍ୟ ଚାଲିଛି। ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

ସଦ୍ୟତମ ସୂଚନା ଅନୁଯାୟୀ, ପାୱାଗଡ ଦୁର୍ଘଟଣାରେ ୨ ଜଣ ଲିଫ୍ଟ ଅପରେଟରଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ହୋଇଛି। ଏହା ବ୍ୟତୀତ ଅନ୍ୟ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି। ପାହାଡ଼ ଉପରକୁ ନିର୍ମାଣ ସାମଗ୍ରୀ ନେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

# ଲାଲ କିଲ୍ଲାରୁ ସୁନା କଳସ ଚୋରି

ନୂଆଦିଲ୍ଲୀ: ଦିଲ୍ଲୀ ଲାଲକିଲ୍ଲା ପରିସରରୁ ଏକ ଆଶ୍ଚର୍ଯ୍ୟଜନକ ଚୋରି ଖବର ଆସୁଛି। ଲାଲକିଲ୍ଲା ବାହାରେ ଚାଲିଥିବା ଜୈନ ଧର୍ମର କାର୍ଯ୍ୟକ୍ରମରୁ କୋଟିକୋଟି ଟଙ୍କା ମୂଲ୍ୟର ହୀରା ଜଡିତ ସୁନା କଳଶ ଚୋରି ହୋଇଯାଇଛି। ଜାତୀୟ ରାଜଧାନୀର ଲାଲକିଲ୍ଲା ଏକ ହାଇ ସିକ୍ୟୁରିଟି ଜୋନ। ଏଠାରେ ପ୍ରାୟତଃ କଡ଼ା ସିକ୍ୟୁରିଟି ଥାଏ। ଏହା ସତ୍ତ୍ୱେ ଲାଲକିଲ୍ଲା ପରିସରରୁ ଚୋରମାନେ ସୁନା କଳଶ ଚୋରାଇ ନେଇଛନ୍ତି।

ଚୋରି ହୋଇଥିବା କଳଶର ଓଜନ ୭୫୦ ଗ୍ରାମ ଓ ଏହା ସୁଧ ସୁନାରେ ତିଆରି ହୋଇଥିଲା ବୋଲି କୁହାଯାଉଛି। ଏହି କଳଶରେ ୧୫୦ ଗ୍ରାମ ହୀରା, ମାଣିକ୍ୟ ଓ ପାନ୍ନା ଜଡିତ ହୋଇଥିଲା। ଏହି ଚୋରି ମାମଲା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ବ୍ୟବସାୟୀ ସୁଧୀର ଜୈନ ସବୁଦିନ ଭଳି ସେଦିନ ମଧ୍ୟ ପୂଜା ଲାଗି କଳଶ ନେଇ ଆସିଥିଲେ ଓ ସେହିଦିନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଲୋକସଭା ବାଚସ୍ପତି ଓମ ବିରଳା ମଧ୍ୟ ପହଞ୍ଚିଥିଲେ।

କୁହାଯାଉଛି ଓମବିରଳାଙ୍କ ସ୍ୱାଗତ କାଳରେ ଅଞ୍ଚଳ ଜନାରଣ୍ୟ ହୋଇ ପଡିଥିଲା ଓ ସେହି ଭିଡ ମଧ୍ୟରେ କେହି ସୁନା କଳଶ ନେଇ ପଳାଇଛି।





ଏହି ଘଟଣା ଗତ ମଙ୍ଗଳବାରର। ବ୍ୟବସାୟୀ ସୁଧୀର ଜୈନ କହିଛନ୍ତି ଯେ ଏହି କଳଶଟି ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ଓ ସେ ତାକୁ ଧାର୍ମିକ ଭାବନାରେ ଗଢେଇଥିଲେ। ସୁନା କଳଶ ଚୋରି ହୋଇଯାଇଥିବା ଜାଣିବା ପରେ ସେ ତୁରନ୍ତ ଦିଲ୍ଲୀ ପୋଲିସକୁ ସୂଚିତ କରିଥିଲେ। ପୋଲିସ ଅନୁସାରେ ଲାଲକିଲ୍ଲା ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାରେ ସନ୍ଦିଗ୍ଧର ଗତିବିଧି ରେକର୍ଡ ହୋଇଛି ଓ ଅଧିକାରୀମାନେ ସନ୍ଦିଗ୍ଧକୁ ଚିହ୍ନଟ ମଧ୍ୟ କରିଛନ୍ତି। ଜୈନ ସମୁଦାୟର ଏହି ଅନୁଷ୍ଠାନ ଲାଲକିଲ୍ଲାର ୧୫ ଅଗଷ୍ଟ ପାର୍କରେ ଆୟୋଜିତ ହେଉଛି ଓ ଏଠାରେ ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ସୁନା କଳଶ ଚୋରି ଘଟଣାରେ ଜୈନ ସମୁଦାୟ ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ସେମାନେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। ତେବେ ମାମଲାର ଗହନ ଯାଞ୍ଚ ହେଉଥିବା ପୋଲିସ ଆଶ୍ୱାସନ ଦେଉଛି। ଏହି ମାମଲା ଯାଞ୍ଚରେ ସାମିଲ ଜନୈକ ଅଧିକାରୀ କହିଛନ୍ତି ଯେ ସୁନା କଳଶ ଜବତ ନିମନ୍ତେ ଏବେ ଉଦ୍ୟମ ଜାରି ରହିଛି ଓ ଏଥିପାଇଁ ସନ୍ଦିଗ୍ଧକୁ ଧରିବାକୁ କେତେକ ଟିମ ଗଠନ ହୋଇଛି।

## ବିଡି-ବିହାର ବିବାଦ

# କଂଗ୍ରେସ ନେଲା ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ: ବିଡି-ବିହାର ବିବାଦକୁ ନେଇ ରାଜନୀତି ତେଜିବା ପରେ ଆଜି କେରଳ କଂଗ୍ରେସ ସ୍ୱୀକାର କରିଛି ଯେ ସୋସିଆଲ ମିଡିଆରେ ବିହାରକୁ 'ବିଡ଼ି' ସହିତ ଯୋଡିଥିବା ବିବାଦୀୟ ପୋଷ୍ଟ ସେମାନଙ୍କର ଏକ ବଡ଼ ଭୁଲ ଥିଲା। ଏହି ପୋଷ୍ଟ ରାଜନୀତିରେ ହଇଚଇ ସୃଷ୍ଟି କରିଥିଲା। ଦଳ ପୋଷ୍ଟଟିକୁ ହଟାଇ ଦେଇଛି ଏବଂ ସାର୍ବଜନୀନ ଭାବରେ କ୍ଷମା ମଧ୍ୟ ମାଗିଛି। ରିପୋର୍ଟ ଅନୁଯାୟୀ, ଏହି ବିବାଦ ମଧ୍ୟରେ କେରଳ କଂଗ୍ରେସର ସୋସିଆଲ ମିଡିଆ ମୁଖ୍ୟ ଭିଟି ବଳରାମ ଇସ୍ତଫା ଦେଇଛନ୍ତି।

କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି) ସଭାପତି ସନି ଯୋସେଫ ସ୍ୱୀକାର କରିଛନ୍ତି ଯେ ଏଭଳି ପୋଷ୍ଟ କରିବା ଏକ "ଭୁଲ ଏବଂ ଅବହେଳା" ଥିଲା। ଏକ ଟିଭି ଚ୍ୟାନେଲ ସହିତ କଥାବାର୍ତ୍ତା କରି ସେ କହିଛନ୍ତି ଯେ ଦଳର ସୋସିଆଲ ମିଡିଆ ଦଳ ସତର୍କ ନ ହୋଇ ପ୍ଲାଟଫର୍ମ ଏକ୍ସରେ ଏହାକୁ ପୋଷ୍ଟ କରିଥିଲା । ସନି ଯୋସେଫ କହିଛନ୍ତି, 'ପୋଷ୍ଟଟି ହଟାଇ ଦିଆଯାଇଛି। ଦାୟୀ ବ୍ୟକ୍ତି, ସୋସିଆଲ ମିଡିଆ ହ୍ୟାଣ୍ଡେଲର ଆଡମିନ ଏବଂ ଅପରେଟର, କ୍ଷମା ମାଗି ପୋଷ୍ଟଟିକୁ ହଟାଇ ଦେଇଛନ୍ତି। କଂଗ୍ରେସ ଏହାକୁ ସମର୍ଥନ କରେ ନାହିଁ।' ସନି ଯୋସେଫ ଏହା ମଧ୍ୟ କହିଛନ୍ତି ଯେ କେପିସିସିର ଡିଜିଟାଲ୍ ମିଡିଆ ସେଲ୍ ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ଭିଟି ବଳରାମଙ୍କ ସହିତ ଏହି ବିଷୟରେ ଆଲୋଚନା କରାଯାଇଥିଲା।




ଜିଏସଟି ହାରରେ ସମ୍ପ୍ରତି ପରିବର୍ତ୍ତନ ସମ୍ପର୍କରେ କେପିସିସିର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବିବାଦୀୟ ପୋଷ୍ଟ କରାଯାଇଥିଲା। ଏହି ପୋଷ୍ଟରେ ବିହାରକୁ ବିଡ଼ି (ତମାଖୁ ଭର୍ତ୍ତି ଜିନିଷ) ସହିତ ଯୋଡ଼ିବାକୁ ଚେଷ୍ଟା କରାଯାଇଥିଲା। ପୋଷ୍ଟରେ ଲେଖାଯାଇଥିଲା- 'ବିଡ଼ି ଏବଂ ବିହାର 'ବି' ରୁ ଆରମ୍ଭ ହୁଏ।

# ଦଶହରାରେ ଠାକରେ ମିଳନ

ମୁମ୍ବାଇ: ସମ୍ପ୍ରତି ମହାରାଷ୍ଟ୍ର ରାଜନୀତିରେ ସବୁଠାରୁ ବଡ଼ ଆଲୋଚନାର ବିଷୟ ହେଉଛି ଠାକରେ ଭାଇମାନଙ୍କ ସମ୍ଭାବ୍ୟ ପୁନର୍ମିଳନ । ଶିବସେନା (ଉଦ୍ଧବ ଗୋଷ୍ଠୀ) ମୁଖ୍ୟ ଉଦ୍ଧବ ଠାକରେ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେଙ୍କ ମଧ୍ୟରେ ସାକ୍ଷାତ ବୃଦ୍ଧି ପାଇଛି। ଏହା ରାଜନୈତିକ କରିଡରରେ ଏକ ନୂତନ ଚର୍ଚ୍ଚା ସୃଷ୍ଟି କରିଛି।

ନିକଟରେ ରାଜ ଠାକରେ ତାଙ୍କ ବଡ଼ ଭାଇ ଉଦ୍ଧବ ଠାକରେଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ପାଇଁ ତାଙ୍କ ବାସଭବନକୁ ଯାଇଥିଲେ। ଏହା ପରେ, ଗଣେଶୋତ୍ସବ ସମୟରେ, ଉଦ୍ଧବ ଠାକରେ ମଧ୍ୟ ଶିବତୀର୍ଥ ଯାଇ ଭଗବାନ ଗଣେଶଙ୍କ ଦର୍ଶନ କରିଥିଲେ। ଏହି ସାକ୍ଷାତ ପରେ, ଆଗାମୀ ଦଶହରା ଉତ୍ସବରେ ଉଭୟ ଭାଇଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିପାରେ ବୋଲି କଳ୍ପନାଜଳ୍ପନା ଜୋର ଧରିଛି ।ଶିବସେନା ନେତା ଏବଂ ବିଧାନସଭା ପରିଷଦ ସଦସ୍ୟ ସଚିନ ଆହିର ଏହି ସମ୍ଭାବନାକୁ ଅଧିକ ସ୍ପଷ୍ଟ କରିଛନ୍ତି। ଏକ ମରାଠୀ ନ୍ୟୁଜ୍ ଚ୍ୟାନେଲ ସହିତ କଥାବାର୍ତ୍ତା ସମୟରେ ଆହିର କହିଛନ୍ତି, ଦଶହରାରେ ଆପଣଙ୍କୁ ଭଲ ଖବର ମିଳିବ। ଏହା ମଧ୍ୟ ସମ୍ଭବ ରାଜ ଠାକରେଙ୍କୁ ଆମର ଦଶହରା ରାଲିକୁ ନିମନ୍ତ୍ରଣ କରାଯାଇପାରେ।

ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଶିବସେନା (ୟୁବିଟି) ଏବଂ ଏମଏନଏସ ଉଭୟ ନିଜ ନିଜ ସ୍ତରରେ ସକ୍ରିୟ ଅଛନ୍ତି ଏବଂ କର୍ମୀମାନଙ୍କୁ ଦିଗଦର୍ଶନ ଦେବାରେ ନିୟୋଜିତ ଅଛନ୍ତି। ଆହିର କହିଛନ୍ତି, ଦଶହରା ସମାଗମ କେବଳ ଏକ ରାଜନୈତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ମଞ୍ଚ ଯାହା କର୍ମୀମାନଙ୍କୁ ନୂତନ ଶକ୍ତି ପ୍ରଦାନ କରିଥାଏ। ଯଦି ଏଥର ଉଭୟ ଠାକରେ ଭାଇଙ୍କୁ ଏକାଠି ଦେଖାଯାଏ, ତେବେ ଏହା ମହାରାଷ୍ଟ୍ରର ରାଜନୀତିରେ ଏକ ଐତିହାସିକ ମୁହୂର୍ତ୍ତ ହେବ। ଯଦିଓ ଏହା ସ୍ପଷ୍ଟ ନୁହେଁ ଯେ, ଉଦ୍ଧବ ଠାକରେ ପ୍ରକୃତରେ ଦଶହରାରେ ରାଜ ଠାକରେଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବେ କି ନାହିଁ, କିନ୍ତୁ ଉଭୟଙ୍କ ସମ୍ପର୍କ ମଧ୍ୟରେ ଜମାଟ ବାନ୍ଧିଥିବା ବରଫ ତରଳିବାର ସୂଚନା ମିଳୁଛି। ଆହିର କହିଛନ୍ତି, ରାଜ ଠାକରେ ମଧ୍ୟ ବୈଠକ ମଧ୍ୟ କରୁଛନ୍ତି। ସେ ଆମକୁ ମଧ୍ୟ ନିମନ୍ତ୍ରଣ କରିପାରିବେ।

ଏହାକୁ ନେଇ ରାଜ୍ୟ ରାଜନୈତିକ ବିଶେଷଜ୍ଞମାନେ ଆନୁମାନ କରୁଛନ୍ତି,ଯଦି ଠାକରେ ଭାଇମାନେ ଦଶହରା ମଞ୍ଚରେ ଏକାଠି ହୁଅନ୍ତି, ତେବେ ଏହା ବିରୋଧୀ ଶିବିର ପାଇଁ ଏକ ବଡ଼ ଧକ୍କା ହେବା ସହିତ ରାଜ୍ୟ ରାଜନୀତିରେ କେବେ ଦେଖାଯାଇ ନ ଥିବା ଏକ ଘଟଣା ଭାବରେ ପ୍ରମାଣିତ ହେବ।

ଏବେ ସମସ୍ତଙ୍କ ନଜର ଅନୁଷ୍ଠିତ ହେବାକୁ ଥିବା ଦଶହରା କାର୍ଯ୍ୟକ୍ରମ ଉପରେ ରହିଛି। ଯେଉଁଠାରେ ଠାକରେ ପରିବାରର ରାଜନୈତିକ କାହାଣୀରେ ଏକ ନୂତନ ଅଧ୍ୟାୟ ଲେଖାଯାଇପାରିବ ବୋଲି ଆଶା କରାଯାଉଛି ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି।



ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଛି କାନାଡାଓଟାୱା: ପୂର୍ବରୁ ଭାରତ ଯାହା ଅଭିଯୋଗ କରିଆସୁଥିଲା ଶେଷରେ ତାହାକୁ ମାନିଛି କାନାଡା । ଭାରତ ବିରୋଧୀ ଖଲିସ୍ତାନୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଉଥିବା କାନାଡା ସରକାରଙ୍କ ଏକ ରିପୋର୍ଟରେ ସ୍ୱୀକାର କରାଯାଇଛି ।

"କାନାଡାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦୀ ପାଣ୍ଠି ଯୋଗାଣ ବିପଦ ଆକଳନ ୨୦୨୫" ଶୀର୍ଷକ ଏହି ରିପୋର୍ଟ ଅନୁଯାୟୀ, ଭାରତର ଶତ୍ରୁ ଆତଙ୍କବାଦୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ ଏବଂ ଇଣ୍ଟରନ୍ୟାସନାଲ ଶିଖ୍ ୟୁଥ୍ ଫେଡେରେସନ ଭଳି ଖଲିସ୍ତାନୀ ଗୋଷ୍ଠୀଗୁଡ଼ିକୁ କାନାଡାରୁ ଆର୍ଥିକ ସହାୟତା ମିଳିଛି।

ଏହି ରିପୋର୍ଟ ଆସିବାର କିଛି ମାସ ପୂର୍ବରୁ, କାନାଡାର ଗୁଇନ୍ଦା ସଂସ୍ଥା ରିପୋର୍ଟ କରିଥିଲା ଯେ ୧୯୮୦ ଦଶକରୁ, ଖାଲିସ୍ତାନ ସମର୍ଥକ ଉପାଦାନଗୁଡ଼ିକ ଭାରତର ପଞ୍ଜାବରେ ଏକ ସ୍ୱାଧୀନ ରାଷ୍ଟ୍ର 'ଖାଲିସ୍ତାନ' ସୃଷ୍ଟି କରିବା ପାଇଁ ରାଜନୈତିକ ଭାବରେ ପ୍ରେରିତ ହିଂସାତ୍ମକ ଉଗ୍ରବାଦ ପ୍ରସାର କରୁଛନ୍ତି ।କେବଳ ଖଲିସ୍ତାନୀ ନୁହେଁ, ହିଜବୁଲ୍ଲା ଓ ହମାସ ପରି କେତେକ ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନକୁ ମଧ୍ୟ କାନାଡା ଅର୍ଥ ଯୋଗାଏ ବୋଲି ରିପୋର୍ଟରେ କୁହାଯାଇଛି । ୨୦୨୨ ମସିହାରେ କାନାଡାର ଫାଇନାନ୍ସିଆଲ୍ ରିପୋର୍ଟିଂ ଏବଂ ଆନାଲିସିସ୍ ସେଣ୍ଟର ଦ୍ୱାରା ଏକ ରିପୋର୍ଟରେ, ହିଜବୋଲ୍ଲାକୁ କାନାଡାରୁ ପାଣ୍ଠି ଗ୍ରହଣ କରୁଥିବା ଦ୍ୱିତୀୟ ସର୍ବାଧିକ ଆନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ଭାବରେ ବର୍ଣ୍ଣନା କରାଯାଇଥିଲା।

# ଶୁଳ୍କ ଛାଡ଼ କରିବ ଆମେରିକା

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଛନ୍ତି, ଯାହା ଅନୁଯାୟୀ ସୋମବାର (୮ ଅଗଷ୍ଟ, ୨୦୨୫) ଠାରୁ ସେହି ଦେଶଗୁଡ଼ିକୁ ଶୁଳ୍କ ଛାଡ଼ ଦିଆଯିବ ଯେଉଁମାନେ ଆମେରିକା ସହିତ ଶିଳ୍ପ ରପ୍ତାନି ଉପରେ ଚୁକ୍ତି କରିବେ। ଏହି ଛାଡ଼ର ଲାଭ ବିଶେଷକରି ନିକେଲ, ସୁନା, ଔଷଧୀୟ ସାମଗ୍ରୀ ଏବଂ ରାସାୟନିକ ପଦାର୍ଥ ଭଳି ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ଦିଆଯିବ। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ପୁନଃସଂଗଠିତ କରିବା, ଆମେରିକାର ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ଏବଂ ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଅଧିକ ସୌଦା କରିବା ପାଇଁ ପ୍ରୋତ୍ସାହିତ କରିବା।

ଟ୍ରମ୍ପ ପ୍ରଶାସନର ଏହି ନିର୍ଦ୍ଦେଶ ଅନୁଯାୟୀ, ପ୍ରାୟ ୪୫ଟି ସାମଗ୍ରୀ ରପ୍ତାନି ଉପରେ ସହଯୋଗୀ ଦେଶମାନେ ଶୂନ୍ୟ ଆମଦାନୀ ଶୁଳ୍କ ପାଇପାରିବେ। ଏହି ସହଯୋଗୀ ସେହି ଦେଶ ହେବେ ଯେଉଁମାନେ ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବେ ଏବଂ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ଏବଂ ଶୁଳ୍କ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେବେ। ଏହି ପଦକ୍ଷେପ ଜାପାନ, ୟୁରୋପୀୟ ସଂଘ (ଇୟୁ) ସମେତ ଆମେରିକାର ବିଦ୍ୟମାନ ସହଯୋଗୀ ଦେଶମାନଙ୍କ ସହିତ ହୋଇଥିବା ଚୁକ୍ତି ସହିତ ମେଳ ଖାଉଛି। ଅର୍ଥାତ ଏସବୁ ଦେଶମାନଙ୍କ ଉପରେ ଶୁଳକ ଛାଡ଼ ହେବ । କିନ୍ତୁ ଏହି ତାଲିକାରେ ଭାରତ ନାହିଁ। ଏହି ଛାଡ଼ ସୋମବାର ରାତି ୧୨ଟାରୁ କାର୍ଯ୍ୟକାରୀ ହେବ।

# ଭୁଟାନରେ ଜଳବିଦ୍ୟୁତ ପ୍ରକଳ୍ପ କରିବ ଆଦାନୀ

ଅହମ୍ମଦାବାଦ: ଆଦାନୀ ପାୱାର ଏବଂ ଭୁଟାନର ସରକାରୀ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ଡ୍ରୁକ୍ ଗ୍ରୀନ୍ ପାୱାର କର୍ପ ଲିମିଟେଡ୍ (ଡଜୀPଈ) ଶନିବାର ଭୁଟାନରେ ୫୭୦ ମେଗାୱାଟ ୱାଙ୍ଗଚୁ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଏକ ଅଂଶୀଦାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଭୁଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଙ୍ଗ ତୋବଗେ ଏବଂ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ପଦକ୍ଷେପ ଆଦାନୀ ପାୱାର ଏବଂ ଡ୍ରୁକ୍ ଗ୍ରୀନ୍ ପାୱାର କର୍ପ ଲିମିଟେଡ୍ ପାଇଁ ୱାଙ୍ଗଚୁ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆରମ୍ଭ କରିବା ପାଇଁ ପଥ ପ୍ରଶସ୍ତ କରିଛି। ଆଦାନୀ ପାୱାରର ସିଇଓ ଏସବି ଖିଆଲିଆ କହିଛନ୍ତି, "ଭୁଟାନ ସ୍ଥାୟୀ ବିକାଶରେ ବିଶ୍ୱ ପାଇଁ ଏକ ରୋଲ୍ ମଡେଲ୍ ଏବଂ ଏହି ନବୀକରଣୀୟ ଶକ୍ତି ପ୍ରକଳ୍ପ ମାଧ୍ୟମରେ ଦେଶର ପ୍ରାକୃତିକ ସମ୍ପଦର ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆମେ ଅତ୍ୟନ୍ତ ଉତ୍ସାହିତ। ୱାଙ୍ଗଚୁ ଜଳବିଦ୍ୟୁତ୍ ପ୍ରକଳ୍ପ ଗ୍ରୀଷ୍ମ ଋତୁରେ ଭୁଟାନର ସର୍ବାଧିକ ଚାହିଦାକୁ ଯଥେଷ୍ଟ ପରିମାଣରେ ପୂରଣ କରିବ, ଯେତେବେଳେ ଜଳବିଦ୍ୟୁତ୍ ଉତ୍ପାଦନ କମ ଥାଏ। ଗ୍ରୀଷ୍ମ ମାସଗୁଡ଼ିକରେ, ଏହା ଭାରତକୁ ବିଦ୍ୟୁତ୍ ରପ୍ତାନି କରିବ।"ୱାଙ୍ଗଚୁ ପ୍ରକଳ୍ପରେ ଏକ ନବୀକରଣୀୟ ଶକ୍ତି ବିଦ୍ୟୁତ୍ କେନ୍ଦ୍ର ଏବଂ ସମ୍ବନ୍ଧିତ ଭିତ୍ତିଭୂମି ସ୍ଥାପନରେ ପ୍ରାୟ ୬୦ ବିଲିୟନ ଟଙ୍କା ନିବେଶ କରାଯିବ। ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ଶେଷ ହୋଇଛି ଏବଂ ୨୦୨୬ର ପ୍ରଥମାର୍ଦ୍ଧ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ଆଶା କରାଯାଉଛି। ଭିତ୍ତିପ୍ରସ୍ତର ସ୍ଥାପନର ପାଞ୍ଚ ବର୍ଷ ମଧ୍ୟରେ ଏହା ସମାପ୍ତ ହେବାର ଲକ୍ଷ୍ୟ ରଖାଯାଇଛି।

# ୯୯% ଚାକିରି ଖାଇଯିବ ଏଆଇ

କୃତ୍ରିମ ବୁଦ୍ଧିମତା ବା ଏଆଇର ସାଂଘାତିକ ପ୍ରଭାବ ଚାକିରିଆଙ୍କ ଉପରେ ପଡ଼ିବ। ୨୦୩୦ ସୁଦ୍ଧା ଏଆଇ ପ୍ରାୟ ୯୯% ଚାକିରି ଖାଇଯିବ। ଏବେ ଅଧିକାଂଶ କମ୍ପାନୀ ଏଆଇ ଉପରେ ନିର୍ଭର କରିବାରେ ଲାଗିଛନ୍ତି।

୨୦୩୦ ସୁଦ୍ଧା ଏଆଇ କର୍ମକ୍ଷେତ୍ରରେ ଥିବା ୯୯% ଲୋକଙ୍କ ଚାକିରି ନେଇଯିବ ବୋଲି ଲୁଇସଭିଲ୍ଲେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ରୋମାନ ୟାମପୋଲସ୍କି ସତର୍କ କରାଇଛନ୍ତି। ବିଶ୍ୱର ବିଭିନ୍ନ କମ୍ପାନୀ କଷ୍ଟ କଟିଂ ଓ ନିଜର ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଦ୍ରୁତଗତିରେ ଏଆଇ ବ୍ୟବସ୍ଥାକୁ ଆପଣାଉଥିବା ବେଳେ ପ୍ରଫେସର ରୋମାନ ଏପରି ଚେତାବନୀ ସାମ୍ନାକୁ ଆସିଛି।

ପ୍ରଫେସର ରୋମାନଙ୍କ କହିବା କଥା ଯେ କୋଡର ଓ ପ୍ରମୋଟ ଇଞ୍ଜିନିୟରମାନେ ମଧ୍ୟ ଏଆଇ ଲହରରୁ ବର୍ତ୍ତି ପାରିବେ ନାହିଁ। ଏଆଇ ଲହର ପ୍ରାୟ ସବୁ ଚାକିରିକୁ ଖାଇଦେବ। ସେ ଗୋଟିଏ କାର୍ଯ୍ୟକ୍ରମରେ କହିଛନ୍ତି, "ଆମେ ଏମିତି ଏକ ଦୁନିଆ ଦେଖୁଛେ ଯେଉଁଠାରେ ବେରୋଜଗାରୀ ସ୍ତର ପୂର୍ବରୁ କେବେ ବି ଏମିତି ଦେଖାଯାଇ ନଥିଲେ। ଏଠାରେ ଆମେ ଭୟଭୀତ କଲାଭଳି ୧୦% ବେରୋଜଗାରୀର କଥା କହୁ ନାହୁଁ, ଅଧିକନ୍ତୁ ୯୯% ବେକାରୀ କଥା କହୁଛୁ।" ୨୦୨୭ ସୁଦ୍ଧା ମାନବ ଭଳି କୃତ୍ରିମ ସାଧରଣ ବୁଦ୍ଧିମତା ବା ଏଜିଆଇ ଆସିଯିବ ବୋଲି ସେ କହିଛନ୍ତି।

ଏଜିଆଇ ଆସିବାର ୩ ବର୍ଷ ପରେ ଶ୍ରମ ମାର୍କେଟ ଭୁଶୁଡ଼ି ପଡ଼ିବ। ଏଇଆଇ ଟୁଲ୍ସ ଓ ମାନବଯୁକ୍ତ ରୋବଟ ଦ୍ୱାରା ବିନା ଖର୍ଚ୍ଚରେ କାମ କରାଯିବ। ରୋମାନ କହିଛନ୍ତି, "ଯଦି ମୋତେ ୨୦ ଡଲାର ସବସ୍କ୍ରିସନ କିମ୍ବା ଜଣେ କର୍ମଚାରୀ ଯାହା କରନ୍ତି ତାହା କରିବା ଭଳି ଗୋଟିଏ ମାଗଣା ମଡେଲ ମିଳିଯାଏ ତା'ହେଲେ କ'ଣ ହେବ? ସର୍ବପ୍ରଥମେ କମ୍ପ୍ୟୁଟରରେ ଯେକୌଣସି କାମ ସ୍ୱୟଂକ୍ରିୟ ହୋଇଯିବ। ଏହାପରେ ମୋତେ ଲାଗୁଛି ଯେ ହ୍ୟୁମାନଏଡ଼ ରୋବୋଟ ବା ମଣିଷପ୍ରାୟ ରୋବୋଟ ୫ ବର୍ଷ ଭିତରେ ଆସିଯିବ। ତେଣୁ ପାଞ୍ଚ ବର୍ଷ ପରେ ପୂରା ଶାରୀରିକ ଶ୍ରମ ସ୍ୱୟଂଚାଳିତ ହୋଇଯିବ।"

ପ୍ରଫେସର ରୋମାନ କହିଛନ୍ତି ଯେ ଆୟ, ଷ୍ଟ୍ରକ୍ଚର, ଷ୍ଟାଟସ ଓ କମ୍ୟୁନିଟୀ ଭଳି ସୁବିଧା ନିଯୁକ୍ତି ଦେଇଥାଏ। ଯଦି ଚାକିରି ଲୋପ ପାଇଯିବ, ତା'ହେଲେ ସମାଜକୁ ଗୋଟିଏ ସମୟରେ ଉପରୋକ୍ତ ୪ ଜିନିଷକୁ ତିଆରି କରିବାକୁ ପଡ଼ିବ। ସବୁ ଚାକିରି ସ୍ୱୟଂଚାଳିତ ହୋଇଯିବ। ଏହାପରେ ପ୍ଲାନ ବି ନଥିବ। ଆପଣ ପୁନଃ ତାଲିମପ୍ରାପ୍ତ ହୋଇପାରିବେ ନାହିଁ।"

ପ୍ରଫେସର ରୋମାନ ଏକମାତ୍ର ବିଶେଷଜ୍ଞ ଭାବେ ଏଆଇ ଲୋକଙ୍କ ଚାକିରି ଖାଇଯିବ ବୋଲି ଚେତାବନୀ ଦେଇ ନାହାନ୍ତି। ମେ' ମାସରେ ଅନ୍ଥ୍ରୋପିକ ସିଇଓ ଡାରିଓ ଆମୋଡେଇ ମଧ୍ୟ ଆସନ୍ତା ୫ ବର୍ଷ ମଧ୍ୟରେ ଏଆଇ ୫୦% ଚାକିରି ନେଇଯିବ ବୋଲି କହିଥିଲେ।

# ୧୨ ହଜାର କୋଟିର ନିଶାଦ୍ରବ୍ୟ ଜବତ

## ଗିରଫଙ୍କ ମଧ୍ୟରେ ଆଇଟି ବିଶେଷଜ୍ଞ

ହାଇଦ୍ରାବାଦ: ଗୋଟିଏ ବଡ଼ଧରଣର ଡ୍ରଗ ଉତ୍ପାଦନ ଓ ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ତେଲଙ୍ଗାନାରେ ଚାଲିଥିବା ରାକେଟକୁ ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଥିବା ମୀରା ରୋଡ ପୁଲିସ୍ ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଛି। ପୁଲିସ୍ ଅଧିକାରୀମାନେ ୧୨ ହଜାର କୋଟି ଟଙ୍କାର ଏମଡି(ମେଫେଡ୍ରୋନ) ଡ୍ରଗ୍ସ ଜବତ କରିଛନ୍ତି। ମେଫେଡ୍ରୋନ ଏକ ନିଶା ଜାତୀୟ ଦ୍ରବ୍ୟ।

ତେଲଙ୍ଗାନାର ଚେରାମାଲ୍ଲି ଅଞ୍ଚଳରେ ଥିବା ଏହି କାରଖାନାରୁ ପୁଲିସ୍ ଅଧିକାରୀମାନେ ନିଶା ଔଷଧ ତିଆରି ପାଇଁ ବ୍ୟବହାର କରାଯାଉଥିବା ୩୫ ହଜାର ଲିଟର କେମିକାଲ ମଧ୍ୟ ଜବତ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ କେମିକାଲ ଫ୍ୟାକ୍ଟ୍ରୀ ନାଁରେ ଏହା ଚାଲୁଥିଲା। କିନ୍ତୁ ବାସ୍ତବରେ କାରଖାନାରେ ନିଶା ଦ୍ରବ୍ୟର ଉତ୍ପାଦନ କରାଯାଉଥିଲା। ଏହାପରେ ସ୍ଥାନୀୟ ଅପରାଧୀ ଓ ଏଜେଣ୍ଟଙ୍କ ଦ୍ୱାରା ଏହାକୁ ମୁମ୍ବାଇକୁ ଚାଲାଣ କରାଯାଉଥିଲା। ବେଶ ସତର୍କତାର ସହ ବେଶ କିଛି ବର୍ଷ ଧରି ଏହି ରାକେଟ କାମ କରୁଥିବା ପୁଲିସ୍ କହିଛି।

ଅଧିକାରୀମାନେ ଆକଳନ କରିଛନ୍ତି ଯେ ଶତାଧିକ କେଜିର ମେଫେଡ୍ରୋନ ଡ୍ରଗ ଏଠାରେ ଉତ୍ପାଦନ କରାଯାଇଛି ଓ ଏହାକୁ ବିଭିନ୍ନ ମାର୍କେଟକୁ ପଠାଯାଇଥିଲା। ବିଭିନ୍ନ ସୂତ୍ରରୁ ଖବର ପାଇବା ପରେ ମୀରା- ଭାୟାନ୍ଦର, ବସାଇ-ବୀରାର ପୁଲିସ୍ ଓ କ୍ରାଇମବ୍ରାଞ୍ଚ ମିଳିତ ଭାବେ ୬୦ଟି ଠିକଣାରେ ରେଡ କରିଥିଲେ। ପାଖାପାଖି ମାସେ ହେଲା ଅପରେସନ ପରେ ଏପରି



କାରଖାନାକୁ ଠାବ କରାଯାଇଛି। ପୁଲିସ ଏହି ଘଟଣାରେ ମୋଟ ୧୨ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ରହିଛନ୍ତି। ଅଗଷ୍ଟ ୮ରେ ପୁଲିସ୍ ୨୩ ବର୍ଷୀୟ ବାଂଲାଦେଶୀ ମହିଳା ଫାତିମା ମୁରାଦ ଶେଖଙ୍କୁ ମୀରା ରୋଡ ଇଷ୍ଟର କଶ୍ମୀରା ବସ୍ ଷ୍ଟାଣ୍ଡ ନିକଟରୁ ଧରିଥିଲା। ତାଙ୍କ ପାଖରୁ ୧୦୫ ଗ୍ରାମ ଓଜନର ଏମଡି ଜବତ ହୋଇଥିଲା। ତାଙ୍କୁ ଜେରା କରିବାରୁ ସେ ବିରାଟକାୟ ଡ୍ରଗ ରାକେଟର ଅଂଶବିଶେଷ ବୋଲି ପୁଲିସ୍ ଜାଣିବାକୁ ପାଇଥିଲା।

ପରବର୍ତ୍ତୀ ଅବସ୍ଥାରେ ଆଉ ୧୭୮ ଗ୍ରାମ ଏମଡି ଓ ନଗଦ ୨୩.୯୭ ଲକ୍ଷ ଟଙ୍କା ଏକାଧିକ ସନ୍ଦିଗ୍ଧଙ୍କ ଠାରୁ ଠାବ କରାଯାଇଥିଲା। ଏହି ସମୟରେ ତେଲଙ୍ଗାନାରୁ ହେଉଥିବା ଡ୍ରଗ ଚାଲାଣ ସମ୍ପର୍କରେ ପୁଲିସ୍ ଜାଣିବାକୁ ପାଇଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି ଇନସପେକ୍ଟର ପ୍ରମୋଦ ଓ ତାଙ୍କ ଟିମ ଚେରାପାଲ୍ଲିରେ ଥିବା କାରଖାନାରେ ରେଡ କରିଥିଲେ। ସେପ୍ଟେମ୍ବର ୫ରେ ଏହି ରେଡ ହୋଇଥିଲା।

ରେଡ ବେଳେ ପୁଲିସ ୫.୭୯ କେଜି ଏମଡି, ୩୫,୫୦୦ ଲିଟର କେମିକାଲ, ୯୫୦ କେଜି ପାଉଡର ଓ ଡ୍ରଗ ଉତ୍ପାଦନରେ ଆବଶ୍ୟକ ସରଞ୍ଜାମ ଜବତ କରିଛି। ଏବେ ପୁଲିସ୍ ୧୨ ଜଣଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ କରୁଛି।

ପୂରା ରାକେଟର ମୁଖ୍ୟ ଅଭିଯୁକ୍ତ ଜଣେ ଆଇଟି ବିଶେଷଜ୍ଞ। ସେ ନିଜର ଦକ୍ଷତାର ଅପବ୍ୟବହାର କରି ଅପରାଧ କରୁଥିଲେ ବୋଲି ପୁଲିସ୍ କହିଛି।

ସମୟ

# ଏସିଆ କପ୍ ପାଇଁ ପାଣ୍ଡ୍ୟାଙ୍କ ନୂଆ ଅବତାର





ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ଆଉ ଦୁଇଦିନର ବ୍ୟବଧାନ ପରେ ଏସିଆ କପ୍ ବିଗୁଲ ବାଜିବ। ଏଥିପାଇଁ ଦୁବାଇରେ ପହଞ୍ଚିଛନ୍ତି ଭାରତୀୟ ଖେଳାଳି। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳର ସହ ଅଛନ୍ତି। ଗତ ଗୁରୁବାର ଅପରାହ୍ନରେ ହାର୍ଦ୍ଦିକ ଦୁବାଇରେ ପହଞ୍ଚିଥିଲେ। ଏସିଆ କପ୍ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା ନୂଆ ଅବତାରରେ ନଜର ଆସିଛନ୍ତି। ନିଜର ହେୟାର ଷ୍ଟାଇଲ୍ ବଦଳାଇଛନ୍ତି ପାଣ୍ଡ୍ୟା। ଖାଲି ଷ୍ଟାଇଲ୍ ବଦଳାଇ ନାହାଁନ୍ତି, ଚୂଳର ରଙ୍ଗ ମଧ୍ୟ ବଦଳି ଯାଇଛି। ଚୂଳକୁ ଛୋଟ ଛୋଟ କରି କାଟିବା ସହ ସୈଣ୍ଡି ବ୍ଲଣ୍ଡ କଲର ଡାଇ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ନୂଆ ଲୁକ୍ ଫଟୋ ସେୟାର କରିଛନ୍ତି। ଫଟୋ କ୍ୟାପସନ୍‌ରେ ଲେଖିଛନ୍ତି ନୟା ମୈ। ହାର୍ଦ୍ଦିକଙ୍କ ଏଭଳି ହେୟାର ଷ୍ଟାଇଲି ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶଂସକଙ୍କ ତାଙ୍କ ତୁଳନା ଇଂଲଣ୍ଡର ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ ଇଣ୍ଡିଜର ନିକୋଲାସ୍ ପୁରନଙ୍କ ସହ କରୁଛନ୍ତି। ଶେଷ ଥର ପାଇଁ ପାଣ୍ଡ୍ୟା ଆଇସିସି ଚାମ୍ପିଅନ୍ ଟ୍ରଫି ଖେଳିଥିଲେ। ଏହି ପ୍ରତିଯୋଗିତାରେ ନ୍ୟୁଜଲାଣ୍ଡକୁ ପରାସ୍ତ କରି ଭାରତ ଚାମ୍ପିଅନ ହୋଇଥିଲା। ରୋହିତ ଶର୍ମାଙ୍କ ପରେ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳର ପରବର୍ତ୍ତୀ ଅଧିନାୟକ ହେବା ଲାଗୁଥିଲା। କିନ୍ତୁ ପାଣ୍ଡ୍ୟା ଏହି ଦୌଡରେ ନାହାଁନ୍ତି।

# ଜୋକୋଭିକଙ୍କ ସ୍ୱପ୍ନ ଚୁରମାର / ସିନ୍ନର-ଆଲକାରେଜ୍ ଫାଇନାଲ

**ୟୁଏସ୍ ଓପନ୍**

ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାତେଇବା ସ୍ୱପ୍ନ ନୋଭାକ୍ ଜୋକୋଭିକଙ୍କ ପାଇଁ ଅଧୁରା ରହିଯାଇଛି। ୧୦ ଥର ଅଷ୍ଟ୍ରେଲିଆ ଓପନ, ୩ ଥର ଫ୍ରେଞ୍ଚ୍ ଓପନ୍, ୭ ଥର ୱିମ୍ବଲଡନ୍ ଏବଂ ୪ ଥର ୟୁଏସ୍ ଜିତିଥିବା ଜୋକୋଭିକ ମୋଟ ୨୪ ଟି ଗ୍ରାଣ୍ଡସ୍ଲାମ ଜିତି ଇତିହାସ ରଚିଛନ୍ତି। ଏଥର ସେ ୨୫ ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଲକ୍ଷ୍ୟରେ ଥିଲେ। କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଜୋକୋଭିକଙ୍କ ପ୍ରଦର୍ଶନ ମଧ୍ୟ ଦମଦାର ଥିଲା। କିନ୍ତୁ ସେମିଫାଇନାଲ ଲଢେଇରେ ସର୍ବିଆର ଏହି ପେସାଦର ଟେନିସ ଖେଳାଳି ଜୋକୋଭିକ ସ୍ପେନ୍‌ର କାର୍ଲୋସ ଆଲକାରେଜଙ୍କ ନିକଟରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି। ୩ ସେଟ୍ ବିଶିଷ୍ଟ ମୁକାବିଲାରେ ଆଲକାରେଜ୍ ୬-୪, ୭-୬, ୬-୨ ବ୍ୟବଧାନରେ ଜୋକୋଭିକଙ୍କୁ ଧରାଶାୟୀ କରିଥିଲେ। ଏହି ମ୍ୟାଚରେ ଆଲକାରେଜଙ୍କ ରଣକୌଶଳ ଆଗରେ ସମ୍ପୂର୍ଣ୍ଣ ଫିକା ପଡିଯାଇଥିଲେ ଜୋକୋଭିକ। ତେଣୁ ଜୋକୋଭିକଙ୍କ ପଞ୍ଚମ ୟୁଏସ୍ ଓପନ୍ ଟାଇଟଲ ହାତେଇବା ଆଶା ଆଶାରେ ରହିଯାଇଛି। ଜମାଣିଆ ବିଜୟ ସହ ୨୨ ବର୍ଷୀୟ ଆଲକାରେଜ୍ ଦ୍ୱିତୀୟ ଥର ପାଇଁ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ରେ ସେ ପ୍ରଥମ ଟାଇଟଲ୍ ଜିତିଥିଲେ। ଏପର୍ଯ୍ୟନ୍ତ ସେ ୫ ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ୨୦୨୪ ଓ ୨୦୨୫ରେ ଫ୍ରେଞ୍ଚ ଓପନ୍, ୨୦୨୩ ଓ ୨୦୨୪ରେ ୱିମ୍ବଲଡନ୍ ଏବଂ ୨୦୨୨ ରେ ୟୁଏସ୍ ଓପନ ଜିତିଥିଲେ।

ଅନ୍ୟ ଏକ ସେମିଫାଇନାଲରେ ଇଟାଲିର ଜାନିକ ସିନ୍ନର ଜମାଣିଆ ବିଜୟ ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଦ୍ୱିତୀୟ ଥର ପାଇଁ ୟୁଏସ୍ ଓପନ୍ ଫାଇନାଲ ଖେଳିବେ। ୨୦୨୪ ଗତ ସଂସ୍କରଣରେ ସିନ୍ନର ଚାମ୍ପିଅନ ହୋଇଥିଲେ। ତେଣୁ ଏହି ଡିଫେଣ୍ଡିଂ ଚାମ୍ପିଅନ ଟାଇଟଲ୍ ବଜାୟ ରଖିବା ସମ୍ଭାବନା ରହିଛି। ଶନିବାର ଅନୁଷ୍ଠିତ ସେମି ଲଢେଇରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ଫେଲିକ୍ସ ଆଉଜରଙ୍କୁ ପରାଜିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୧ ନଂ ମାନ୍ୟତା ପ୍ରାପ୍ତ ସିନ୍ନର ଏବଂ ୨ନଂ ମାନ୍ୟତା ପ୍ରାପ୍ତ କାର୍ଲୋସ ଆଲକାରେଜଙ୍କ ମଧ୍ୟରେ ରବିବାର ଆର୍ଥରଆସେ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖେଳାଯିବ।




# ଏସିଆନ୍ ରଗ୍‌ବୀ ଚାମ୍ପିଅନସିପ

## ଭାରତୀୟ ଦଳରେ କିସ୍‌ର ୭ ଜଣ



ଭୁବନେଶ୍ୱର, ୬।୯(ସବ୍ୟୁ) : ଚଳିତ ମାସ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଚୀନର ହୋହଟରେ ୧୮ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ ଚାମ୍ପିଅନସିପ୍ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଘୋଷଣା ହୋଇଥିବା ଭାରତୀୟ ଦଳରେ କିସ୍‌ର ୭ ଜଣ ସ୍ଥାନ ପାଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ୍ ପକ୍ଷରୁ ଅଫିସିଆଲ୍ ଭାବେ ୧୮ ବର୍ଷରୁ କମ ବାଳକ ଓ ବାଳିକା ଦଳ ଘୋଷଣା ହୋଇଛି। ଭାରତୀୟ ଦଳ ୯ ତାରିଖରେ ଚୀନ ଗସ୍ତ କରିବ ଏବଂ ୧୫ ତାରିଖରେ ଭାରତ ଫେରିବ। ବାଳକ ଦଳରେ କିସ୍‌ର ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ଭରତ କିଶାନ ଓ ଆମ୍ରା ମୁର୍ମୁ ତଥା ବାଳିକା ଦଳରେ ମାମାଲି ସିଂ, ଅନିତା ମୁର୍ମୁ ଓ ଆଇମଣି ମୁର୍ମୁ ସ୍ଥାନ ପାଇଛନ୍ତି। ଗତ ଅଗଷ୍ଟ ୧ ରୁ କୋଲକାତାର ସାଇନେତାଜୀ ସୁବାସ ଇଷ୍ଟର୍ଣ୍ଣ ସେଣ୍ଟରରେ ପ୍ରଶିକ୍ଷଣ ତଥା ଚୟନ ଶିବିର ଆରମ୍ଭ ହୋଇଥିଲା।

**ମହିଳା ଏସିଆ କପ୍ ହକି**

# ଜାପାନ ସହ ଡ୍ର ରଖିଲା ଭାରତ

ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ମହିଳା ଏସିଆ କପ୍ ହକିରେ ଶନିବାର ଭାରତୀୟ ମହିଳା ଦଳ ଜାପାନ ବିପକ୍ଷରେ ମ୍ୟାଚ ୨-୨ ଗୋଲରେ ଡ୍ର ରଖିଛି। ଜାପାନ ବିପକ୍ଷରେ ଭାରତ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା। ଦଳକୁ କଡା ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା। ଶେଷ ମୁହୂର୍ତ୍ତରେ ନବନିତ କୌରଙ୍କ ଗୋଲ ଯୋଗୁଁ ଭାରତ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଥିଲା। ପୁଲ୍ ବି ର ଦ୍ୱିତୀୟ ମ୍ୟାଚକୁ ଭାରତ ଡ୍ର ରଖିଛି। ପ୍ରଥମ ମ୍ୟାଚ ଥାଇଲାଣ୍ଡକୁ ୧୧-୦ ଗୋଲରେ ଭାରତ ଧରାଶାୟୀ କରିଥିଲା। ଭାରତ ପକ୍ଷରୁ ମ୍ୟାଚର ୩୦ ତମ ମିନିଟରେ ରୁତୁଜା ଦାଦାସୋ ପିସାଲ ଏବଂ ୬୦ ମିନିଟ୍‌ରେ ନବନିତ କୌର ଗୋଲ କରିଥିଲେ। ଜାପାନ ପକ୍ଷରୁ ହିରୋକା ମୁରାୟାମା ୧୦ମ ମିନିଟ୍ ଓ ଚିକୁ ଫୁଜି ବାୟାସୀ ୫୮ ମିନିଟରେ ଗୋଲ କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତ ଅପରାଜୟ ରହିଛି। ସୋମବାର ତୃତୀୟ ମ୍ୟାଚରେ ଭାରତ ସିଙ୍ଗାପୁରକୁ ଭେଟିବ।




**ଭାରତ - କୋରିଆ ଫାଇନାଲ**

ପୁରୁଷ ଏସିଆ କପ୍ ହକିର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ସେମି ଲଢେଇରେ ଭାରତୀୟ ଦଳ ୭-୦ ଗୋଲରେ ଚୀନକୁ ପରାଜିତ କରି ଫାଇନାଲରେ ପହଞ୍ଚିଛି। ରବିବାର ଡିଫେଣ୍ଡିଂ ଚାମ୍ପିଅନ କୋରିଆ ଓ ଭାରତ ମଧ୍ୟରେ ଟାଇଟଲ୍ ଲଢେଇ ହେବ।

# ଶ୍ରେୟାସଙ୍କୁ ଗୁରୁ ଦାୟିତ୍ୱ ଦେଲା ବିସିସିଆଇ

ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ୯ ତାରିଖରୁ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏଥର ଟି -୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ। ଏହି ଦଳରୁ ଶ୍ରେୟାସ ଆୟରଙ୍କୁ ବାଦ ଦିଆଯାଇଥିଲା। ଏଭଳି ଦଳ ଚୟନ ପରେ ବିବାଦ ତେଜିଥିଲା। ଆୟରଙ୍କୁ ବିସିସିଆଇ କାହିଁକି ଟି -୨୦ ଦଳରୁ ବାଦ୍ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ଏସବୁ ଭିତରେ ଶ୍ରେୟାସ ଆୟରଙ୍କୁ ବଡ ଦାୟିତ୍ୱ ଦେଇଛି ବିସିସିଆଇ। ଭାରତୀୟ ଏ ଦଳର ଅଧିନାୟକ ଭାବେ ଆୟର ନିଯୁକ୍ତି ପାଇଛନ୍ତି। ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ୧୫ ଜଣିଆ ଭାରତୀୟ ଏ ଦଳର ନେତୃତ୍ୱ ଶ୍ରେୟାସ ଆୟର ନେବେ। ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ଦୁଇଟି ୪ ଦିନିଆ ମ୍ୟାଚ ଲକ୍ଷ୍ନୌରେ ଖେଳାଯିବ। ଏଥି ପାଇଁ ଆୟରଙ୍କ ନେତୃତ୍ୱରେ ଭାରତୀୟ ଏ ଦଳ ଘୋଷଣା ହୋଇଛି। ଏହି ଶୃଙ୍ଖଳା ସେପ୍ଟେମ୍ବର ୧୬ରେ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ଲୋକେଶ ରାହୁଲ ଓ ମହମ୍ମଦ ସିରାଜ ଖେଳିବେ ନାହିଁ। କିନ୍ତୁ ୨୩ ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ମ୍ୟାଚରେ ଉଭୟ ଦଳରେ ସାମିଲ ହେବେ। ଦୁଇଟିଯାକ ମ୍ୟାଚରେ ଆୟର ଦଳର ନେତୃତ୍ୱ ନେବେ। ଏବେ ଆୟର ଦିଲ୍ଲୀପ ଟ୍ରଫି ସେମିଫାଇନାଲ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ୱେଷ୍ଟ ଜୋନ ପାଇ ଖେଳିବେ। ବେଙ୍ଗାଲୁରୁରେ ସେଣ୍ଟ୍ରାଲ ଜୋନ ବିପକ୍ଷରେ ଏହି ମ୍ୟାଚ ହେବ। ଆୟରଙ୍କ ନେତୃତ୍ୱରେ ଘୋଷଣା ହୋଇଥିବା ଭାରତୀୟ ଏ ଦଳରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିଛି। ଦଳରେ ଧ୍ରୁବ ଜୁରେଲ୍ ଉପଅଧିନାୟକ ତଥା ୱିକେଟ୍ କିପର ଦାୟିତ୍ୱ ତୁଲାଇବେ। ଅଭିମନ୍ୟୁ ଇଶ୍ୱରନ ଓ ଦେବଦତ୍ତ ପଡିକାଲ୍, ଓପନର ବ୍ୟାଟର ରହିଛନ୍ତି। ଏମାନଙ୍କ ସହ ସାଇ ସୁଦର୍ଶନ ଓ ଆୟୁଶ ବଦୋନୀଙ୍କୁ ମଧ୍ୟ ରଖାଯାଇଛି। ବୋଲିଂ ବର୍ଗରେ ପ୍ରସିଦ୍ଧ କ୍ରିଷ୍ଣା ଓ ଖଲିଲ୍ ଅହମ୍ମଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ହର୍ଷ ଦୁବେ, ତନୁଷ କୋଟିଆନ ଓ ମାନବ ସୁତାର ରହିଛନ୍ତି। ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଓ ଲେଗ ସ୍ପିନର ଗୁରନୁର ବ୍ରାରଙ୍କୁ ସ୍ଥାନ ମିଳିଛି। ୨ୟ ମ୍ୟାଚ ବେଳକୁ ଦଳ ସହ ଅଭିଜ୍ଞ ଲୋକେଶ ରାହୁଲ ଓ ମହମ୍ମଦ ସିରାଜ ଯୋଡି ହେବେ।

**ଇଣ୍ଡିଆ ଏ ଦଳ :-**

ଶ୍ରେୟାସ ଆୟର, ଅଭିମନ୍ୟୁ ଇଶ୍ୱରନ୍, ଜଗଦିଶାନ, ସାଇ ସୁଦର୍ଶନ, ଧ୍ରୁବ ଜୁରେଲ, ଦେବଦତ୍ତ ପଡିକାଲ୍, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତିଶ କୁମାର ରେଡ୍ଡୀ, ତନୁଷ କୋଟିଆନ୍, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଖଲିଲ୍ ଅହମ୍ମଦ, ମାନବ ସୁତାର ଓ ଯସ୍ ଠାକୁର।




# ପୂଜା ପେଣ୍ଡାଲରେ ରୋହିତ

ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ଭାରତର ବିସ୍ଫୋରକ ବ୍ୟାଟର ତଥା ଅଧିନାୟକ ରୋହିତ ଶର୍ମା ଏବେ ମୁମ୍ବାଇରେ ଅଛନ୍ତି। ନିକଟରେ ଗଣେଶ ପୂଜା ଉତ୍ସବରେ ରୋହିତ ସାମିଲ ହୋଇଥିଲେ। ଏହି ଅବସରରେ ସେ ଭଗବାନ ଗଣେଶଙ୍କ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସହ ଗଣପତି ବାପ୍ପାଙ୍କ ଆର୍ଶୀବାଦ ନେଇଛନ୍ତି। ତେବେ ସେହି ସମୟର ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଠାରେ ରୋହିତଙ୍କୁ ଦେଖିବା ପରେ ପ୍ରଶଂସକଙ୍କ ବିଭୋର। ଏମିତି ଉତ୍ସାହିତ ଯେ ରୋହିତଙ୍କୁ କହିଲେ ମୁମ୍ବାଇ କା ରାଜା, କିନ୍ତୁ ଏହାକୁ ରୋହିତ ସହଜରେ ଗ୍ରହଣ କରିନଥିଲେ। ହାତ ଯୋଡି ଏଭଳି ନକହିବାକୁ ଅନୁରୋଧ କରିଥିଲେ। କାରଣ ସେ ନିଜେ ମୁମ୍ବାଇର ରାଜା ଗଣପତିଙ୍କ ସମ୍ମୁଖରେ ଥିଲେ। ତେଣୁ ପ୍ରଶଂସକଙ୍କ ତାଙ୍କୁ ରାଜା ସମ୍ବୋଧିତ କରିବା ଉଚିତ ନୁହେଁ ବୋଲି କହିଥିଲେ। ନିକଟରେ ରୋହିତ ଫିଟନେସ୍ ଟେଷ୍ଟ ଦେବା ପାଇଁ ବେଙ୍ଗାଲୁରୁ ଯାଇଥିଲେ। ସେ ଫିଟ୍‌ନେସ୍ ଟେଷ୍ଟରେ ମଧ୍ୟ ପାସ୍ ହୋଇଛନ୍ତି। ନିକଟରେ ଅନ୍ତର୍ଜାତୀୟ ଟେଷ୍ଟ ଓ ଟି -୨୦ ରୁ ସେ ଅବସର ନେଇଥିଲେ। କେବଳ ଦିନିକିଆରେ ନଜର ଆସିବେ।



# ଟିମ୍ ଇଣ୍ଡିଆର ସ୍ପନସରସିପ୍ ଦାମ ବଢିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି) :ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସ୍ପନସରସିପ୍ ରେଟ୍ ବଢାଇଛି। ନୂଆ ରେଟ୍ ଅନୁଯାୟୀ ବୋର୍ଡ ଦୁଇପାକ୍ଷିକ ଶୃଙ୍ଖଳା ଲାଗି ମ୍ୟାଚ ପିଛା ୩.୫ କୋଟି ନେବ । ଅନ୍ୟପଟେ ଆଇସିସି ଏସିଆ କପ୍ ଏବଂ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ପାଇଁ ମ୍ୟାଚ୍ ପିଛା ୧.୫ କୋଟି ଟଙ୍କା ନେବ ବିସିସିଆଇ। ପୂର୍ବରୁ ଏହି ରେଟ୍ ଯଥାକ୍ରମେ ୩.୧୭ କୋଟି ଏବଂ ୧.୧୨ ଟଙ୍କା ଥିଲା। ଏସିଆ କପ୍ ପରେ ନୂଆ ରେଟ୍ ଲାଗୁ ହେବ। ଏହା ଦ୍ୱାରା ବିସିସିଆଇର ଆୟ ୪୦୦ କୋଟି ଟଙ୍କାରୁ ଅଧିକ ହେବ। ଚୂଡାନ୍ତ ପରିମାଣ ବିଡିଂର ଫଳାଫଳ ଉପରେ ନିର୍ଭର କରିବ। ଡ୍ରିମ୍ ୧୧ ଜର୍ସି ପ୍ରାୟୋଜକରୁ ଓହରି ଯିବା ପରେ ବିସିସିଆଇ ନୂଆ ପ୍ରାୟୋଜକ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିଲା। ସରକାରଙ୍କ ଅନଲାଇନ୍ ଗେମିଂ ଆଇନ୍ କାର୍ଯ୍ୟକାରୀ ହେବା ପରେ ବିସିସିଆଇ ଡ୍ରିମ ୧୧ ସହିତ ଚୁକ୍ତି ବାତିଲ କରିଥିଲା। ଡ୍ରିମ୍ ୧୧ ଜୁଲାଇ ୨୦୨୩ ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବିସିସିଆଇ ସହିତ ୩୫୮ କୋଟି ଟଙ୍କା ଚୁକ୍ତି କରିଥିଲା।ବିସିସିଆଇ ଗତ ୨ ତାରିଖ ଦିନ ଜର୍ସି ପ୍ରାୟୋଜକ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ଏହା ଅନୁଯାୟୀ ମଦ, ତମାଖୁ , ବେଟିଂ, ରିୟଲ୍ ମନି ଗେମିଂ , କ୍ରିପ୍ଟୋ କରେନ୍ସି ଏବଂ ପର୍ଣ୍ଣୋଗ୍ରାଫି ସହିତ ଜଡିତ ବ୍ରାଣ୍ଡ କମ୍ପାନୀ ଗୁଡିକୁ ଏହି ବିଟ୍‌ରେ ସାମିଲ କରାଯିବ ନାହିଁ। ବିସିସିଆଇ ଏହାର ଅଫିସିଆଲ୍ ଟୁଇଟରେ ଏହି ସୂଚନା ଦେଇଛି।

**ଏଥର ବିନା ପ୍ରାୟୋଜକରେ ଏସିଆ କପ୍ ଖେଳିବ ଭାରତ :-**

ଭାରତୀୟ ଦଳର ବିନା ପ୍ରାୟୋଜକରେ ଏସିଆ କପ୍ ଖେଳିବ। ଡ୍ରିମ୍ ୧୧ ପୂର୍ବରୁ ଚୁକ୍ତିନାମା ଶେଷ କରିସାରିଛି। ନୂଆ ପ୍ରାୟୋଜକ ପାଇଁ ବିଡିଂର ଶେଷ ତାରିଖ ସେପ୍ଟେମ୍ବର ୧୬ ରଖାଯାଇଛି। ଏସିଆ କପ୍ ୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଟେଣ୍ଡର କିଣିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଛି। ଏହି ଦୃଷ୍ଟିରୁ ଏସିଆ କପରେ ଭାରତୀୟ ଦଳ ବିନା ପ୍ରାୟୋଜକରେ ଖେଳିବ।

# ନୀଳଗିରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି,(ସବ୍ୟୁ) :ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରୀଆବାଡ ପଞ୍ଚାୟତ ରେ ଥିବା ଧିରିଘୁଟ ଖେଳ ପଡିଆରେ ମୁର୍ମୁ ହାଁସଦା କ୍ଲବ ଧିରିଘୁଟ ପକ୍ଷରୁ ପଞ୍ଚମ ତମ ୨ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନ ଶୁକ୍ରବାର ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଖେଳକୁ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ । ଶନିବାର ଫାଇନାଲ ମ୍ୟାଚରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ । ମୟୂରଭଞ୍ଜର ମୁର୍ମୁଗେଣ୍ଡା ଟୁର୍ଣ୍ଣାମେଣ୍ଟର ପ୍ରଥମ ପୁରସ୍କାର ବିଜେତା ଦଳ ପାଇଁ ୩୦,୦୦୦ ଟଙ୍କା, ଉପ ବିଜେତା ବିର୍ସାମୁଣ୍ଡା ପୁରସ୍କାର ୨୦,୦୦୦ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳକୁ ୪୦୦୦ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା । ସଭାପତି ଦୁଲା ମାଝି, କୋଷାଧ୍ୟକ୍ଷ ରାମ ମାଝି, ସମ୍ମାନୀୟ ଅତିଥିଭାବେ ମଦନ ମୋହନ ମାଝି, ବିଶମ୍ବର ପରିଡା, ସୁନାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୮ ରେ ବିସିସିଆଇକୁ ମିଳିବ ନୂଆ ସଭାପତି

ନୂଆଦିଲ୍ଲୀ, ୬।୯(ଏଜେନ୍ସି) : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଚଳିତ ମାସ ୨୮ ତାରିଖରେ ମୁମ୍ବାଇରେ ହେବାକୁ ଯାଉଛି। ଏହି ବୈଠକରେ ବୋର୍ଡ ଅଧ୍ୟକ୍ଷ ଓ ଆଇପିଏଲ୍ ଅଧ୍ୟକ୍ଷ ପଦ ସମେତ ଅନ୍ୟାନ୍ୟ ପଦ ପଦବୀ ପାଇଁ ନିର୍ବାଚନ ହେବ। ଚଳିତ ମାସ ଆରମ୍ଭରେ ବିସିସିଆଇ ଅଧ୍ୟକ୍ଷ ରୋଜର ବିନୀଙ୍କ ଇସ୍ତଫା ପରେ ବିସିସିଆଇ ଅଧ୍ୟକ୍ଷ ପଦ ଖାଲି ରହିଛି। ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମଲ ୬ ବର୍ଷ ପୂରଣ କରିଥିବାରୁ ବାଧ୍ୟତାମୂଳକ କୁଲିଂ ପିରିୟଡରେ ଯିବାର ସମ୍ଭାବନା ରହିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ବର୍ତ୍ତମାନର ସୁଦ୍ଧା ୩ ବର୍ଷର କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ଏଥିରେ ସେ ୨ ବର୍ଷ ୩ ମାସ ପର୍ଯ୍ୟନ୍ତ ଯୁଗ୍ମ ସମ୍ପାଦକ ୯ ମାସ ସମ୍ପାଦକ ରହିସାରିଛନ୍ତି। ଏପରି ସ୍ଥିତିରେ ସେ ନିଜ ପଦ ବଜାୟ ରଖିବାର ସମ୍ଭାବନା ରହିଛି। ଜୟଶାହ ଆଇସିସି ଅଧ୍ୟକ୍ଷ ହେବା ପରେ ଚଳିତ ବର୍ଷ ଜାନୁଆରୀରେ ସାଇକିଆଙ୍କୁ ସର୍ବସମ୍ମତିରେ ବିସିସିଆଇ ସମ୍ପାଦକ ନିଯୁକ୍ତି କରାଯାଇଥିଲା। ଅନ୍ୟ ପଦାଧିକାରୀ ଯେଉଁମାନେ ନିଜ ପଦ ବଜାୟ ରଖିଛନ୍ତି ସେମାନଙ୍କ ମଧ୍ୟରେ ରୋହନ ଦେସାଇ ଓ ପ୍ରଭତେଜ ଭାଟିଆଙ୍କ ନାଁ ସାମିଲ ଅଛି। ଗତ ମାର୍ଚ୍ଚରେ ରୋହନଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଥିଲ। ପ୍ରଭତେଜ ଜାନୁଆରୀରେ କୋଷାଧ୍ୟକ୍ଷ ନିଯୁକ୍ତି ହୋଇଥିଲେ।

ରୋଜର ବିନ୍ନି ୨୦୨୨ ଅକ୍ଟୋବରରେ ବିସିସିଆଇ ସଭାପତି ପଦ ଅଳଙ୍କୃତ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସ୍ଥାନ ନେଇଥିଲେ ବିନ୍ନି। ଗାଙ୍ଗୁଲି ୩ ବର୍ଷ ବିସିସିଆଇ ସଭାପତି ଦାୟିତ୍ୱ ତୁଲାଇଥିଲେ । ତାଙ୍କ ପରେ ବିନ୍ନି ମଧ୍ୟ ଏହି ଗୁରୁ ଦାୟିତ୍ୱ ତୁଲାଇବା ସହ ଗତ ଜୁଲାଇରେ ୭୦ ବର୍ଷ ବୟସ ହେବା ପରେ ସେ ଅବସର ଘୋଷଣା କରିଥିଲେ। ପୂର୍ବରୁ ଦାବି କରାଯାଉଥିଲା ଯେ ବିନ୍ନି ସେପ୍ଟେମ୍ବର ପର୍ଯ୍ୟନ୍ତ ସଭାପତି ପଦରେ ରହିବେ। କିନ୍ତୁ ଏହାର ଯଥେଷ୍ଟ ପୂର୍ବରୁ ସେ ପଦ ଛାଡିଥିଲେ। ବିନ୍ନିଙ୍କ କାର୍ଯ୍ୟକାଳ ସମୟରେ ଭାରତ ଦୁଇଟି ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିଥିଲା। ଆଇସିସି ଟି -୨୦ ବିଶ୍ୱ କପ୍ ୨୦୨୪ ଏବଂ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫। ଏହା ବ୍ୟତୀତ ବିନ୍ନିଙ୍କ କାର୍ଯ୍ୟକାଳ ସମୟରେ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏମ୍) ଆରମ୍ଭ ହୋଇଥିଲା। ଖେଳାଳିଙ୍କ ଦରମା ବୃଦ୍ଧି ଏବଂ ଟିମ୍ ଇଣ୍ଡିଆର ବରିଷ୍ଠ ଖେଳାଳିଙ୍କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳିବା ଉପରେ କଠୋର ପଦକ୍ଷେପ ନିଆଯାଇଥିଲା।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି